# ଧରିତ୍ରୀ DHARITRI

ଢେଙ୍କାନାଳ, ଶନିବାର, ଫେବୃୟାରୀ ୨୨/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Dhenkanal, Saturday, February 22 / 2020 | ★★★★★

୧୬ଶ ଭାଗ ୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ନିଜ ମତାମତକୁ ଅନ୍ୟମାନଙ୍କ ଉପରେ ଚାପିଦେବା ଲାଗି ବିକ୍ଷୋଭ ନାମରେ ରାସ୍ତା ଉପରେ ବସିରହି ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିବା ଏକପ୍ରକାର ଆତଙ୍କବାଦ।

-ଆରିଫ୍ ମହମ୍ମଦ ଖାନ୍, କେରଳ ରାଜ୍ୟପାଳ

## ସଂକ୍ଷେପରେ

### ଭାସ୍କର ଖୁଲ୍‌ବେ, ଅମରଜିତ୍ ସିହ୍ନା ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା

**ନୂଆଦିଲ୍ଲୀ,୨୧।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଦୁଇଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଲେ ଭାସ୍କର ଖୁଲ୍‌ବେ ଓ ଅମରଜିତ୍ ସିହ୍ନା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଦୁହେଁ ସଚିବ ସ୍ତର ପଦବୀରେ ଅବସ୍ଥାପିତ ହେବେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି (ଏସିସି) ଶୁକ୍ରବାର ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛି। ଉଭୟେ ୧୯୮୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ପଶ୍ଚିମବଙ୍ଗ କ୍ୟାଡର୍‌ର ଅଧିକାରୀ ଭାସ୍କର ପିଏମ୍‌ଓରେ କାର୍ଯ୍ୟ କରିଥିଲେ। ସେହିପରି ବିହାର କ୍ୟାଡର୍‌ର ଅମରଜିତ୍ ଗତବର୍ଷ ଗ୍ରାମ୍ୟ ଉନ୍ନୟନ ସଚିବ ପଦରୁ ଅବସର ନେଇଥିଲେ। ଏବେ ଦୁହିଁଙ୍କୁ ପିଏମ୍‌ଓରେ ୨ ବର୍ଷ ପାଇଁ ଠିକାରେ ନିଯୁକ୍ତି ମିଳିଛି।

### ରଣ୍‌ଥମ୍ବର ଜାତୀୟ ଉଦ୍ୟାନରୁ ୨୬ ବାଘ ନିଖୋଜ

**ଜୟପୁର,୨୧।୨(ପି.ଟି.):** ରାଜସ୍ଥାନର ରଣ୍‌ଥମ୍ବର ଜାତୀୟ ଉଦ୍ୟାନରୁ ୨୬ଟି ବାଘ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଭାଜପା ଏମ୍‌ପି ତଥା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ସଦସ୍ୟ ଦିୟା କୁମାରୀ ଏନେଇ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଚିଠି ଲେଖି ଜଣାଇବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସେ ରାଜ୍ୟ ସରକାରଙ୍କୁ ମଧ ଏ ସମ୍ପର୍କରେ ଜଣାଇଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ କହିଛନ୍ତି। ଏହି ଜାତୀୟ ଉଦ୍ୟାନ ବିରଳ ଜୀବଜନ୍ତୁ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ବାଘ ସଂଖ୍ୟା ହ୍ରାସ ପାଇବା କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ସ୍ପଷ୍ଟ କରୁଥିବା ସେ ଅଭିଯୋଗ କରିଛନ୍ତି। ବାଘ ଶିକାରୀମାନଙ୍କୁ ଧରାଯାଇ କଠୋର ଦଣ୍ଡବିଧାନ କରିବାକୁ ସେ ଦାବି କରିଛନ୍ତି।

### ‘୬ ମାସରେ ଆରମ୍ଭ ହେବ ରାମମନ୍ଦିର ନିର୍ମାଣ’

**ଗ୍ୱାଲିୟର, ୨୧।୨:** ଆଗାମୀ ୬ ମାସ ମଧରେ ଅଯୋଧାରେ ବିଶାଳ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅଧକ୍ଷ ମହନ୍ତ ନୃତ୍ୟଗୋପାଳ ଦାସ ଶୁକ୍ରବାର ପ୍ରକାଶ କରିଛନ୍ତି। କୌଣସି ସରକାରୀ ଅନୁଦାନ କିମ୍ୱା ଚାନ୍ଦାରେ ଏହା କରାଯିବ ନାହିଁ ବରଂ ଲୋକମାନଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଟ୍ରଷ୍ଟର ପରବର୍ତ୍ତୀ ବୈଠକରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ଭାବାବେଗକୁ ଆମେ ବୁଝୁଛୁ ଓ କାଳବିଳମ୍ବ ନ କରି ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ଟ୍ରଷ୍ଟ ଅଧକ୍ଷ କହିଛନ୍ତି।



# ଓ୍ୱାଇସିଙ୍କ ସଭାରେ ‘ପାକିସ୍ତାନ ଜିନ୍ଦାବାଦ’

ବେଙ୍ଗାଲୁରୁ,୨୧।୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ରାଲିରେ ‘ପାକିସ୍ତାନ ଜିନ୍ଦାବାଦ୍’ ସ୍ଲୋଗାନ ଦେଇଥିବା ଯୁବତୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହେବା ସହ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ଅତୀତରେ ଉକ୍ତ ଯୁବତୀଙ୍କର ମାଓବାଦୀଙ୍କ ସହ ସମ୍ପର୍କ

- ସ୍ଲୋଗାନ୍ ଦେଇଥିବା ଛାତ୍ରୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା
- ମାଓବାଦୀଙ୍କ ସହ ଅମୂଲ୍ୟାଙ୍କ ସମ୍ପର୍କ: ୟେଦୁରପ୍ପା
- ଯୁବତୀଙ୍କ ଘରେ ଭଙ୍ଗାରୁଜା କଲେ ହିନ୍ଦୁ ସପକ୍ଷବାଦୀ



ଅମୂଲ୍ୟା ଲିଓନା ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେବାପରେ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓ୍ୱାଇସି ତାଙ୍କ ହାତରୁ ମାଇକ୍ରୋଫୋନ ଛଡାଉଛନ୍ତି।

ରହିଥିଲା ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି।

ଏଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କ ଉପସ୍ଥିତିରେ ଅନୁଷ୍ଠିତ ‘ସମ୍ବିଧାନ ବଞ୍ଚାଅ’ ର୍‌ୟାଲିରେ ଅମୂଲ୍ୟା ଲିଓନା ନାମ୍ନୀ ଉକ୍ତ ଯୁବତୀ ତିନିଥର ‘ପାକିସ୍ତାନ ଜିନ୍ଦାବାଦ’ ସ୍ଲୋଗାନ ଦେଇଥିଲେ। ଦକ୍ଷିଣ ବେଙ୍ଗାଲୁରୁସ୍ଥିତ ଏକ ପ୍ରମୁଖ କଲେଜରେ ସାମ୍ବାଦିକତା ପଢୁଥିବା ଛାତ୍ରୀ ଅମୂଲ୍ୟାଙ୍କୁ ମଞ୍ଚରୁ ଓହ୍ଲାଇଦିଆଯାଇଥିଲା। ପୋଲିସ ତାଙ୍କୁ ଗିରଫ କରିବା ସହ ଦେଶଦ୍ରୋହ ମାମଲା ରୁଜୁ କରିଥିଲା। ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର ପରେ ଲିଓନାଙ୍କୁ ପୋଲିସ ୧୪ ଦିନ ରିମାଣ୍ଡରେ ନେଇଛି। ଅକ୍ଷମଣୀୟ ଭୁଲ୍ କରିଥିବା ଲିଓନାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ବାପା ଅସ୍‌ୱାଲ୍‌ଡ ନରୋହ୍ନା କହିଛନ୍ତି। ତାଙ୍କ ଭଳି ଲୋକଙ୍କୁ ସମର୍ଥନ କରୁଥିବା ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ୟେଦୁରପ୍ପା କହିଛନ୍ତି। ଏଭଳି ସ୍ଲୋଗାନ ଦେବା ପଛରେ ଆଇନଶୃଙ୍ଖଳା ଭଙ୍ଗକରିବା ଷଡ଼ଯନ୍ତ୍ର ଥିଲା। ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ୟେଦୁରପ୍ପା କହିଛନ୍ତି। ପୋଲିସ ଆୟୋଜକମାନଙ୍କୁ ମଧ ପଚରାଉଚରା କରୁଛି।

କେତେକ ହିନ୍ଦୁ ସଂଗଠନର କର୍ମୀ ଗୁରୁବାର ଚିକ୍କମାଗାଲୁର ଜିଲାର ଶିବପୁରାରେ ଥିବା ଲିଓନାଙ୍କ ଘର ଉପରେ ଢେଲାମାଡ଼ କରିବା ସହ ଭଙ୍ଗାରୁଜା କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣା ପରେ ଲିଓନାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦିଆଯାଇଛି। ଲିଓନାଙ୍କ ଏଭଳି କାର୍ଯ୍ୟ ପାଇଁ ତାଙ୍କ ବାପା ସାରା ଦେଶକୁ କ୍ଷମା ମାଗିଛନ୍ତି। ସେ ଝିଅଙ୍କୁ କୌଣସି ଆଇନଗତ ସହାୟତା ଦେବେନାହିଁ ବୋଲି ଖବରଦାତାମାନଙ୍କୁ କହିଛନ୍ତି।

# ସିଏଏ, ଏନ୍‌ଆର୍‌ସିକୁ ଭୟ କରନି: ଉଦ୍ଧବ

ନୂଆଦିଲ୍ଲୀ, ୨୧।୨

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଭାଜପା ହାତ ଛାଡ଼ି ମହାରାଷ୍ଟ୍ରରେ କଂଗ୍ରେସ, ଏନ୍‌ସିପି ସହ ମିଶି ଶିବସେନା ସରକାର ଗଠନ କରିବା ପରେ ମୋଦିଙ୍କ ସହ ଉଦ୍ଧବଙ୍କ ଏହା ପ୍ରଥମ ସାକ୍ଷାତ ଆଲୋଚନା। ଏହି ଅବସରରେ ପୁଅ ଆଦିତ୍ୟ ଠାକ୍‌ରେ ମଧ ମୋଦିଙ୍କୁ ଭେଟିଥିଲେ। ମହାରାଷ୍ଟ୍ରର ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି ସାକ୍ଷାତ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍ ନେଇ ବିସ୍ତୃତ ଆଲୋଚନା କରାଯାଇଥିବା ଉଦ୍ଧବ ପ୍ରକାଶ କରିଛନ୍ତି। ଦେଶରେ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ନେଇ ଯେଉଁ ଭୟର ବାତାବରଣ ସୃଷ୍ଟିହୋଇଛି, ସେଥିରେ କୌଣସି ସତ୍ୟତା ନାହିଁ। ଦେଶରୁ କାହାରିକୁ ବାହାର କରାଯିବ ନାହିଁ। ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୋଦି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିବା ଉଦ୍ଧବ ପ୍ରକାଶ କରିଛନ୍ତି।

ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ମେଣ୍ଟ ଭାଗୁଆଳି ଦଳ କଂଗ୍ରେସ ଓ ଏନ୍‌ସିପି ଅସନ୍ତୁଷ୍ଟ ଥିବା ବେଳେ ଉଦ୍ଧବଙ୍କ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ସମର୍ଥନ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ତଥାପି ରାଜ୍ୟର ‘ମହା ବିକାଶ ଅଘାଡ଼ି’ ମେଣ୍ଟ ସରକାର ପ୍ରତି କୌଣସି ବିପଦ ନ ଥିବା ଓ କ୍ଷମତାକୁ ନେଇ କିଛି ବାଦବିବାଦ ନ ଥିବା ମୁଖ୍ୟମନ୍ତ୍ରୀ ଠାକ୍‌ରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଆମେ ପୂର୍ଣ୍ଣ ୫ ବର୍ଷ ଶାସନ ଗାଦିରେ ରହିବୁ ବୋଲି ଦୃଢ଼ତାର ସହ ଉଦ୍ଧବ ଠାକ୍‌ରେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମହାରାଷ୍ଟ୍ର ସରକାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେ।

# ଟ୍ରମ୍ପ୍‌ଙ୍କ ସହ ଆସିବେ ଝିଅ ଇଭାଙ୍କା

**ଜୟପୁର,୨୧।୨(ପି.ଟି.):** ଭାରତ ଗସ୍ତରେ ଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ତାଙ୍କ ଝିଅ ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ କୁଶନର୍ ଆସିବେ। ଜାରେଡ୍ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବରିଷ୍ଠ ଉପଦେଷ୍ଟା ଅଛନ୍ତି। ଏଥିସହିତ ପ୍ରତିନିଧି ଦଳରେ ବହୁସଂଖ୍ୟାରେ ଆମେରିକାର ବହୁ ଉଚ୍ଚପଦସ୍ଥ ପଦାଧିକାରୀ ଆସୁଛନ୍ତି। ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଆସିବା କଥା ପୂର୍ବରୁ ଘୋଷଣା



ଇଭାଙ୍କା ଟ୍ରମ୍ପ୍‌ଙ୍କ ସହ ସ୍ୱାମୀ ଜାରେଡ୍ କୁଶନର୍।

କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଅଛନ୍ତି ଟେଜେରି ସଚିବ ଷ୍ଟିଭେନ୍ ନ୍ୟୁଶିନ୍, ବାଣିଜ୍ୟ ସଚିବ ୱିଲବର ରିସ୍, ଜାତୀୟ ସୁରକ୍ଷା ଉପଦେଷ୍ଟା ରବର୍ଟ ଓ’ବ୍ରାଏନ୍ ଏବଂ ଶକ୍ତି ସଚିବ ଡାନ ବ୍ରୁଲାଇଟ୍। ୨୪ ତାରିଖରେ ଟ୍ରମ୍ପ୍ ଅହମଦାବାଦରେ ପହଞ୍ଚିବେ। ସେଠାରେ ନବନିର୍ମିତ ମୋଟେରା କ୍ରିକେଟ ଷ୍ଟାଡିୟମରେ ଟ୍ରମ୍ପ୍‌ଙ୍କ ସ୍ୱାଗତ ପାଇଁ ଅନୁଷ୍ଠିତ ହେବାକୁ ଥିବା ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ସେଠାରୁ ଟ୍ରମ୍ପ୍ ଆଗ୍ରା ଯିବେ ଓ ଶେଷରେ ନୂଆଦିଲ୍ଲୀରେ ପହଞ୍ଚି ଦ୍ୱିପାକ୍ଷିକ ଆଲୋଚନାରେ ଭାଗନେବେ। ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଇଭାଙ୍କା ୨୦୧୭ ନଭେମ୍ବରରେ ହାଇଦ୍ରାବାଦ ଆସି ଗ୍ଲୋବାଲ ଇଣ୍ଟରପ୍ରିନ୍ୟୋରଶିପ୍ ସମିଟ୍‌ରେ ଯୋଗଦେଇଥିଲେ।

୨୫ ତାରିଖ ସକାଳେ ରାଷ୍ଟ୍ରପତି ଭବନ ପରିସରରେ ଟ୍ରମ୍ପ୍ ଓ ଫାଷ୍ଟ ଲେଡିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହାପରେ ସେମାନେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ସେଠାରୁ ଟ୍ରମ୍ପ୍ ହାଇଦ୍ରାବାଦ ହାଉସ୍ ଯିବେ। ସେଠାରେ ଟ୍ରମ୍ପ୍ ଓ ମୋଦିଙ୍କ ମଧରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବ। ଆତଙ୍କବାଦ ନିରୋଧୀ ଲଢ଼େଇରେ ଦୁଇଦେଶ ମଧରେ ସହଯୋଗ ବୃଦ୍ଧି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପାରସ୍ପରିକ ସହଯୋଗ ବଢ଼ାଇବା, ପ୍ରତିରକ୍ଷା ଓ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡିଛି। ଏତଦ୍‌ବ୍ୟତୀତ ଏଚ୍‌୧ବି ଭିଜା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଆଶା କରାଯାଉଛି।

ଟ୍ରମ୍ପ୍‌ଙ୍କ ଗସ୍ତ ଅବସରରେ ଦୁଇଦେଶ ମଧରେ ବୌଦ୍ଧିକ ସମ୍ପତ୍ତି ଅଧିକାର କ୍ଷେତ୍ରରେ ସହଯୋଗ, ବାଣିଜ୍ୟକୁ ସହଜ କରିବା ଏବଂ ସୁରକ୍ଷା ପ୍ରସଙ୍ଗରେ ୫ଟି ଚୁକ୍ତି ସ୍ୱାକ୍ଷରିତ ହେବା କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ଆମେରିକାରୁ ୨୪ଟି ଏମ୍‌ଏଚ୍-୬୦ ରୋମିଓ ହେଲିକପ୍ଟର ଏବଂ ୬ଟି ଏଏଚ୍-୬୪ଇ ଆପାଚେ ହେଲିକପ୍ଟର କିଣିବା ନେଇ ମଧ ଚୁକ୍ତି ସ୍ୱାକ୍ଷର ହେବା ଆଶା କରାଯାଉଛି।

### ଇତିହାସର ଆଇନାରେ — ଫେବୃୟାରୀ ୨୨ର ପ୍ରମୁଖ ଘଟଣା

୨୦୧୨ ଫେବୃୟାରୀ ୨୨ରେ ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସରେ ଏକ ରେଳ ଦୁର୍ଘଟଣା ଘଟି ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୭ ଶହରୁ ଅଧିକ ଲୋକ ଆହତ ହୋଇଥିଲେ।

୨୦୧୫ ଫେବୃୟାରୀ ୨୨ରେ ଢ଼ାକାର ମାଣିକଗଞ୍ଜ ଅନ୍ତର୍ଗତ ପଦ୍ମା ନଦୀରେ ଡଙ୍ଗା ବୁଡ଼ିଯିବାରୁ ୭୦ ଜଣଙ୍କ ପ୍ରାଣହାନି ଘଟିଥିଲା। ଡଙ୍ଗାରେ ଶତାଧିକ ଯାତ୍ରୀ ଥିଲେ। ଭାରତ ଓ ବାଂଲାଦେଶ ମଧରେ ପଦ୍ମା ଏକ ପ୍ରମୁଖ ନଦୀ ଭାବେ ଜଣାଶୁଣା।

# ସୁରକ୍ଷା ନିର୍ଦ୍ଦେଶ ଦିଅନ୍ତୁ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୨(ପି.ଟି.)

- ସର୍ତ୍ତ ବାଢ଼ିଲେ ଶାହିନବାଗ ବିକ୍ଷୋଭକାରୀ
- ଅଳ୍ପସମୟ ଖୋଲିଲା ଫରିଦାବାଦ-ନୋଏଡା ରାସ୍ତା

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦକ୍ଷିଣ-ପୂର୍ବ ଦିଲ୍ଲୀର ଶାହିନବାଗଠାରେ ଦୀର୍ଘ ୬୯ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ଫଳରେ ଫରିଦାବାଦ-ନୋଏଡା ରାସ୍ତା ଅବରୋଧ ହୋଇ ରହିଥିଲା। ଶୁକ୍ରବାର ସକାଳେ ଆନ୍ଦୋଳନ ସ୍ଥାନରେ କିଛି ସମୟ ପାଇଁ ରାସ୍ତାକୁ ଅବରୋଧମୁକ୍ତ କରାଯାଇଥିଲା। ପରେ ପୋଲିସ ବାରିକେଡ୍ ଦ୍ୱାରା ଏହାକୁ ବନ୍ଦ କରିଦେଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ ବୁଧବାର ଓ ଗୁରୁବାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଚଳାବସ୍ଥା ଦୂର ହୋଇ ନ ଥିଲେ ମଧ ରାସ୍ତା ଖୋଲିବା ସମ୍ଭାବନା ଥିବା ସେମାନେ ସୂଚନା ଦେଇଥିଲେ।

ଶୁକ୍ରବାର ସନ୍ଧ୍ୟାରେ ପୁଣିଥରେ ମଧ୍ୟସ୍ଥ ସଞ୍ଜୟ ହେଗଡେ ଏବଂ ସାଧନା ରାମଚନ୍ଦ୍ରନ୍ ବିକ୍ଷୋଭକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଆନ୍ଦୋଳନ ସ୍ଥାନ ସହ ସମାନ୍ତରାଳ ରାସ୍ତା ଖୋଲିବାକୁ ହେଲେ ସେମାନଙ୍କ ସୁରକ୍ଷା ଗ୍ୟାରେଣ୍ଟିନେଇ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ବିକ୍ଷୋଭକାରୀ କହିଛନ୍ତି। ଦିଲ୍ଲୀ ଓ ନୋଏଡାକୁ ଏକାଧିକ ରାସ୍ତା ସଂଯୋଗ କରୁଥିବାବେଳେ ଶାହିନବାଗରୁ ସେମାନଙ୍କୁ ଅନ୍ୟତ୍ର ଚାଲିଯିବାକୁ କ’ଣ ପାଇଁ କୁହାଯାଉଛି ବୋଲି ମହିଳା ବିକ୍ଷୋଭକାରୀମାନେ ବରିଷ୍ଠ ଆଇନଜୀବୀ ହେଗ୍‌ଡେ ଏବଂ ରାମଚନ୍ଦ୍ରନ୍‌ଙ୍କୁ ପ୍ରଶ୍ନ କରିଥିଲେ। ହେଗଡେ ମହିଳାମାନଙ୍କୁ କହିଥିଲେ, ଆଜି ଶିବରାତ୍ରି। ଆପଣମାନଙ୍କର କହିବାର ଅଧିକାର ରହିଛି। ଆପଣମାନେ ଯାହା କହିବାକୁ ଚାହୁଁଛନ୍ତି କୁହନ୍ତୁ। ତେବେ ରାସ୍ତା ବନ୍ଦ ଯୋଗୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସମସ୍ତଙ୍କ ପାଇଁ ଆମକୁ ମିଳିତ ନିଷ୍ପତ୍ତି ନେବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ। ମଧ୍ୟସ୍ଥଦ୍ୱୟ ଆଲୋଚନା ପାଇଁ ଦିଲ୍ଲୀ ପୋଲିସକୁ ମଧ ଆନ୍ଦୋଳନସ୍ଥଳକୁ ଡାକିଥିଲେ। ବିକ୍ଷୋଭସ୍ଥଳରେ ଲୋକଙ୍କୁ ସୁରକ୍ଷା ଦେବା ଲାଗି ରାସ୍ତାରେ ବାରିକେଡ୍ କରାଯାଇଛି। ରାସ୍ତାରୁ ବାରିକେଡ ହଟାଇଲେ ବିକ୍ଷୋଭକାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଦ୍ୱିଗୁଣିତ କରିବାକୁ ହେବ ବୋଲି ପୋଲିସ କହିଛି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ ବେଳେ ପୋଲିସ ସୁରକ୍ଷା ଦେଇପାରିଲା ନାହିଁ। ସେମାନେ ଆମକୁ କିପରି ସୁରକ୍ଷା ଦେବେ ବୋଲି ଜଣେ ମହିଳା ବିକ୍ଷୋଭକାରୀ ପ୍ରଶ୍ନ କରିଥିଲେ। ସେଥିପାଇଁ ସୁପ୍ରିମକୋର୍ଟଙ୍କଠାରୁ ଆମେ ସୁରକ୍ଷା ଗ୍ୟାରେଣ୍ଟି ଚାହୁଁଛୁ ବୋଲି ଅନ୍ୟଜଣେ ବିକ୍ଷୋଭକାରୀ କହିଛନ୍ତି।



ବିକ୍ଷୋଭ ସ୍ଥଳରେ ମଧ୍ୟସ୍ଥ ସାଧନା ରାମଚନ୍ଦ୍ରନ୍ ଓ ସଞ୍ଜୟ ହେଗଡ଼େ।



# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଫେବୃୟାରୀ ୨୨/୨୦୨୦ | Dhenkanal, Saturday, February 22 / 2020 | (ପୃଷ୍ଠା-୧)




## କ୍ରିକେଟରୁ ପ୍ରଜ୍ଞାନଙ୍କ ଅବସର

ଭେଟେରାନ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ଉଭୟ ଅନ୍ତର୍ଜାତୀୟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି।


୧୩

୦୮

## ସେଲିବ୍ରେଶନ ମୁଡ୍‌ରେ ବରୁଣ

ବରୁଣ ଧାୱନଙ୍କ ଅପ୍‌କମିଂ ଫିଲ୍ମ 'କୁଲି ନଂ-୧'ର ଶୁଟିଂ ଶେଷ ହୋଇଛି। ଏକଦମ୍ ସେଲିବ୍ରେଶନ ମୁଡ୍‌ରେ ଅଛନ୍ତି ପୂରା ଟିମ୍। ଏନେଇ ବରୁଣ ଖୁବ୍ ଖୁସି ଜଣାପଡୁଛନ୍ତି।





## ଆଜିର ସମ୍ପାଦକୀୟ

ରହିବନି 'କଲେକ୍ଟର' ପଦ

## ଆଜିର ମନ୍ତବ୍ୟ

"ନେତାଙ୍କ କଥା ଓ କାର୍ଯ୍ୟରେ ଫରକ ରହୁଥିବାରୁ ଭାରତର ରାଜନୀତି ଏକ ବିଶ୍ୱସନୀୟତାର ସଙ୍କଟକୁ ସାମ୍ନା କରୁଛି।

–ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଜାନୁୟାରୀ ସମୟରେ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣ ୭% ହ୍ରାସ ଘଟି ୩୭୮ ନିୟୁତ ଟନ୍ ରହିଛି। – **କୋଇଲା ମନ୍ତ୍ରଣାଳୟ**


Vencobb FRESH CHICKEN — Taste the difference!

21.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 43 | 84 | 94 |
| DKL | 44 | 85 | 95 |
| BDK | 47 | 89 | 99 |
| BLS | 49 | 92 | 102 |
| ANG | 45 | 87 | 97 |
| BMP | 42 | 83 | 93 |

*Conditions Apply

Issued in the Interest of Consumers


# ବିବାଦରେ ବନ୍ଧ୍ୟାକରଣ ଏଜେଣ୍ଡା

**ଭୋପାଳ,୨୧।୨**

ଅନ୍ୟୂନ ଜଣେ ପୁରୁଷଙ୍କ ବନ୍ଧ୍ୟାକରଣ କରାଅ। ନଚେତ୍ ଚାକିରି ଛାଡ଼। ପୁରୁଷ ବହୁ–ଉଦ୍ଦେଶୀୟ ସ୍ୱାସ୍ଥ୍ୟକର୍ମୀ (ଏମ୍‌ପିଏଚ୍‌ଡବ୍ଲ୍ୟୁ)ମାନଙ୍କୁ ଏଭଳି ବିଚିତ୍ର ନିର୍ଦ୍ଦେଶନାମା ଜାରି କରି ବିବାଦରେ ଫସିଛନ୍ତି ମଧ୍ୟପ୍ରଦେଶର କମଲନାଥ ସରକାର।



ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ

ମଧ୍ୟପ୍ରଦେଶରେ ମାତ୍ର ୦.୫% ପୁରୁଷ ନିଜର ବନ୍ଧ୍ୟାକରଣ କରାଇଛନ୍ତି ବୋଲି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ–୪ରେ ଦର୍ଶାଯାଇଛି। ଉକ୍ତ ରିପୋର୍ଟ ଆଧାରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପକ୍ଷରୁ ରାଜ୍ୟର ବରିଷ୍ଠ ଜିଲା ଅଧିକାରୀ ଓ ଚିଫ୍ ମେଡିକାଲ ଆଣ୍ଡ ହେଲ୍‌ଥ ଅଫିସର(ସିଏଚ୍‌ଏମ୍‌ଓ)ମାନଙ୍କୁ ଏକ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଧିକାରୀମାନେ ଏପରି ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଚିହ୍ନଟ କରିବେ, ଯେଉଁମାନେ କି ୨୦୧୯–୨୦ ଆର୍ଥିକ ବର୍ଷରେ ଜଣେ ହେଲେ ପୁରୁଷଙ୍କ ବନ୍ଧ୍ୟାକରଣ କରିନାହାନ୍ତି। ବନ୍ଧ୍ୟାକରଣ କରାଇବାରେ ବିଫଳ ହେଲେ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ବନ୍ଦ କରିଦିଆଯିବା ସହ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ଏଥିରେ ନିର୍ଦ୍ଦେଶ ରହିଛି। ମାର୍ଚ୍ଚ ୩୧ରେ ଏହି ଅବଧି ଶେଷ ହେଉଥିବାବେଳେ 'କାମ ନାହିଁ ତ ଦରମା ନାହିଁ' ନିୟମକୁ ଏଥିରେ କଡ଼ାକଡ଼ି କରାଯାଇଛି। ଫେବୃୟାରୀ ୧୧ରେ ଏନ୍‌ଏଚ୍‌ଏମ୍ ପକ୍ଷରୁ ଜାରି ☞ପୃଷ୍ଠା–୨

### କମଲନାଥ ସରକାରଙ୍କ ବିଚିତ୍ର ନୀତି

- ଅନ୍ୟୂନ ଜଣେ ପୁରୁଷଙ୍କ ବନ୍ଧ୍ୟାକରଣ କରାଇବେ ସ୍ୱାସ୍ଥ୍ୟକର୍ମୀ
- ଏଥିରେ ବିଫଳ ହେଲେ ସ୍ୱାସ୍ଥ୍ୟକର୍ମୀଙ୍କ ଚାକିରି ଯିବ
- ସର୍କୁଲାରରେ ଏହାକୁ 'ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' କାର୍ଯ୍ୟ ବୋଲି ଦର୍ଶାଯାଇଛି
- ବିବାଦ ଉଠିବା ପରେ ନିର୍ଦ୍ଦେଶନାମା ପ୍ରତ୍ୟାହୃତ

### ଇନ୍ଦିରା, ଜରୁରୀ ପରିସ୍ଥିତି ଓ ଗଣବନ୍ଧ୍ୟାକରଣ

୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ପରିସ୍ଥିତି ଜାରି କରିଥିବାବେଳେ ତାଙ୍କ ପୁଅ ସଞ୍ଜୟ ଗାନ୍ଧୀ ଏକ ବିଚିତ୍ର ଅଭିଯାନ ଆରମ୍ଭ କରିଥିଲେ। ତାହା ହେଉଛି ପୁରୁଷ ବନ୍ଧ୍ୟାକରଣ। ଗରିବ ପୁରୁଷମାନଙ୍କୁ ବର୍ଷକ ମଧ୍ୟରେ ବନ୍ଧ୍ୟାକରଣ କରିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। ପୋଲିସ କର୍ମଚାରୀମାନେ ଗାଁଗୁଡ଼ିକୁ ଘେରି ପୁରୁଷମାନଙ୍କୁ ଘୋଷାଡ଼ି ଘୋଷାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ସେତେବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଯୋଜନା ଅନୁସାରେ କେନ୍ଦ୍ର ସରକାର ୬.୨ ନିୟୁତ ପୁରୁଷଙ୍କ ଅସ୍ତ୍ରୋପଚାର କରାଇଥିଲେ। ଭୁଲ ଅପରେଶନ ଯୋଗୁ ୨ ହଜାରରୁ ଊର୍ଦ୍ଧ୍ୱ ପୁରୁଷଙ୍କ ମୃତ୍ୟୁ ଘଟିଥିଲା। ନାଜିମାନଙ୍କ ପୁରୁଷ ବନ୍ଧ୍ୟାକରଣ ବେଳର ମୃତ୍ୟୁସଂଖ୍ୟାର ଏହା ୧୫ ଗୁଣ ଅଧିକ ବୋଲି ସାଇନ୍ସ ଜର୍ନାଲିଷ୍ଟ ମାରା ହବିସ୍ତୋନଦହଲ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏହି ଗଣଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବାରୁ ସଞ୍ଜୟ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ରୁକ୍‌ଶାନା ସୁଲତାନା ଅନେକ ଦୁର୍ନାମ ମୁଣ୍ଡାଇଥିଲେ।



**ଶ୍ରୀଲିଙ୍ଗରାଜ ମନ୍ଦିର**
**୯ଟା ୪୫ରେ ମହାଦୀପ**

# ସଅଳ ଉଠିଲା ମହାଦୀପ

ପୁରୁଣା ଭୁବନେଶ୍ୱର, ୨୧।୨ (ଡି.ଏନ.ଏ.)

ଶୁକ୍ରବାର ମହାଶିବରାତ୍ରି ଲାଗି ଏକାମ୍ର କ୍ଷେତ୍ର ଭକ୍ତିମୟ ହୋଇ ଉଠିଥିଲା। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ବେଢା ଓ ବାହାରେ ପୂର୍ବାହ୍ନରୁ ବିଳମ୍ବିତ ରାତି ଯାଏ ଚାଲିଥିଲା 'ଓଁ ନମଃ ଶିବାୟ' ମନ୍ତ୍ର ଉଚ୍ଚାରଣ। ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ପାଳି ଶିବ ଆରାଧନାରେ ନିଜକୁ ହଜାଇଥିଲେ। ମହାଦୀପ ଉଠିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ରାତି ୧୦ଟା ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ସେବାୟତମାନଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ସମସ୍ତ ରୀତିନୀତି ସଅଳ ଓ ସୁରୁଖୁରୁ ସମ୍ପନ୍ନ ହୋଇଥିଲା। ☞ପୃଷ୍ଠା–୨

# ଭୁବନେଶ୍ୱର ଏମ୍ସରେ ହିନ୍ଦୀ ଭାଷାର ଗୁରୁତ୍ୱକୁ ସବୁ ମହଲରେ ବିରୋଧ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ସମସ୍ତ କର୍ମଚାରୀ ଓ ଫାକଲ୍ଟି ହିନ୍ଦୀ ଭାଷାରେ ଦସ୍ତଖତ କରିବା ସହ ରେକର୍ଡ ପ୍ରସ୍ତୁତ କରିବେ। ଏହି ମର୍ମରେ ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୌଣସି କାରଣ ନ ଥାଇ ହିନ୍ଦୀଭାଷାକୁ ଓଡ଼ିଶାରେ ଥିବା ଏମ୍ସ କର୍ମଚାରୀଙ୍କ ଉପରେ ଲଦି ଦିଆଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ପିନାକୀ ମିଶ୍ର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହାକୁ ବିରୋଧ କରି ଟୁଇଟ୍ କରିଛନ୍ତି। ଟୁଇଟ୍ ମାଧ୍ୟମରେ ପିନାକୀ ଉଲ୍ଲେଖ କରିଛନ୍ତି ଯେ, ଭାଷାଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ତେଣୁ ଏହି ରାଜ୍ୟର ମାତୃଭାଷାକୁ ଅଣଦେଖା କରି ଅନ୍ୟ କୌଣସି ଭାଷା ଲଦିଦେବା ଠିକ୍ ନୁହେଁ, ବିଶେଷକରି ଓଡ଼ିଶାରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନରେ ଏହା ଗ୍ରହଣୀୟ ନୁହେଁ। ରାଜ୍ୟର ଲୋକମାନେ ଓଡ଼ିଆ ଭାଷା ସହ ଅଭ୍ୟସ୍ତ। ତେଣୁ ☞ପୃଷ୍ଠା–୨

# ସୁନ୍ଦରୀ ବେକରୁ ଖୋଲାଗଲା ରେଡିଓ କଲାର

ବନ୍ତଲା, ୨୧।୨ (ଡି.ଏନ.ଏ.)



- ବେକରେ ଚାପିହୋଇ ରହିଥିଲା
- ଟ୍ରାଙ୍କୁଲାଇଜ ପରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ
- ଗଠନ ହୋଇଥିଲା ୧୦ଜଣିଆ ଟିମ୍

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ବନ୍ତଲା ଥାନା ରାଇଗୁଡା ରେଞ୍ଜ ଏନ୍‌କ୍ଲୋଜରରେ ଥିବା ବାଘୁଣୀ ସୁନ୍ଦରୀ ବେକରୁ ଶୁକ୍ରବାର ରେଡିଓ କଲାର ଖୋଲାଯାଇଛି। ଓଜନ ବୃଦ୍ଧି କାରଣରୁ ସୁନ୍ଦରୀର ବେକ ମୋଟା ହୋଇଯାଇଥିଲା। ଫଳରେ ରେଡିଓ କଲାର ଚାପି ହୋଇ ସମସ୍ୟା ସୃଷ୍ଟି କରୁଥିଲା। ତେଣୁ ଟ୍ରାଙ୍କୁଲାଇଜ କରାଯିବା ପରେ ରେଡିଓ କଲାରଟିକୁ ବାହାର କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାପେକ୍ଷା ସୁନ୍ଦରୀ ଅଧିକ ହୃଷ୍ଟପୁଷ୍ଟ ହୋଇଯାଇଛି। ବାଘୁଣୀର ବେକ ସଂଲଗ୍ନ ଅଂଶ ମୋଟା ହୋଇଯାଇଛି। ତେଣୁ ବନ୍ଧା ଯାଇଥିବା ରେଡିଓ କଲାର ତାହାର ଚାଲିଚଳନ ଉପରେ ପ୍ରଭାବ ପକାଉଥିଲା। ତେଣୁ ବାଘୁଣୀକୁ ☞ପୃଷ୍ଠା–୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................


ଆକାଶ
ପରିବାରବର୍ଗ


ଧର୍ମେଶ
ପରିବାରବର୍ଗ


ଦୀପ୍ତାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାହାଡ଼ରୁ ପଥର ଖସି ୨୪ ଶିବଭକ୍ତ ଗୁରୁତର


ଜଟିଆପାହାଡ ପାଦଦେଶରେ ଭକ୍ତମାନଙ୍କ ଗହଳି।



ଗୁରୁତର ଆହତମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

- ଜଟିଆପାହାଡ଼ ଶୈବପୀଠ ଦର୍ଶନ ପାଇଁ ଧାଡ଼ିରେ ଠିଆ ହୋଇଥିଲେ
- ଆହତଙ୍କ ମଧ୍ୟରେ ଅଛନ୍ତି ଜଣେ ଶିଶୁକନ୍ୟା, ୫ ନାବାଳିକା
- ସମସ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର

**ନୂଆଗାଁ,୨୧।୨ (ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଜଟିଆପାହାଡ ଶୈବପୀଠରେ ଶୁକ୍ରବାର ଜାଗରରେ ଏକ ଦୁଃଖଦ ଘଟଣା ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ପଥର ପାହାଡ଼ ଉପରୁ ଖସିପଡିବାରୁ ପ୍ରାୟ ୨୪ ଶିବଭକ୍ତ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଶିଶୁକନ୍ୟା ଓ ୫ ନାବାଳିକାଙ୍କ ସମେତ ୧୮ ମହିଳା, ୬ ପୁରୁଷ ଅଛନ୍ତି। ସେମାନେ ହେଲେ ପୁରୁଣାପାଣି ଅଞ୍ଚଳର ଭନ୍ଦା ଲାଖୁଆ, ନିର୍ମଳା ସିଂ, ସଲମ ଲାଖୁଆ, ଯୁଦାଧର ଲାଖୁଆ, ସାଗର ଲାଖୁଆ, ଜୀରାମତୀ ସିଂ, ପଦ୍ମାବତୀ ସିଂ, ସଂଯୁକ୍ତା କୁମାରୀ, ପୂଜନ ଶର୍ମା, ଗୋଲଘରୁ ଗ୍ରାମର ସାବିତ୍ରୀ ସିଂ, ଝାଡଖଣ୍ଡର ଆକାଶ ବଡାଇକ, ଯୋଶମତୀ ଦେବୀ, ଜୟମନୀ କୁମାରୀ ପ୍ରମୁଖ । ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ହସ୍‌ପିଟାଲ (ଆର୍‌ଜିଏଚ)କୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ପରେ ଶିବଭକ୍ତଙ୍କ ମଧ୍ୟରେ ଛନକା ପଶିଯାଇଥିଲା। ଭୟରେ ବହୁଭକ୍ତ ଶୈବପୀଠରୁ ଚାଲି ଯାଇଥିଲେ। ଘଟଣାସ୍ଥଳରେ ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ବୀରମିତ୍ରପୁର ଏସ୍‌ଡିପିଓ ନିବେଦିତା ସୋରେନ, ବୀରମିତ୍ରପୁର ତହସିଲଦାର ଅଂଶୁମାନ ଦାଶ ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

ହାତୀବାରିଠାରୁ ପ୍ରାୟ ୮ କି.ମି ଦୂର କନ୍ଦରକେଲା ପଞ୍ଚାୟତର ରଣାକଟା ଗାଁରେ ଜଟିଆପାହାଡ ରହିଛି। ପାହାଡ ଶିଖରରେ ଶିବମନ୍ଦିର ଥିବାରୁ ଏହି ଶୈବପୀଠକୁ ଜଟିଆବାବା ଶୈବପୀଠ ବୋଲି କୁହାଯାଏ। ଶିବରାତ୍ରି ଉପଲକ୍ଷେ ଆଖପାଖ ଅଞ୍ଚଳ ସମେତ ପଡୋଶୀ ରାଜ୍ୟ ଝାଡଖଣ୍ଡରୁ ହଜାର ହଜାର ଶିବଭକ୍ତ ଭୋର ୪ଟାରୁ ଜଳାଭିଷେକ କରିବାକୁ ମନ୍ଦିର ପାଦଦେଶରେ ଧାଡ଼ିରେ ଛିଡା ହୋଇଥିଲେ। ହାତୀବାରି ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ତେବେ କୌଣସି କାରଣରୁ ପାହାଡ ଶିଖରରୁ ଏକ ବଡ଼ ପଥର ଖସି ଖଣ୍ଡ ଖଣ୍ଡ ହୋଇ ଧାଡ଼ିରେ ଛିଡ଼ା ହୋଇଥିବା ଭକ୍ତମାନଙ୍କ ଉପରେ ପଡିଥିଲା। ଏପରି କି ପାହାଡ ପାଦଦେଶରେ ବସିଥିବା କେତେଜଣ ଭକ୍ତଙ୍କ ଉପରେ ବି ସେହି ପଥର ଖଣ୍ଡ ପଡ଼ିଥିଲା। ଏହି ଘଟଣା ପରେ ଭକ୍ତମାନେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ବିଭିନ୍ନ ସ୍ଥାନରେ ପଥର ବାଜିବାରୁ କେତେକ ଭକ୍ତ ସେଠାରେ ପଡିଯାଇଥିଲେ। ଖବରପାଇ ନୂଆଗାଁ ଦମକଳ ବାହିନୀ ପହଞ୍ଚି ସମସ୍ତ ଆହତମାନଙ୍କୁ ପ୍ରଥମେ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ବିବାଦରେ ବନ୍ଧ୍ୟାକରଣ...

ସର୍କୁଲାରରେ ଏହାକୁ 'ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' କାର୍ଯ୍ୟ ବୋଲି ଅଭିହିତ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଅନ୍ୟୂନ ଜଣେ ପୁରୁଷଙ୍କୁ ବୁଝାଇସୁଝାଇ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଇବାକୁ ନିର୍ଦ୍ଦେଶ ରହିଥିଲା। ଏହାସହ ଜିଲାଗୁଡ଼ିକରେ ଶିବିର ଆୟୋଜନ ବେଳେ ଏମ୍‌ପିଏଚ୍‌ଡବ୍ଲ୍ୟୁମାନେ ଅନ୍ୟୂନ ୫ରୁ ୧୦ ଜଣ ଆଗ୍ରହୀ ହିତାଧିକାରୀଙ୍କୁ ଅସ୍ତ୍ରୋପଚାର କରାଇବେ ବୋଲି କୁହାଯାଇଥିଲା। ନିର୍ଦ୍ଦେଶନାମାକୁ ନେଇ ବିବାଦ ସୃଷ୍ଟିହେବା ପରେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ମଧ୍ୟପ୍ରଦେଶ ଏନ୍‌ଏଚ୍‌ଏମ୍ ଉପନିର୍ଦ୍ଦେଶିକା ପ୍ରଜ୍ଞା ତିୱାରୀ କହିଛନ୍ତି, ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶନାମାକୁ ତତ୍କାଳ ରଦ୍ଦ କରାଯାଉଛି। ଏଥିରେ ବ୍ୟବହାର କରାଯାଇଥିବା ଭାଷା ଠିକ୍ ନ ଥିଲା। ଉପଯୁକ୍ତ ବିଚାର ପରେ କାମ କରାଯିବା ଉଚିତ। ତେବେ ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ତୁଳସୀ ସିଲାୱତ୍‌ଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଭୁବନେଶ୍ୱର ଏମ୍ସରେ ହିନ୍ଦୀ ଭାଷାର ...

ଏମ୍ସରେ ଓଡ଼ିଆର ବ୍ୟବହାର ଦ୍ୱାରା ଲୋକମାନଙ୍କୁ ସେଠାରେ ଉପଲବ୍ଧ ସେବା ଓ ସୁବିଧା ମିଳିବା ସହଜ ହେବ ବୋଲି ପିନାକୀ କହିଛନ୍ତି। ସେହିଭଳି ଏମ୍ସ କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତ୍ତି ପ୍ରତିବାଦରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ଅଭିଯୋଗ କରାଯିବ। ଏଥିସହିତ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ପରିବର୍ତ୍ତନ ପାଇଁ କୁହାଯିବ ବୋଲି ସେ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ସେହିଭଳି ପିସିସି ସଭାପତି ନିରଞ୍ଜନ ଟୁଇଟ୍ କରି କହିଛନ୍ତି ଯେ, ଭୁବନେଶ୍ୱର ଏମ୍ସ ଦ୍ୱାରା ଜାରି କରାଯାଇଥିବା ସର୍କୁଲାର ଓଡ଼ିଆ ଭାଷା ଓ ରାଜ୍ୟର ସମୃଦ୍ଧ ସଂସ୍କୃତି ପ୍ରତି ଅପମାନ। ରାଜ୍ୟ ଉପରେ କୌଣସି ମତେ ହିନ୍ଦୀ ଲଦି ଦିଆଯିବାକୁ କଂଗ୍ରେସ ପକ୍ଷରୁ ବରଦାସ୍ତ କରାଯିବ ନାହିଁ। ମୋଦି ସରକାର ହିନ୍ଦୀ ଭାଷୀ ମାନସିକତାରୁ ମୁକ୍ତ ହେବା ଆବଶ୍ୟକ। ଏଥି ସହିତ ଓଡ଼ିଆ, ଯାହାକି ଏକ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଛି, ତାହାର ପ୍ରଚାର ପ୍ରସାର କରିବା ଉଚିତ ବୋଲି ନିରଞ୍ଜନ କହିଛନ୍ତି। ଉତ୍କଳ ସମ୍ମିଳନୀ ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି ଯେ, ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତ୍ତିକୁ ଆମେ ବିରୋଧ କରୁଛୁ। କୌଣସି ଭାଷାକୁ ବ୍ୟବହାର କରିବା ନେଇ କାହାକୁ ବାଧ୍ୟ କରାଯିବା ଉଚିତ ନୁହେଁ। ଏହି ମର୍ମରେ ଦାଶଶର୍ମା ଏମ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିବା ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏମ୍ସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ସମସ୍ତ କର୍ମଚାରୀ ଦସ୍ତଖତ ସହ ସେମାନଙ୍କ ନାମ ଓ ରେଜିଷ୍ଟରରେ ହେଉଥିବା ସବୁ କାର୍ଯ୍ୟ ହିନ୍ଦୀରେ କରିବେ। ଚିଠିରେ ସର୍ବନିମ୍ନ ୩୦% ଏବଂ ଯୋଗାଯୋଗ ଲାଗି ଅନ୍ୟୂନ ୫୫% ହିନ୍ଦୀଭାଷା ବ୍ୟବହାର କରିବାକୁ କୁହାଯାଇଛି। ହିନ୍ଦୀଭାଷାରେ ଆସୁଥିବା ସମସ୍ତ ପତ୍ରର ଉତ୍ତର ସେହି ଭାଷାରେ ଦେବାକୁ ମଧ୍ୟ କୁହାଯାଇଛି। ପ୍ରଶାସନିକ ବୈଠକ ବେଳେ ହିନ୍ଦୀଭାଷା ବ୍ୟବହାର କରାଯିବା ସହ ଏହା ପରବର୍ତ୍ତୀ ବିବରଣୀ ଏହି ଭାଷାରେ ଉଲ୍ଲେଖ କରିବା ଲାଗି ନିର୍ଦ୍ଦେଶ ରହିଛି। 'ଭୁବନେଶ୍ୱର ଏମ୍ସର ଅବାନ୍ତର ନିଷ୍ପତ୍ତି' ଶୀର୍ଷକ ଏକ ଖବର 'ଧରିତ୍ରୀ' ପ୍ରଥମ ପୃଷ୍ଠାରେ ଶୁକ୍ରବାର(୨୧ ଜାନୁୟାରୀ, ୨୦୨୦) ପ୍ରକାଶ ପାଇଥିଲା।

## ସୁନ୍ଦରୀ ବେକରୁ ଖୋଲାଗଲା ...

ଟ୍ରାଙ୍କୁଲାଇଜ୍ କରିବା ଆବଶ୍ୟକ ହୋଇପଡ଼ିଥିଲା। ଏଥି ଲାଗି ସାତକୋଶିଆ ଏବଂ ଶିମିଳିପାଳର ପ୍ରାଣୀ ଡାକ୍ତର, ବିଶେଷଜ୍ଞଙ୍କୁ ନେଇ ୧୦ଜଣିଆ ଟିମ ଗଠନ କରାଯାଇଥିଲା। ଟ୍ରାଙ୍କୁଲାଇଜ୍ ପରେ ସୁନ୍ଦରୀର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ଏଥିସହ ମୁହଁଠାରୁ ଲାଞ୍ଜ, ଗୋଲେଇ, ବେକଗୋଲେଇ, ଉଚ୍ଚତା, ଗୋଡ଼ର ଉଚ୍ଚତା ମପାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ, ସାତକୋଶିଆ ଡିଏଫଓ ରାମସ୍ୱାମୀ ପି, ପ୍ରାଣୀ ଚିକିତ୍ସକ କିଶୋର ସାହୁ, ଏସିଏଫ ସରୋଜ କୁମାର ପଣ୍ଡା, ରାଇଗୁଡା ରେଞ୍ଜ ଅଧିକାରୀ, ପ୍ରାଣୀ ବିଶେଷଜ୍ଞ ରୁଦ୍ର ନାରାୟଣ ପ୍ରଧାନ ପ୍ରମୁଖ ଟ୍ରାଙ୍କୁଲାଇଜ୍ ବେଳେ ଉପସ୍ଥିତ ଥିଲେ। ପୂର୍ବାହ୍ନ ସାଢେ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଟ୍ରାଙ୍କୁଲାଇଜ୍ ପ୍ରକ୍ରିୟା ଅପରାହ୍ନ ୨ଟା ଯାଏ ଚାଲିଥିଲା। ସମସ୍ତ କାର୍ଯ୍ୟ ସୁରକ୍ଷିତ ଭାବେ ଶେଷ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସାତକୋଶିଆ ଡିଏଫଓ କୁହନ୍ତି, ସୁନ୍ଦରୀ ବେକରୁ ରେଡ଼ିଓ କଲାର ଖୋଲାଯାଇଛି। ଆଉ କୌଣସି ରେଡିଓ କଲାର ଲଗାଯାଇନାହିଁ। ଶନିବାର ପ୍ରେସ ମିଟ୍ କରାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ସଅଳ ଉଠିଲା ...

ନିର୍ଦ୍ଧାରିତ ସମୟର ୧୫ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ୯ଟା ୪୫ ମିନିଟ୍‌ରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ମନ୍ଦିର ଚୂଡ଼ାରେ ୩ଥର ପରିକ୍ରମା କରାଯିବା ପରେ ମହାଦୀପକୁ କଳସ ନିକଟରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରହର ମହାଦେବ ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ମାନସିକ ସ୍ଥିତି ଭଲ ରହିବ ଏବଂ ପ୍ରତ୍ୟେକ କାମ ଯଥା ସମୟରେ ସମ୍ପନ୍ନ ହେବ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି। ନିକଟ ସମ୍ପର୍କୀୟମାନେ ଦୂରେଇରହିବେ।

**ବୃଷ** ଉଚ୍ଚରାଶିରେ ଶୁକ୍ର ଥିବାରୁ ପ୍ରତ୍ୟେକ ପ୍ରତିବନ୍ଧକକୁ ଚତୁରତାର ସହ ସମ୍ମୁଖୀନ ହୋଇ ସଫଳତା ପ୍ରାପ୍ତ ହେବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷାକରି ସମାଲୋଚିତ ହେବେ । ପ୍ରଶାସନ,ଆଇନ, କଳା,ସାହିତ୍ୟ,ସାମ୍ବାଦିକତାରେ ଉନ୍ନତି କରିବେ।

**ମିଥୁନ** ପାପାକ୍ରାନ୍ତ ବୁଧ ବନ୍ଧୁମାନଙ୍କ ସହ ମତାନ୍ତର ସୃଷ୍ଟିକରି ନୂତନ ସମସ୍ୟା ସୃଷ୍ଟିକରିବେ। ମୃଗଶିରା ନକ୍ଷତ୍ର ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେଲେ ସଫଳତା ପାଇପାରିବେ। ପରିବାରରେ ପାରସ୍ପରିକ ଦୋଷ ଦୁର୍ବଳତାର ଆଲୋଚନାକରି ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପିଲାଙ୍କ ଅଭିଯୋଗ ଦୁଶ୍ଚିନ୍ତାର କାରଣ ହେବ।

**କର୍କଟ** ଭାଗ୍ୟସ୍ଥାନରେ ଶୁକ୍ର ଥିବାରୁ ଆଜି ସକାଳୁ ସକାଳୁ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ଦକ୍ଷତା ଓ ସଚ୍ଚୋଟତା ହେତୁ କର୍ମକ୍ଷେତ୍ରରେ ଅଥବା ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ତରରେ ବିଚଳିତ ରହିପାରନ୍ତି।

**ସିଂହ** ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଦିନ ମଧ୍ୟରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କେତେକ ସ୍ଥଗିତ କାମ ସକାଶେ ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** ମନ୍ତ୍ରଣା ସ୍ଥାନରେ ଶନି ଥିବାରୁ ଆଇନ, ଅଦାଲତ, ଗଣତାନ୍ତ୍ରିକ ପ୍ରକ୍ରିୟା ତଥା ସାଙ୍ଗଠନିକ କାର୍ଯ୍ୟରେ ସଫଳତା ମିଳିବ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାନକୁହା କଥା ଶୁଣି ପରିବାରରେ ପାରସ୍ପରିକ ସନ୍ଦେହ ଭାବ ଜାଗ୍ରତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ରହିପାରନ୍ତି।

**ତୁଳା** ଶନିଯୁକ୍ତ କର୍ମାଧିପତିଙ୍କ ଶୁଭଦୃଷ୍ଟିରୁ ବିଗତ ଦିନଗୁଡ଼ିକରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ। ମାଙ୍ଗଳିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିପାଇବ।

**ବିଛା** ମନ ଅନୁଯାୟୀ କୌଣସି କାର୍ଯ୍ୟ ନ ହୋଇପାରିବା ଯୋଗୁ ମାନସିକ ସ୍ଥିତି ଭଲ ରହିବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଫଳତଃ ସ୍ଥଗିତ କାମକୁ ପୂରାଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ଯାହାକି ଆଗାମୀ ସମୟରେ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ଧନୁ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲାରେ ଆଇନର କାଠଗଡ଼ାକୁ ଦୌଡ଼ିବାକୁ ପଡ଼ିପାରେ। ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ କାରଣରୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି।

**ମକର** ସ୍ୱଗୃହୀ ଶନିଙ୍କ ସୁପ୍ରଭାବଜନିତ ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ । କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ଏବଂ ନୂତନ କାର୍ଯ୍ୟାରମ୍ଭ ପ୍ରୀତିପ୍ରଦ ରହିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ** ଚତୁର୍ଥ ସ୍ଥାନ ପାପପ୍ରଭାବରୁ ମୁକ୍ତ ରହିଥିବାରୁ ପାରିବାରିକ ଓ ସାମାଜିକ ସ୍ଥିତି ବହୁତ ଭଲ ରହିବ। ବନ୍ଧୁମାନଙ୍କ ସାହାଯ୍ୟରେ ଆଶା କରୁଥିବା କାର୍ଯ୍ୟକୁ ସହଜରେ ସମ୍ପନ୍ନ କରିପାରିବେ। ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ସହ ବାକ୍‌ଯୁଦ୍ଧର ଆଶଙ୍କା ରହିଛି।

**ମୀନ** ରାଶିରେ ତୃତୀୟ ଅଷ୍ଟମାଧିପ ଥିବାରୁ ଆର୍ଥିକ,ଶାରୀରିକ ସ୍ଥିତି ଭଲ ରହିବନାହିଁ ଏବଂ ବିବାଦୀୟ ପରିସ୍ଥିତିର ମଧ୍ୟ ଆଶଙ୍କା ରହିଛି। ସଂକୋଚ ପରିହାରକରି ନିକଟରେ ରହୁଥିବା ବନ୍ଧୁଟିର ସାହାଯ୍ୟ ପ୍ରାର୍ଥୀ ହେଲେ ଉପକୃତ ହୋଇପାରନ୍ତି। ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ,ପରିବହନ ସକାଶେ ଗ୍ରହ ସ୍ଥିତି ବାଧକ ହେବନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ଶନିବାର, ବୈଷ୍ଣବ ସମ୍ମତ ମହାଶିବରାତ୍ରି ଉପବାସ, ଫେବୃୟାରୀ ୨୨ ତାରିଖ,ରାଶିନକ୍ଷତ୍ର-ଦିବା ଘ୧୧।୪୩ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ଅମାବାସ୍ୟାର ନିଶାପାଳନ,ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୫ମି. ଗତେ, ଘ୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୮ମି. ଗତେ ଘ୧୦।୩୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

## real estate

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଭୁବନେଶ୍ୱର ହଂସପାଳଛକ ଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

Duplex house (five bedrooms, outhouse, covered car parking) near IRC Village (no broker), 7684836369 (9-5 pm). D-65902

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

**ଭୁବନେଶ୍ୱର ଜଟଣୀଗେଟ୍ ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

Gharabari plot sale Sundarpada near Hi-tech Plaza sqft. 910/-. 9337766961, 9439364818. D-16820

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

**ଭୁବନେଶ୍ୱର ବାଲକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

ମଦନପୁର Infocity-II 200' Road ପାଖରେ yellowzone boundary plot ନିଅନ୍ତୁ। 9438859527. D-68496

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

**ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040.** D-68495

**2BHK flat 1120sqft. adjecent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725.** D-16807

13500 sqft. gharabari commercial plot 4km from Phulnakhara-Niali, near Bharat Petrol Pump- 8658182243. D-68069

**Best location, development, communication and price ready for construction Balianta, Pahala, Nakhara (Both general and SC plot available )- 9040059669.** D-68667

4BHK (2300Sqft.) with double parking readymade new luxurious apartment sale at prime location of Puri. Please call: 9438109040, 8144658008. D-16821

**GA freehold plot sale immediately at Surya Nagar (4000 sqft.) only buyer contact Deepak- 9937329999.** D-68070

1600 sqft. gharabari residential plot for sale near Rabi Talkies, Tankapani Road, Bhubaneswar. 51 lakh. 7326084916. D-69221

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

Plot for sale at Puri near Lokanath Temple sthitiban patta plot, 30ft road, electrification sqft. 1000. Contact-9438422888. D-69220

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## to-let

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

## packers & movers

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

## healthcare

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

## EDUCATION

10th, +2, +3ରେ ଭଲ percentage ସହ guaranteed ପାସ୍‌ପାଇଁ VIDYASHREE 0674-2551286, 9337188619. D-68593

## business

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery@3500/-per month. Pokhariput, Bhubaneswar. Contact: 9668732935.** D-67291

## ସଂକ୍ଷେପରେ

### ମାର୍ଚ୍ଚ ୧୫ରେ ସିଭିଲ୍ ସର୍ଭିସ (ପ୍ରିଲିମ) ପରୀକ୍ଷା

**କଟକ ଅଫିସ,୨୧।୨:** ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ପ୍ରିଲିମ୍) ପରୀକ୍ଷା ଆସନ୍ତା ମାର୍ଚ୍ଚ ୧୫ରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଜେନେରାଲ୍ ଷ୍ଟଡିଜ(ପେପର୍-୧) ଏବଂ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍(ପେପର୍-୨) ପରୀକ୍ଷା ହେବ। ଚଳିତବର୍ଷ ୫ଟି ଜୋନ୍ ଯଥା- ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ସମ୍ବଲପୁରଠାରେ ଗ୍ରୁପ୍-ଏ ଏବଂ ଗ୍ରୁପ୍-ବି ବର୍ଗରେ ମୋଟ୍ ୧୫୩ଟି ପଦବୀ ପୂରଣ ପାଇଁ ଏହି ପରୀକ୍ଷା କରାଯିବ। ଗ୍ରୁପ୍-'ଏ'ରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ପୋଲିସ ସେବା(ଓପିଏସ୍), ଓଡ଼ିଶା ଆର୍ଥିକ ସେବା(ଓଏଫ୍‌ଏସ୍) ଓ ଗ୍ରୁପ୍-'ବି'ରେ ଓଡ଼ିଶା ସମବାୟ ସେବା, ଓଡ଼ିଶା ରାଜସ୍ୱ ସେବା, ଓଡ଼ିଶା ଟିକସ ଏବଂ ଆକାଉଣ୍ଟ ସେବା ପଦବୀ ପୂରଣ ପାଇଁ ପରୀକ୍ଷା କରାଯିବ। ପ୍ରିଲିମ ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ଏବଂ ଶେଷରେ ଇଣ୍ଟରଭ୍ୟୁ/ବ୍ୟକ୍ତିତ୍ୱ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରିଲିମ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ଏବଂ ଅନ୍ୟାନ୍ୟ ତଥ୍ୟ ଜାଣିବା ପାଇଁ ନିୟମିତ ୱେବ୍‌ସାଇଟ୍ ଦେଖିବାକୁ ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

### ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍ ଦୁଇଥର ବଗିରୁ ଅଲଗା ହେଲା

**ନୂଆଦିଲ୍ଲୀ,୨୧।୨:** ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ଶୁକ୍ରବାର ସକାଳେ ଦୁଇଥର ବଗିରୁ ଅଲଗା ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତ୍ରୁଟିପୂର୍ଣ୍ଣ ସଂଯୋଗ ଯୋଗୁ ଏଭଳି ଘଟଣା ଘଟିଛି। ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲରୁ ଟ୍ରେନ୍‌ଟି ଛାଡ଼ିବାର ଅଳ୍ପ ସମୟ ପରେ ବଗି ଅଲଗା ହୋଇଥିବାବେଳେ ପୁଣିଥରେ ହଥ୍‌ରାସ ଷ୍ଟେଶନରେ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବଗି ବିଚ୍ଛିନ୍ନ ହେବାରୁ ଟ୍ରେନ୍‌କୁ ଘଣ୍ଟା ଘଣ୍ଟା ଅଟକି ରହିବାକୁ ପଡ଼ିଥିଲା। ଯାତ୍ରୀ ସୁରକ୍ଷିତ ଅଛନ୍ତି, ଚିନ୍ତା କରିବାର କିଛି କାରଣ ନାହିଁ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଇଞ୍ଜିନ୍‌ରୁ ବଗି ଅଲଗା ହୋଇଯିବା ନୂଆ ଘଟଣା ନୁହେଁ। କିଛିମାସ ପୂର୍ବେ ସିକନ୍ଦରାବାଦ ଯାଉଥିବା ବିଶାଖା ଏକ୍ସପ୍ରେସ୍ ବାଲୁଗାଁ ଷ୍ଟେଶନ ଛାଡ଼ିବା ବେଳେ ଏହାର ଇଞ୍ଜିନ ବଗିକୁ ଛାଡ଼ି ପଳାଇଯାଇଥିଲା।

### ଜେକେ କାଗଜ କଳରେ ଅଗ୍ନିକାଣ୍ଡ

**ରାୟଗଡା ଅଫିସ, ୨୧।୨:** ରାୟଗଡା ଜେକେ କାଗଜ କଳରେ ଶୁକ୍ରବାର ଏକ ଅଗ୍ନିକାଣ୍ଡ ଘଟିଛି। ଏସିରୁ ଶଟସର୍କିଟରୁ ଘଟି ନିଆଁ ଲାଗିଥିବା ଜେକେ କାଗଜ କଳର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରିହର ଖମାରି କହିଛନ୍ତି। କାଗଜ କଳ ଗୋଦାମ ଗୃହରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ କେବଳ ଏକ ଏସି ଜଳିଯାଇଛି ବୋଲି ସେ କହିଛନ୍ତି। ନିକଟରେ ଏକ କୋଇଲା ବୋଝେଇ ଗାଡ଼ି ଥିଲା ଯାହା ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି।

# ୧୭ ସହରରୁ ଉତ୍ପାଦନ ହେବ ସବୁଜ ଶକ୍ତି

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ପାରମ୍ପରିକ ଶକ୍ତି ଉତ୍ସ ବେଳକୁ ବେଳ ହ୍ରାସ ପାଉଥିବାରୁ ଅଣପାରମ୍ପରିକ ଶକ୍ତି ଉପରେ ଆଗାମୀ ଦିନରେ ଅଧିକ ନିର୍ଭର କରିବାକୁ ପଡ଼ିବ। ସେଥିପାଇଁ ରାଜ୍ୟ ସରକାର ସବୁଜ ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହି ଶକ୍ତି ଉତ୍ସକୁ ଅଧିକ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ପୂର୍ବରୁ ଓଡ଼ିଶା ସବୁଜ

**୬୧୨ ସରକାରୀ କୋଠାରୁ ମିଳିବ ୧୯ ମେଗାୱାଟ ସୌରଶକ୍ତି**

ଶକ୍ତି ଉନ୍ନୟନ ନିଗମ (ଜେଡ୍‌କଲ) ନାମରେ ଏକ ସଂସ୍ଥା ଗଠନ କରିଛନ୍ତି। ଏହି ସଂସ୍ଥାଦ୍ୱାରା ଓଡ଼ିଶାର ୧୭ ସହରରେ ଯଥା-ବୁର୍ଲା, ହୀରାକୁଦ, ରାଉରକେଲା, ପୁରୀ, ଖୋର୍ଦ୍ଧା, ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର, ସୁନାବେଡା, ବାଲେଶ୍ୱର, ଭଦ୍ରକ, ବାରିପଦା, ଭୁବନେଶ୍ୱର ଏବଂ ବଲାଙ୍ଗୀରଠାରେ ୬୧୨ ସରକାରୀ କୋଠା ଉପରେ ଅନ୍ୟୂନ ୧୯ ମେଗାୱାଟ କ୍ଷମତା ସମ୍ପନ୍ନ ରୁଫ୍‌ଟପ ସୌର ପ୍ରକଳ୍ପ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ୮୫ କୋଠାରେ ୨୨୮୫ କିଲୋୱାଟ୍, ହୀରାକୁଦର ୭ କୋଠା ଉପରେ ୧୭୪, ବୁର୍ଲାର ୮୮ କୋଠାରେ ୩୦୭୯, ରାଉରକେଲାର ୯୨ କୋଠାରେ ୨୬୫୨, ଛତ୍ରପୁରର ୧୫ କୋଠାରେ ୫୨୦, ବାଲେଶ୍ୱରର ୩୧ କୋଠାରେ ୮୨୦, ବ୍ରହ୍ମପୁରର ୫୩ କୋଠାରେ ୨୧୬୨, ବାରିପଦାର ୪୪ କୋଠାରେ ୧୪୮୪, ଭଦ୍ରକର ୧୨ କୋଠାରେ ୧୭୫, ପୁରୀର ୨୯ କୋଠାରେ ୭୯୨, ଖୋର୍ଦ୍ଧାର ୪୨ କୋଠାରେ ୧,୦୪୧, କୋରାପୁଟର ୧୫ କୋଠାରେ ୪୬୪, ନବରଙ୍ଗପୁରର ୩୦ କୋଠାରେ ୯୭୨, ସୁନାବେଡ଼ାର ୧୪ କୋଠାରେ ୪୭୮, ଜୟପୁରର ୨୪ କୋଠାରେ ୭୦୪, ବଲାଙ୍ଗୀରର ୧ଟି କୋଠାରେ ୧୪୦ ଏବଂ ଭୁବନେଶ୍ୱରର ୩୦ ଛାତ ଉପରେ ୮୭୭ କିଲୋୱାଟ ସୌର ଶକ୍ତି ଉତ୍ପାଦନ କରାଯିବ। ଏହାଛଡ଼ା ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ୧୦୬୬ କୋଠା ଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଜେଡ୍‌କଲ ମାଧ୍ୟମରେ କଟକ ଓ ଭୁବନେଶ୍ୱରର ୬ ସରକାରୀ କୋଠା ଉପରେ ୪ ମେଗାୱାଟ କ୍ଷମତାସମ୍ପନ୍ନ ସୌରଶକ୍ତି ପ୍ରକଳ୍ପ ପ୍ଲାଣ୍ଟ ସ୍ଥାପନ କରାଯାଇଛି।



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅନ୍ତର୍ଗତ ଭୁବନେଶ୍ୱର ଶହୀଦ ନଗର ଇନ୍‌ଡୋର ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଫେନ୍‌ସିଂ ପ୍ରତିଯୋଗିତା। (ଫଟୋ: ବିକାଶ ନାୟକ)।

# ସିସିଟିଭି ଭଙ୍ଗାହେଲେ ସୁପରିଣ୍ଟେଣ୍ଡେଣ୍ଟ ଦାୟୀ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ):** ମାଟ୍ରିକ ପରୀକ୍ଷା ପାଇଁ ରାଜ୍ୟରେ ହୋଇଥିବା ମୋଟ କେନ୍ଦ୍ର ମଧ୍ୟରୁ ୧୦୦୦ଟି ସେଣ୍ଟରରେ ସିସିଟିଭି କ୍ୟାମେରା ଲଗାଯାଇଛି। ସିସିଟିଭି କ୍ୟାମେରା ଲାଗିବା କାରଣରୁ ପରୀକ୍ଷାରେ କପି ହୋଇପାରୁନି। ଯେଉଁଥିଲାଗି ଜାଣିଶୁଣି ସିସିଟିଭି କ୍ୟାମେରାକୁ ଭାଙ୍ଗି ଦିଆଯାଉଛି। ଫଳରେ ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ତଥା ସିସିଟିଭିର ସୁରକ୍ଷା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରୀକ୍ଷା ନିରୀକ୍ଷକ ଏବଂ ସମସ୍ତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ନୋଟିସ ଜାରି କରାଯାଇଛି। ଅନ୍ୟପଟେ ଏଭଳି ଘଟଣା ଲାଗି ସମ୍ପୃକ୍ତ କେନ୍ଦ୍ରର ଅଧୀକ୍ଷକ ଦାୟୀ ରହିବେ ବୋଲି

**ଭାଙ୍ଗୁଥିବା ଛାତ୍ରୀଛାତ୍ର ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ**

ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି ଯେ, ଭିଡିଓ କନଫରେନ୍ସ ଜରିଆରେ ବୋର୍ଡ ତରଫରୁ ସମସ୍ତ ୨୮୮୮ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏବଂ ସବୁ ଡିଇଓଙ୍କ ସହ ଆଲୋଚନା ହୋଇଛି। ଆଗକୁ ଏପରି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି କୌଣସି ଛାତ୍ରୀଛାତ୍ର ସିସିଟିଭି କ୍ୟାମେରା ଭାଙ୍ଗିବା ନେଇ ପ୍ରମାଣ ମିଳେ ତେବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ।




# ୨୩ରୁ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)- ଆସନ୍ତା ୨୩ ତାରିଖରୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବ। ମେଘୁଆ ପାଗ ସାଙ୍ଗକୁ ବର୍ଷା ଲାଗି ରହିବ। ଆଭ୍ୟନ୍ତରୀଣ ଓଡିଶାରେ ପ୍ରଥମେ ବର୍ଷା ହେବ । ଏହା ପରେ ଉପକୂଳକୁ ଘେରିବ। ୨୨ ତାରିଖ ରାତିରୁ ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା, ଦେବଗଡ, ସମ୍ବଲପୁର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୪ ତାରିଖରେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଏବଂ ନୟାଗଡ ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହି ସମୟରେ ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଉପକୂଳ ଓଡିଶାର ଅଳ୍ପ କେତେକ ସ୍ଥାନ ଏବଂ ଖୋର୍ଦ୍ଧା, ପୁରୀ, ନୟାଗଡ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୫ ଓ ୨୬ ଦୁଇଦିନ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଏବଂ ପୁରୀ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି।

ବର୍ଷା ଯୋଗୁ ଚଳିତ ମାସ ଶେଷ ଯାଏ ପାଗ ଥଣ୍ଡା ରହିବ। ଅଧିକ ଗରମ ଅନୁଭୂତ ହେବ ନାହିଁ। ଉତ୍ତର ପଶ୍ଚିମ ଦିଗରୁ ଭୂପୃଷ୍ଠରୁ ୧୨ କି.ମି. ଉଚ୍ଚତାରେ ଥଣ୍ଡା ବାୟୁ ଘଣ୍ଟାକୁ ୧୦୦ କି.ମି. ବେଗରେ ବହୁଛି। ଦିନର ତାପମାତ୍ରା ୩୦ରୁ ୩୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ରାତ୍ରିରେ ଥଣ୍ଡା ଅନୁଭୂତ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୩ରୁ ୨୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବା ବେଳେ ଦିନର ସର୍ବୋଚ୍ଚ ତାପମାତ୍ରା ୨୦ରୁ ୩୩ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି।

# ସାଂଗଠନିକ ଜିଲା ପାଇଁ ସଭାପତି ଘୋଷଣା କଲା ବିଜେଡି

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶୁକ୍ରବାର ୩୩ ସାଂଗଠନିକ ଜିଲା ପାଇଁ ସଭାପତି ଘୋଷଣା କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏହା ଘୋଷଣା ହୋଇଛି।

ଏହି ନୂତନ ଜିଲା ସଭାପତି ତାଲିକାରେ ୧୯ ନୂଆ ମୁହଁ ରହିଛନ୍ତି। ସେହିପରି ଏକାଧିକ ମନ୍ତ୍ରୀଙ୍କୁ ମଧ୍ୟ ଜିଲା ସଭାପତି ଦାୟିତ୍ୱ ଦିଆଯାଇଛି। କଟକ ଜିଲା ସଭାପତି ଭାବେ ଦେବାଶିଷ ସାମନ୍ତରାୟଙ୍କୁ ନିଯୁକ୍ତି ମିଳିଥିବା ବେଳେ ଭୁବନେଶ୍ୱର ସାଂଗଠନିକ ଜିଲା ଦାୟିତ୍ୱ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ସଭାପତି ଭାବେ ବିଭୂତି ବଳବନ୍ତରାୟ, ପୁରୀରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ପୁନର୍ବାର ଜିଲା ସଭାପତି ଭାବେ ମନୋନୀତ କରାଯାଇଛି। ଅନୁରୂପ ଭାବେ ମହେନ୍ଦ୍ର ବସ୍ତିଆଙ୍କୁ ଅନୁଗୋଳ, ରବୀନ୍ଦ୍ର ଜେନାଙ୍କୁ ବାଲେଶ୍ୱର, ବିଜୟ ରଞ୍ଜନ ସିଂ ବରିହାଙ୍କୁ ବରଗଡ ଏବଂ ଜଗନ୍ନାଥ ସ୍ୱାଇଁଙ୍କୁ ଭଦ୍ରକ ଜିଲା ସଭାପତି ଭାବେ ଦାୟିତ୍ୱ ମିଳିଛି। ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଥିବା ପ୍ରଫୁଲ୍ଲ ମଲ୍ଲିକଙ୍କୁ ଢେଙ୍କାନାଳ, ଟୁକୁନି ସାହୁଙ୍କୁ ବଲାଙ୍ଗୀର ଏବଂ ସୁଦାମ ମାର୍ଣ୍ଡିଙ୍କୁ ମୟୂରଭଞ୍ଜ ଜିଲା ସଭାପତିଭାବେ ଦାୟିତ୍ୱ ମିଳିଛି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ କଳାହାଣ୍ଡି, ବିଧାୟକ ଶାରଦା ନାୟକଙ୍କୁ ରାଉରକେଲା ସାଂଗଠନିକ ଜିଲାର ଦାୟିତ୍ୱ ମିଳିଛି। ବିଧାୟକ ମହୀଧର ରଣାଙ୍କୁ ବୌଦ୍ଧ, ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଦେବଗଡ, ପ୍ରଦୀପ ନାୟକଙ୍କୁ ଗଜପତି ଏବଂ ପୂର୍ବତନ ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲା ସଭାପତି ଦାୟିତ୍ୱ ମିଳିଛି।

- ରବୀନ୍ଦ୍ରଙ୍କୁ ବାଲେଶ୍ୱର, ଜଗନ୍ନାଥଙ୍କୁ ଭଦ୍ରକ
- ମାଧବଙ୍କୁ କେନ୍ଦୁଝର, ସୁଦାମଙ୍କୁ ମୟୂରଭଞ୍ଜ ଦାୟିତ୍ୱ
- ତାଲିକାରେ ଅଧାରୁ ଅଧିକ ନୂଆ ମୁହଁ, ଏକାଧିକ ମନ୍ତ୍ରୀ

ବିଧାୟକ ପ୍ରଶାନ୍ତ ମୁଦୁଲି ଜଗତ୍‌ସିଂହପୁର, ସରୋଜ ମହାପାତ୍ର ଯାଜପୁର, ବିଧାୟକ କିଶୋର ମହାନ୍ତି ଝାରସୁଗୁଡା, ସରୋଜ କର୍ଣ୍ଣ କନ୍ଧମାଳ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା କେନ୍ଦ୍ରାପଡା, ମାଧବ ସର୍ଦ୍ଦାରଙ୍କୁ କେନ୍ଦୁଝର ବିଜେଡି ଜିଲା ସଭାପତି ଭାବେ ମନୋନୀତ କରାଯାଇଛି। ସେହିଭଳି ଈଶ୍ୱର ପାଣିଗ୍ରାହୀଙ୍କୁ କୋରାପୁଟ, ପୂର୍ଣ୍ଣଚନ୍ଦ୍ର ବାକା ମାଲକାନଗିରି, ଏମ୍‌ପି ରମେଶ ମାଝୀଙ୍କୁ ନବରଙ୍ଗପୁର, କାଶୀନାଥ ହେମ୍ବ୍ରମ ମୟୂରଭଞ୍ଜ(ସଦର), ବିଧାୟକ ରମେଶ ବେହେରା ନୟାଗଡ, ମନୋଜ ମିଶ୍ର ନୂଆପଡା, ସୁଧୀର ଦାସ ରାୟଗଡା, ସିଦ୍ଧାର୍ଥ ଦାସ ସମ୍ବଲପୁର, ସରୋଜ କମ୍ପ ସୁବର୍ଣ୍ଣପୁର ଏବଂ ବିନୟ ଟପ୍ପୋଙ୍କୁ ସୁନ୍ଦରଗଡ ଦାୟିତ୍ୱ ମିଳିଛି।

ଦଳର ସାଂଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ। ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରାୟତଃ ସମାପ୍ତ ହୋଇଥିବା ଜଣାପଡିଛି। ସେହିଭଳି ଦଳର ୨ ଛାମୁଆ ସଂଗଠନ(ଯୁବ ଓ ଛାତ୍ର)ର ପୁନର୍ଗଠନ ସମ୍ଭାବନା ରହିଥିବା ଦଳୀୟ ସୂତ୍ରରୁ ପ୍ରକାଶ। ଇତି ମଧ୍ୟରେ ଯୁବ ବିଜେଡି ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଚୂଡାନ୍ତ ହୋଇଥିବା ଜଣାପଡିଛି।

## ଜିଲା ଚିଠି



### ମାଲକାନଗିରି

### ଶିଶୁଙ୍କ ସୁରକ୍ଷା

ଶିଶୁମାନଙ୍କ ସୁରକ୍ଷା, ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଶିଶୁମାନଙ୍କ ଭବିଷ୍ୟତ ବାଟବଣା ହୋଇଯାଉଛି। ଅଧିକାଂଶ ଶିଶୁ ଅଧାରୁ ପାଠ ଛାଡୁଥିବା ଦେଖିବାକୁ ମିଳୁଛି। ମାଲକାନଗିରି ଜିଲାରେ ଶିଶୁ ସୁରକ୍ଷା ବିଭାଗର ସର୍ଭେ ଅନୁଯାୟୀ ଜିଲାରେ ୮ ହଜାର ଅନାଥ ଶିଶୁ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩୫୪ ଜଣ ସମ୍ପୂର୍ଣ୍ଣ ମା'ବାପା ଛେଉଣ୍ଡ। ଅନ୍ୟ ଶିଶୁମାନଙ୍କ ମଧ୍ୟରୁ କାହାର ବାପା ଅଛନ୍ତି ତ କାହାର ମା' ନାହାନ୍ତି। ମା' କିମ୍ବା ବାପା ଅଥବା ସମ୍ପର୍କୀୟଙ୍କ ନିକଟରେ ରହୁଥିବା ଶିଶୁମାନେ ସେମାନଙ୍କ ସମ୍ପର୍କୀୟଙ୍କ ସହ ଜିଲା ଏବଂ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ହେଲେ ସେମାନଙ୍କୁ ନାନା ନିର୍ଯାତନା ସହିବାକୁ ପଡୁଛି । ବିଶେଷ କରି ରାଜ୍ୟ ବାହାରକୁ ଯାଉଥିବା ଶିଶୁଶ୍ରମିକମାନେ ଅର୍ଥ ବଦଳରେ ମାଡ଼ଗାଳି ଖାଇ ଫେରୁଛନ୍ତି । ଅନ୍ୟପକ୍ଷେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଶିଶୁମାନଙ୍କ ପାଠପଢା ଅଧାରୁ ବନ୍ଦ ହୋଇଯାଉଛି। ବିଶେଷ କରି ବିଭିନ୍ନ ସ୍କୁଲରେ ପାଠ ପଢୁଥିବା ଗ୍ରାମାଞ୍ଚଳର ଶିଶୁଙ୍କ ପରିବାର ଧାନ ଅମଳ ପରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଜିଲାରେ ଚାଇଲ୍‌ଡ ଲାଇନ୍ ଦ୍ୱାରା ୨୦୧୭ରୁ ୨୦୧୯ ମସିହା ମଧ୍ୟରେ ୯୪୯ ଶିଶୁଶ୍ରମିକ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୭୬ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଥିଲା । ଶିଶୁ ମଙ୍ଗଳ ସମିତି ଏହି ଶିଶୁମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କ ଥଇଥାନ ଓ ଶିକ୍ଷା ପାଇଁ ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛି। ଉଦ୍ଧାର ଶିଶୁମାନଙ୍କ ଶିକ୍ଷା ଗ୍ରହଣ ଲାଗି ବିଭିନ୍ନ ବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ଜିଲାରେ ପରିବର୍ତ୍ତନ ଶିଶୁ ଗୃହରେ ୫୫ ଜଣ, କୋରୁକୋଣ୍ଡା ନୀଳାଚଳ ଶିଶୁ ଗୃହରେ ୩୫ଜଣ, ଟାଗୋର ସୋସାଇଟି ମାର୍କେଲଗୁଡା ଶିଶୁ ଗୃହରେ ୫୦ ଜଣ ଏବଂ ନାୟକ ଗୁଡାସ୍ଥିତ ଇର୍ମାବାକା ଅନ୍ଧ ମୂକ ବିଦ୍ୟାଳୟରେ ୭୦ ଜଣ ଶିଶୁ ଅଛନ୍ତି। ଯେଉଁ ଶିଶୁମାନେ ସେମାନଙ୍କ ମା' କିମ୍ବା ବାପା ଅଥବା ସମ୍ପର୍କୀୟଙ୍କ ନିକଟରେ ଅଛନ୍ତି ସେମାନଙ୍କ ଶିକ୍ଷାଗ୍ରହଣ ଏବଂ ଭବିଷ୍ୟତ ନିରାପଦ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି । ଏହି ଶିଶୁମାନଙ୍କ ଭବିଷ୍ୟତ ପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ସେମାନେ 'ଶ୍ରମିକ' ହେବାରୁ ରକ୍ଷା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । କେବଳ ଜିଲା ପ୍ରଶାସନ ନୁହେଁ ସବୁ କ୍ଷେତ୍ରରେ ଏଥିପାଇଁ ଉଦ୍ୟମ ହେବା ଉଚିତ ବୋଲି ସେମାନେ କହିଛନ୍ତି ।

– ଦୁର୍ଯ୍ୟୋଧନ ପାତ୍ର

# ପରଲୋକରେ ଅନୁବାଦକ ଯୁଗଳ କିଶୋର

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିଶିଷ୍ଟ ଅନୁବାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଯୁଗଳ କିଶୋର ଦତ୍ତଙ୍କର ଶୁକ୍ରବାର ପରଲୋକ ଘଟିଛି। ସନ୍ଧ୍ୟା ପ୍ରାୟ ୫ଟାରେ ଆଚାର୍ଯ୍ୟ ବିହାରସ୍ଥିତ ତାଙ୍କ ବାସଭବନରେ ସେ ଚିରଦିନ ପାଇଁ ଆଖି ବୁଜିଛନ୍ତି। ୯୨ ବର୍ଷୀୟ ଯୁଗଳ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ୧୯୨୮ ଡିସେମ୍ବର ୨୪ରେ ଯାଜପୁର ଜିଲା ମହେଶ୍ୱରପୁରରେ ଜନ୍ମଗ୍ରହଣ କରିଥିବା ଯୁଗଳ କେବଳ ଓଡ଼ିଆ ସାହିତ୍ୟ ଜଗତରେ ନୁହେଁ, ସାରା ଦେଶରେ ଜଣେ ପରିଚିତ ସାହିତ୍ୟିକ ଏବଂ ଅନୁବାଦକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

ଭାରତୀୟ ସାହିତ୍ୟର ଅନେକ ଲୋକପ୍ରିୟ ଗ୍ରନ୍ଥକୁ ଓଡ଼ିଆରେ ଅନୁବାଦ କରି ଯୁଗଳ ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। ଅନୁବାଦ ବ୍ୟତୀତ ସେ ଅନେକ ମୌଳିକ ସାହିତ୍ୟ ମଧ୍ୟ ରଚନା କରିଥିଲେ। ୧୯୪୮ରୁ ଯୁଗଳ ଲେଖାଲେଖି ଆରମ୍ଭ କରିଥିବା ବେଳେ କଲେଜରେ ପଢ଼ିବା ସମୟରେ ସେ 'ଦିଗନ୍ତ' ପତ୍ରିକା ସମ୍ପାଦକ ମଣ୍ଡଳୀରେ କାର୍ଯ୍ୟ କରିଥିଲେ। ୧୯୫୦ରେ ତାଙ୍କର ପ୍ରଥମ ପୁସ୍ତକ 'ଶତାବ୍ଦୀର ପ୍ରେମ' ପ୍ରକାଶ ପାଇଥିଲା। 'ଡଗର' ଭଳି ପତ୍ରିକାରେ ତାଙ୍କ ଲେଖା ନିୟମିତ ପ୍ରକାଶ ପାଉଥିଲା। ଭଦ୍ରକରେ ରହିବା ସମୟରେ ସେ 'ସାହିତ୍ୟ ଆସର' ନାମରେ ଏକ ସାହିତ୍ୟ ଚର୍ଚ୍ଚା ଗୋଷ୍ଠୀ ଆରମ୍ଭ କରିଥିଲେ। ବଙ୍ଗଳା ଡିଟେକ୍ଟିଭ ଉପନ୍ୟାସ ପଢ଼ିବା ତାଙ୍କ ସଉକ ଥିଲା। ତେବେ ଅନୁବାଦକ ଲକ୍ଷ୍ମୀକାନ୍ତ ମହାନ୍ତିଙ୍କଠାରୁ ପ୍ରୋତ୍ସାହନ ପାଇ ସେ ବଙ୍ଗଳା ଉପନ୍ୟାସର ଓଡ଼ିଆ ଅନୁବାଦ କରିବା ଆରମ୍ଭ କରିଥିଲେ। ବିମଳ ମିତ୍ରଙ୍କ



ଯୁଗଳ କିଶୋର ଦତ୍ତ

ପୁସ୍ତକ 'ଆମେରିକା' ଥିଲା ତାଙ୍କ ଦ୍ୱାରା ଅନୁବାଦିତ ପ୍ରଥମ ପୁସ୍ତକ। କେବଳ ଏହି ଗୋଟିଏ ନୁହେଁ, ବିମଳ ମିତ୍ରଙ୍କ ପ୍ରାୟ ସବୁ ପୁସ୍ତକ ସେ ଓଡ଼ିଆରେ ଅନୁବାଦ କରିଛନ୍ତି। ଏହାବ୍ୟତୀତ ରବୀନ୍ଦ୍ରନାଥ ଟାଗୋର, ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ସମରେଶ ମଜୁମଦାର, ଶଙ୍କର, ସୁନୀଲ ଗଙ୍ଗୋପାଧ୍ୟାୟ ଓ ତସ୍‌ଲିମା ନସରିନଙ୍କ ଭଳି ବହୁ ଖ୍ୟାତନାମା ବଙ୍ଗଳା ଲେଖକଙ୍କ ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରି ଚର୍ଚ୍ଚାକୁ ଆସିଥିଲେ। କେବଳ ବଙ୍ଗଳାରୁ ଓଡ଼ିଆ ନୁହେଁ, ବହୁ ଓଡ଼ିଆ ଗଳ୍ପକୁ ବଙ୍ଗଳା ଭାଷାରେ ଅନୁବାଦ କରି ଓଡ଼ିଆ କଥା ସାହିତ୍ୟକୁ ପଡ଼ୋଶୀ ରାଜ୍ୟରେ ପରିଚିତ କରାଇଥିଲେ। ଏଥିପାଇଁ ପ୍ରଥମ ଓଡ଼ିଆ ସାହିତ୍ୟିକ ଭାବେ ସେ ୧୯୯୭ରେ ଉଭୟ କେନ୍ଦ୍ର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୫୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଥିବା ଯୁଗଳ 'ଆସାମୀ ହାଜିର' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଅନୁବାଦ ପୁସ୍ତକ 'ଜନ ଗଣ ମନ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ ପୁସ୍ତକ ମଧ୍ୟରେ 'ଜନ ଗଣ ମନ', 'ସେଇ ସମୟ-୧', 'ଶତାବ୍ଦୀର ପ୍ରେମ', 'ମାନସୀ', 'ଗାଁ ହସେ', 'ନିଶି ବିହଙ୍ଗୀ', 'ଏକାନ୍ତ ସତ୍ୟ' ସମେତ ଅନେକ ଗଳ୍ପ ସଙ୍କଳନ ଓ ୧୧ଟି ଅନୁବାଦ ଗଳ୍ପ ଆଦି ରହିଛି। କେବଳ ସାହିତ୍ୟ ରଚନା ନୁହେଁ, ଜଣେ ସଂଗ୍ରାହକ ଭାବେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜବାହରଲାଲ ନେହେରୁ ଏବଂ ଏସ୍. ରାଧାକ୍ରିଷ୍ଣନ୍‌ଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦସ୍ତଖତ ସେ ସଂଗ୍ରହ କରିଥିଲେ। ଏହାସହ ୩୦୦ରୁ ଊର୍ଦ୍ଧ୍ୱ ଦିଆସିଲି ଖୋଳ ସେ ସଂଗ୍ରହ କରିଥିଲେ। ଭୁବନେଶ୍ୱର ପୁସ୍ତକମେଳାରେ ପ୍ରତିଷ୍ଠାତା ସଦସ୍ୟ ଥିବା ଯୁଗଳ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଧରିତ୍ରୀ
DHARITRI
ଶନିବାର, ୨୨ ଫେବୃୟାରୀ, ୨୦୨୦

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି, ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ।
-ଶ୍ରୀମା



# ରହିବନି 'କଲେକ୍ଟର' ପଦ

ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ଇତିହାସରୁ ଜଣାପଡ଼େ, ଅଷ୍ଟାଦଶ ଶତାବ୍ଦୀରେ ୱାରେନ୍ ହେଷ୍ଟିଙ୍ଗ୍ସ ରାଜସ୍ୱ ଆଦାୟ କରିବା ପାଇଁ କଲେକ୍ଟରମାନଙ୍କୁ ନିଯୁକ୍ତ କରିବା ପରଠାରୁ 'କଲେକ୍ଟର' ପଦ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ରାଜ୍ୟର କ୍ଷମତାକୁ ସୂଚିତ କରିଆସୁଥିଲା। ସ୍ୱାଧୀନତା ପରେ ଜିଲା କଲେକ୍ଟର ବା ଜିଲାପାଳମାନଙ୍କ ଭୂମିକାର ଗୁରୁତ୍ୱ ବୃଦ୍ଧିପାଇଛି। ଏପରିକି କେନ୍ଦ୍ର ଓ ରାଜ୍ୟର ଅନେକ ଆଇନ ଅଧୀନରେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ମଧ୍ୟପ୍ରଦେଶରେ କଲେକ୍ଟର ପଦ ଉଠିଯିବାର ସମ୍ଭାବନା ଦେଖାଦେଇଛି। କମଲନାଥ ସରକାର କଲେକ୍ଟର ଶବ୍ଦ ବଦଳରେ ଏକ ବିକଳ୍ପ ଶବ୍ଦ ପ୍ରବର୍ତ୍ତନ କରିବା ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି। ଜିଲାର ପ୍ରଶାସନିକ ଓ କାର୍ଯ୍ୟନିର୍ବାହୀ ମୁଖ୍ୟ ଭାବେ ବହୁ ପ୍ରକାର ନିୟାମକ ଓ ବିକାଶମୂଳକ କାର୍ଯ୍ୟରେ କଲେକ୍ଟରଙ୍କ ଭୂମିକା ରହିଥିବାରୁ କଲେକ୍ଟର ବଦଳରେ ଏକ ନୂଆ ନାମର ଆବଶ୍ୟକତା ରହିଥିବା ରାଜ୍ୟ ସରକାର ବିଶ୍ୱାସ କରୁଛନ୍ତି। ପ୍ରାପ୍ତ ସୂତ୍ରରୁ ଜଣାପଡ଼େ, ମଳୟ କୁମାର ଶ୍ରୀବାସ୍ତବ, ମନୀଷ ରସ୍ତୋଗୀ ଏବଂ ବିଶେଷ ଗଡ଼ପାଲେଙ୍କୁ ନେଇ ଗଠିତ କମିଟିର ମୁଖ୍ୟ ରହିଛନ୍ତି ବାଣିଜ୍ୟ କର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଆଇ.ସି.ପି. କେଶରୀ। ସଗରର କଲେକ୍ଟର ପ୍ରୀତି ମୈଥିଲ କମିଟିର ସଦସ୍ୟ ସଚିବ ରହିଛନ୍ତି। କମିଟିର ସଦସ୍ୟମାନେ ପରସ୍ପର ସହ ତଥା ବିଭିନ୍ନ ବର୍ଗର ଜନସାଧାରଣଙ୍କ ସହିତ ପରାମର୍ଶ କରିବା ପରେ ପ୍ରସ୍ତାବ ଦେବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ମଧ୍ୟ ଜିଲାର କାର୍ଯ୍ୟନିର୍ବାହୀ ମୁଖ୍ୟଙ୍କ ଅଧିକାର କ୍ଷେତ୍ରର ରୂପରେଖ ନିର୍ଦ୍ଧାରଣ କରିବ। ଭୂ-ରାଜସ୍ୱ ସଂହିତା ଏବଂ ବିକାଶ ଯୋଜନାରେ ଏହି ପଦ ବ୍ୟବହାର କରାଯିବ ଯାହା କଲେକ୍ଟରଙ୍କୁ ଜିଲାର ମୁଖ୍ୟ ଭାବେ ପ୍ରତିପାଦିତ କରିବ। ତେବେ ପୋଲିସ ମାନୁଆଲ, କ୍ରିମିନାଲ ପ୍ରୋସିଡିୟୋର କୋଡ୍ (ସିଆର୍‌ପିସି) ଏବଂ ଅସ୍ତ୍ରଶସ୍ତ୍ର ଆଇନ ଅପରିବର୍ତ୍ତିତ ରହିବ ଯେଉଁଠି କଲେକ୍ଟର ନୁହନ୍ତି ବରଂ ଜିଲା ମାଜିଷ୍ଟ୍ରେଟ ହେଉଛନ୍ତି ଜିଲାର ମୁଖ୍ୟ।

## ମୁଖ୍ୟ ସଚିବଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ

କେରଳର ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍‌ଙ୍କ ସୁପାରିସକୁ ଅଗ୍ରାହ୍ୟ କରି ଆଇଏଏସ୍ ଅଧିକାରୀ ଶ୍ରୀରାମ ଭେଙ୍କିଟାରାମନ୍‌ଙ୍କ ନିଲମ୍ବନକୁ ଆଉ ତିନିମାସ ବଢାଇଦେଇଛନ୍ତି। ଗତବର୍ଷ ଅଗଷ୍ଟରେ ଏହି ଆଇଏଏସ୍ ଅଧିକାରୀ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତାରେ ତାଙ୍କ କାର୍ ଚଳାଉଥିବାବେଳେ କେରଳର ସାମ୍ବାଦିକ କେ.ଏମ୍. ବଶୀରଙ୍କୁ ଧକ୍କାଦେଇ ମାରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ଜୋସ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦୁର୍ଘଟଣାର ୬ ମାସ ପରେ ମଧ୍ୟ ପୋଲିସ ଚାର୍ଜଶିଟ ଦାଖଲ କରି ନ ଥିବା ଦର୍ଶାଇ ଆଉ ନିଲମ୍ବନ ଅବଧି ନ ବଢାଇବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରିଥିଲା। କେବଳ ଏତଲାକୁ ଆଧାର କରି ଜଣେ ଆଇଏଏସ୍ ଅଧିକାରୀଙ୍କୁ ୬ ମାସ ପରେ ନିଲମ୍ବିତ ରଖାଯାଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କମିଟି ଜଣାଇଥିଲା। କିନ୍ତୁ ଉକ୍ତ ପଥଭ୍ରଷ୍ଟ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମିଳିତ ଭାବେ ଉଦ୍ୟମ କରିଥିବା ନେଇ ଜନସାଧାରଣରେ ପ୍ରବଳ ଭାବେ ଯେଉଁ ମତ ପ୍ରକାଶ ପାଇଥିଲା ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କମିଟିର ସୁପାରିସକୁ ଅଗ୍ରାହ୍ୟ କରିଦେଇଛନ୍ତି।

## ଏୟାର ଇଣ୍ଡିଆର ନୂଆ ମୁଖ୍ୟ

ଏୟାର ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଅଶ୍ୱିନୀ ଲୋହାନୀଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ତାଙ୍କ ଉତ୍ତରାଧିକାରୀ ଭାବେ ରାଜୀବ ବନ୍‌ସଲଙ୍କ ନିଯୁକ୍ତି ଦ୍ୱାରା ଏୟାର୍‌ଲାଇନ୍‌ର ବିନିବେଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ଏୟାର ଇଣ୍ଡିଆରେ ଏହା ବନ୍‌ସଲଙ୍କ ଦ୍ୱିତୀୟ ପାଳି କାରଣ ଏହା ପୂର୍ବରୁ ସେ ୨୦୧୭ରେ ଏହାର କାମଚଳା ସିଏମ୍‌ଡି ଭାବେ ତିନିମାସ ରହିଥିଲେ। ସେତେବେଳେ ମଧ୍ୟ ସେ ଅଶ୍ୱିନୀ ଲୋହାନୀଙ୍କ ସ୍ଥାନରେ ନିଯୁକ୍ତି ପାଇଥିଲେ କାରଣ ଲୋହାନୀଙ୍କୁ ରେଲ୍‌ୱେ ବୋର୍ଡର ଅଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା। ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବନ୍‌ସଲ ଏବେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅଛନ୍ତି। ଆର୍ଥିକ ଦୁଃସ୍ଥିତି ମଧ୍ୟଦେଇ ଗତି କରୁଥିବା ଏହି ଜାତୀୟ କ୍ୟାରିୟର ଏଥିରୁ ଉଦ୍ଧାରର ବାଟ ଖୋଜୁଥିବାବେଳେ ଏହି ସମୟରେ ବନ୍‌ସଲ ଦାୟିତ୍ୱ ନେଇଛନ୍ତି। ସଂକଟ ସମୟରେ ଯଥାର୍ଥ ନିଷ୍ପତ୍ତି ନେଇ କାର୍ଯ୍ୟ କରିବାରେ ତାଙ୍କର ଖ୍ୟାତି ରହିଛି। ଏୟାର ଇଣ୍ଡିଆରେ ପ୍ରଥମ କାର୍ଯ୍ୟକାଳରେ ତାଙ୍କର ସମୟଭିତ୍ତିକ ପ୍ରଦର୍ଶନ ୯୫ ପ୍ରତିଶତ ରହିଥିଲା। ସେ ଏହି ସମୟରେ ଯନ୍ତ୍ରାଂଶ ଅଭାବରୁ ପଡିରହିଥିବା ବିମାନଗୁଡ଼ିକୁ ପୁଣି ଉଡାଇବା ଲାଗି ଏକ ଯୋଜନା ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିନିବେଶ ସମୟରେ ଏୟାର୍‌ଲାଇନ୍ ନୂଆ ମାଲିକ ଖୋଜୁଥିବା ବେଳେ ବନ୍‌ସଲଙ୍କ ଜ୍ଞାନ ଓ ଦକ୍ଷତା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ପୂର୍ବରୁ ବନ୍‌ସଲ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟରେ କାର୍ଯ୍ୟ କରିଛନ୍ତି। ସେଠାରେ ସେ ଡିଜିଟାଲ ପେମେଣ୍ଟ, ଆଧାର ଓ ଇ-ଗଭର୍ନାନ୍ସ ପ୍ରଭୃତି ବିଷୟ ବୁଝୁଥିଲେ। ଏଥିସହ ବନ୍‌ସଲ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ସିଇଆର୍‌ସି)ର ସଚିବ, ଭାରି ଶିଳ୍ପ ବିଭାଗର ଯୁଗ୍ମ ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଆଦି ସହିତ ତାଙ୍କ କ୍ୟାଡର ରାଜ୍ୟ ନାଗାଲାଣ୍ଡର ବହୁ ଗୁରୁତ୍ୱପୂର୍ଣ୍ଣ ଦୟିତ୍ୱରେ ରହିଆସିଛନ୍ତି।

Email: dilipcherian@gmail.com

# କୃଷି ବଜେଟରେ ନବଉନ୍ମେଷ କାହିଁ

ନଟବର ଖୁଣ୍ଟିଆ

ଫେବୃୟାରୀ ୧୮ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ରାଜ୍ୟ ବିଧାନସଭାରେ ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି। ଗତ ୨୦୧୩-୧୪ ଆର୍ଥିକ ବର୍ଷରୁ ରାଜ୍ୟ ସରକାର ସାଧାରଣ ବଜେଟ ସହ ଏକ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରି ଆସୁଛନ୍ତି। ଏ ବର୍ଷର କୃଷି ବଜେଟ ଦେଶରେ ମାନ୍ଦାବସ୍ଥା ଜାରି ଥିବା ବେଳେ ଉପସ୍ଥାପନ ହୋଇଛି। ଯଦିଓ ଦେଶର ଜିଡିପିରେ କୃଷିର ଭାଗ ହ୍ରାସ ପାଇବାରେ ଲାଗିଛି, କିନ୍ତୁ ସେହି ତୁଳନାରେ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କ ଅନୁପାତ ହ୍ରାସ ପାଉ ନାହିଁ। ଏବେ ବି ପ୍ରାୟ ଦୁଇ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷରେ କୃଷି ଉପରେ ନିର୍ଭରଶୀଳ। ସୁତରାଂ କୃଷି ବିକାଶ ତ୍ୱରାନ୍ୱିତ ହେଲେ ଦେଶ ଓ ରାଜ୍ୟର ଅର୍ଥନୀତି ଚଳଚଞ୍ଚଳ ହେବ, ମାନ୍ଦାବସ୍ଥା ଦୂର ହେବ। ଏହି ପୃଷ୍ଠଭୂମିରେ ରାଜ୍ୟ ଅର୍ଥମନ୍ତ୍ରୀ ରାଜ୍ୟର କୃଷି ବିକାଶ ପାଇଁ କି କି ପଦକ୍ଷେପ ନେବାକୁ ବଜେଟରେ ପ୍ରସ୍ତାବ ରଖିଛନ୍ତି, ଆସନ୍ତୁ ତାହାର ଏକ ସମୀକ୍ଷା କରିବା।

ଏକ ସର୍ଭେରୁ ଜଣାଯାଇଛି, ଗ୍ରାମାଞ୍ଚଳବାସୀଙ୍କ କ୍ରୟଶକ୍ତି ହ୍ରାସ ପାଉଥିବାରୁ ଗାଁ ଲୋକେ ପୂର୍ବାପେକ୍ଷା ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ କମ୍ କିଣୁଛନ୍ତି। ପାଞ୍ଚବର୍ଷିଆ କୃଷି ଗଣନା ରିପୋର୍ଟ ୨୦୧୦-୧୧ ପରେ ୨୦୧୫-୧୬ ବର୍ଷର ରିପୋର୍ଟ ପ୍ରକାଶ ପାଇଛି ଏବଂ ୨୦୨୦-୨୧ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଉପସ୍ଥାପିତ ହୋଇସାରିଛି, ଯେଉଁଥିରେ ୨୦୨୨ ସୁଦ୍ଧା କୃଷକର ଆୟ ଦୁଇଗୁଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ସୁତରାଂ ଏହା ଆଶା କରିବା ସ୍ୱାଭାବିକ ଯେ, ଏସବୁ ସ୍ଥିତିକୁ ବିଚାରକୁ ନେଇ ରାଜ୍ୟ କୃଷି ବଜେଟ ପ୍ରସ୍ତୁତ ହେବା କଥା। କୃଷି ବଜେଟରେ ନବଉନ୍ମେଷ ଆଣି କୃଷି ପ୍ରଗତିକୁ ଓଡିଶାରେ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପ୍ରକାର ରଣକୌଶଳ ଆପଣେଇବା ଉଚିତ। କିନ୍ତୁ କୃଷି ବଜେଟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।

୨୦୧୫-୧୬ କୃଷି ଗଣନା ରିପୋର୍ଟରେ କୁହାଯାଇଛି ଯେ, ଓଡିଶାରେ ଚାଷ ହେଉଥିବା ଫସଲର ମାତ୍ର ୨୭.୨୭ ଭାଗକୁ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଏଣେ କୃଷି ବଜେଟରେ ମୋଟ ବ୍ୟୟ ବରାଦର ୬୦ ପ୍ରତିଶତ ଅର୍ଥ ଜଳସମ୍ପଦ ବିଭାଗ ପାଇଁ ବରାଦ ହୋଇ ଆସୁଛି। ଏ ବର୍ଷ ବଜେଟରେ ମୋଟ କୃଷି ବଜେଟ ପାଇଁ ବ୍ୟୟବରାଦ ହୋଇଛି ୧୯,୪୦୮ କୋଟି ଟଙ୍କା, ସେଥିରୁ ଜଳସମ୍ପଦ ବିଭାଗ ପାଇଁ ବରାଦ ହୋଇଛି ୯,୩୭୪.୪୬ କୋଟି ଟଙ୍କା। ମୋଟ କୃଷି ବଜେଟର ଏହା ହେଉଛି ୪୮.୩୦ ପ୍ରତିଶତ। କିନ୍ତୁ ଆମେ ଯଦି କାଳିଆ ଯୋଜନା ପାଇଁ ବ୍ୟୟବରାଦକୁ ବାଦ ଦେବା ତେବେ ମୋଟ କୃଷି ବଜେଟର ଜଳସେଚନ ପାଇଁ ବ୍ୟୟବରାଦ ହେବ ୫୮ ପ୍ରତିଶତ। ଏତେ ପରିମାଣରେ ଅର୍ଥ ବରାଦ ହେଉଥିଲେ ବି ପ୍ରକୃତ ଜଳସେଚିତ ଜମିର ପରିମାଣ ସେହି ଅନୁପାତରେ ବୃଦ୍ଧି ପାଉନାହିଁ। ଯଦିଓ ଅର୍ଥମନ୍ତ୍ରୀ ବଜେଟ ଭାଷଣରେ ଦାବି କରୁଛନ୍ତି ଜଳସେଚନ ପାଇଁ ଉତ୍ସ ସୃଷ୍ଟି କରାଯାଉଛି। ଉତ୍ସ ସୃଷ୍ଟି କଲେ ଲାଭ କ'ଣ? ଉତ୍ସରୁ ଜଳ ଯାଇ ଚାଷଜମିକୁ ଜଳସେଚନ କରିବା ଉଚିତ। ଦାବି ହେଉଥିଲା ଯେ ତେଲଙ୍ଗାନା ରାଜ୍ୟ ପରି ପାରମ୍ପରିକ କୋଠ ଜଳାଶୟକୁ ମରାମତି ଓ ସଂପ୍ରସାରଣ କରି ବର୍ଷା ଜଳକୁ ସଂଗ୍ରହ କରି ଜଳସେଚନ କରିବାକୁ ଗୁରୁତ୍ୱ ଦିଆଯାଉ ଏବଂ ଚାଷୀଙ୍କ ଜମିରେ ସେଚ ପୋଖରୀ ଖୋଳି ବର୍ଷା ଜଳକୁ ସଂଗ୍ରହ କରି ଜଳସେଚନ କରିବାର ବ୍ୟବସ୍ଥା ହେଉ। ଏକ ସ୍ୱାଗତଯୋଗ୍ୟ କଥା ଯେ, ୨୦୨୦-୨୧ କୃଷି ବଜେଟରେ ପାରମ୍ପରିକ କୋଠ ଜଳାଶୟର ନବୀକରଣ କରିବା ପାଇଁ ୧୦୯୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହା ଫଳରେ ୧୦ ହଜାର କୋଠ ପୋଖରୀର ନବୀକରଣ ହେବ। କିନ୍ତୁ ଚାଷୀଙ୍କ ଜମିରେ ସେଚ ପୋଖରୀ ଖୋଳିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥାନ୍ତା।

ଓଡିଶାରେ ଛ' ଗୋଟି ଜିଲାରେ ଜଳସେଚନର ସ୍ଥିତି ଅତି ସଙ୍କଟଜନକ। ବଲାଙ୍ଗୀର, ମାଲକାନଗିରି, ସୁନ୍ଦରଗଡ଼, ନବରଙ୍ଗପୁର, ଝାରସୁଗୁଡ଼ା ଓ କନ୍ଧମାଳ ଜିଲାରେ ଯଥାକ୍ରମେ ମାତ୍ର ୧.୬୬%, ୧.୮୦%, ୩.୩୩%, ୩.୬୭%, ୫.୬୪% ଓ ୭.୨୫% ଚାଷଜମିକୁ ଜଳସେଚନର ବ୍ୟବସ୍ଥା ଅଛି। କେନ୍ଦ୍ର ବଜେଟରେ ଦେଶର ୧୦୦ ଜଳକଷ୍ଟ ଜିଲାରେ ସ୍ୱତନ୍ତ୍ର ଯୋଜନା କରି ଫସଲ ଉତ୍ପାଦନ ବୃଦ୍ଧି କରିବାର ଲକ୍ଷ୍ୟଧାର୍ଯ୍ୟ ହେଲା ବେଳେ ଆଶା କରାଯାଉଥିଲା ଅନ୍ତତଃ ଓଡିଶାର ଏହି ଛଅଟି ଜଳକଷ୍ଟ ଜିଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ କୃଷି ବଜେଟରେ ସୂଚନା ଦିଆଯିବ- ତାହା ଦେଖିବାକୁ ମିଳିଲା ନାହିଁ। କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ ଯେଉଁ ରାଜ୍ୟ କେନ୍ଦ୍ର ପ୍ରସ୍ତୁତ କରିଥିବା ତିନିଗୋଟି ଆଦର୍ଶ କୃଷି ବିକାଶ ସମ୍ବନ୍ଧୀୟ ବିଲ୍ ନିଜ ନିଜ ରାଜ୍ୟରେ ପାରିତ କରିବେ ସେହି ରାଜ୍ୟଗୁଡିକୁ ଅଗ୍ରାଧିକାର ଭିତ୍ତିରେ କୃଷି ବିକାଶ ପାଇଁ ସାହାଯ୍ୟ ଯୋଗାଇ ଦିଆଯିବ। ସେହି ଆଦର୍ଶ ବିଲ୍‌ଗୁଡିକ ହେଲା ଭାଗଚାଷୀ ଆଇନ, ଠିକାଚାଷ ଆଇନ ଓ କୃଷିଜାତ ଦ୍ରବ୍ୟ ବିପଣନ ଆଇନ। କିନ୍ତୁ ରାଜ୍ୟ କୃଷି ବଜେଟରେ ସେହିସବୁ ଆଇନ ସମ୍ବନ୍ଧରେ କୌଣସି ସୂଚନା ନାହିଁ। ଆଉ ଏକ ବଡ଼ ଘୋଷଣା କରାଯାଇଥିଲା କେନ୍ଦ୍ର ବଜେଟରେ ଯେ, ବ୍ଲକସ୍ତରରେ ଖାଦ୍ୟଶସ୍ୟ ଗୋଦାମ ପାଇଁ ଅଗ୍ରାଧିକାର ଦିଆଯିବ ଏବଂ ସେହି ଖାଦ୍ୟଶସ୍ୟ ଗୋଦାମକୁ ପଣ୍ୟାଗାରର ମାନ୍ୟତା ଦିଆଯିବ। ଏହା ଦ୍ୱାରା ଯେଉଁ ଚାଷୀମାନେ ଗୋଦାମରେ ଖାଦ୍ୟଶସ୍ୟ ସାଇତି ରଖିବେ ବଜାରରେ ଚାହିଦା ଅନୁସାରେ ଧୀରେ ଧୀରେ ବାହାର କରି ବଜାରକୁ ଛାଡିବେ। ଏହାଛଡା ସେହି ରସିଦକୁ ବ୍ୟାଙ୍କରେ ବନ୍ଧକ ଦେଇ ଖାଦ୍ୟଶସ୍ୟ ସାଇତା ଋଣ ମଧ୍ୟ ନେଇପାରିବେ। ଓଡିଶାରେ ଗୋଦାମ ଅଭାବରୁ ଚାଷୀମାନେ କିପରି ମଣ୍ଡିରେ ଧାନ ବିକ୍ରି କରି ପାରୁନାହାନ୍ତି, ସେ ବିଷୟରେ ପ୍ରତିଦିନ ଖବରକାଗଜରେ ଖବର ପ୍ରକାଶ ପାଉଛି। ସରକାର ମିଲ୍ ମାଲିକ ଉପରେ ନିର୍ଭର କରୁଛନ୍ତି। ଆଶା କରାଯାଉଥିଲା ବ୍ଲକସ୍ତରରେ ଏହି ଗୋଦାମ ନିର୍ମାଣ ସମ୍ବନ୍ଧରେ ବଜେଟରେ ବ୍ୟୟବରାଦ ହେବ- ତାହା କିନ୍ତୁ ହୋଇନାହିଁ। ସେହିପରି କେନ୍ଦ୍ର ବଜେଟରେ ଗ୍ରାମମାନଙ୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାହାଯ୍ୟରେ ଖାଦ୍ୟଶସ୍ୟ ଗୋଦାମ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲେ ମଧ୍ୟ ରାଜ୍ୟ କୃଷି ବଜେଟରେ ସୂଚନା ନାହିଁ। କେନ୍ଦ୍ର ବଜେଟରେ ଶୂନ୍ୟ କୃଷି ବଜେଟିଂ କଥା କୁହାଯାଇଛି। ଏହା ହେଉଛି ଜୈବିକ ପଦ୍ଧତିରେ ଚାଷ। ଯଦିଓ ରାଜ୍ୟ ବଜେଟରେ ଜୈବିକ କୃଷିକୁ ପ୍ରୋତ୍ସାହନ ପାଇଁ ୪୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି କିନ୍ତୁ ବିକ୍ଷିପ୍ତ ଭାବରେ ଏହି ଜୈବିକ ଚାଷ ପାଇଁ ପ୍ରୋତ୍ସାହନ ଦେଲେ ଲକ୍ଷ୍ୟ ଠିକ୍ ଭାବରେ ହାସଲ ହେଉନାହିଁ। ଗୁରୁତ୍ୱର ସହିତ ଜୈବିକ ଚାଷକୁ କେହି ଆଦରିବେ ନାହିଁ। ତେଣୁ ଅନେକେ ପ୍ରସ୍ତାବ ଦିଅନ୍ତି ଯେ ରାଜ୍ୟ ସରକାର କନ୍ଧମାଳ ଜିଲାକୁ ଜୈବିକ ଚାଷ ପାଇଁ ନିର୍ବାଚନ କରି ସିକିମ୍‌ରେ ଯେପରି ଜୈବିକ ଚାଷ ସଫଳ ହୋଇଛି, ସେହିପରି କନ୍ଧମାଳରେ ସଫଳତା ଆସିଲେ ରାଜ୍ୟର ଅନ୍ୟ ଜିଲାକୁ ପ୍ରସାରିତ କରାଯାଆନ୍ତା।

କେନ୍ଦ୍ର ବଜେଟରେ ଗୋଟିଏ ଗୋଟିଏ ଅଞ୍ଚଳକୁ ନେଇ ସଘନ ଫଳଚାଷ କରିବାକୁ ପ୍ରସ୍ତାବ ଆସିଛି। ଏହା ହେଲେ ଫଳଚାଷ ଗୋଟିଏ ଅଞ୍ଚଳରେ ସଘନ ଭାବରେ ହେବ। ସେସବୁର ପ୍ରକ୍ରିୟାକରଣ, ପ୍ୟାକେଜିଂ, ବିପଣନ, ରପ୍ତାନି ଆଦି ସହଜରେ ହେବ। ଆମର ମାଳ ଅଞ୍ଚଳରେ ଏହି ସୁଯୋଗ ଅଛି। କିନ୍ତୁ ବଜେଟରେ ସେସବୁର ଉଲ୍ଲେଖ ନାହିଁ। କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ବିପଣନ ପାଇଁ ସେପରି କିଛି ଖାସ୍ କାର୍ଯ୍ୟକ୍ରମ ଘୋଷଣା କରାଯାଇନାହିଁ। ମାଛଚାଷ ଓ ପଶୁପାଳନ ପାଇଁ ଅଧିକ ଅର୍ଥର ବ୍ୟୟବରାଦ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଏହି ଆନୁଷଙ୍ଗିକ ବୃତ୍ତି ଚାଷୀର ଆୟ ବଢାଇବାରେ ସହାୟକ ହେବ।

କୃଷକର ଆୟ ୨୦୨୨ ସୁଦ୍ଧା ଦୁଇଗୁଣ କରିବା ପାଇଁ ୨୦୨୦-୨୧ କୃଷି ବଜେଟରେ ଯେପରି ଭାବରେ କୃଷି ବିକାଶ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ସହିତ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ଉତ୍ପାଦିକାଶକ୍ତି ବୃଦ୍ଧି ଏବଂ କୃଷିଜାତ ଦ୍ରବ୍ୟର ବିପଣନ ପାଇଁ ଉଦ୍ୟମ ହେବା କଥା ତାହା ହୋଇନାହିଁ। ଏହା ଅଳ୍ପ ବହୁତେ ଏକ ଗତାନୁଗତିକ ପରିସଂଖ୍ୟାନଭିତ୍ତିକ ବଜେଟ ହୋଇଛି। ଏହି ବଜେଟରେ ଥିବା ପ୍ରସ୍ତାବ ଚାଷୀର ଆୟକୁ ଦୁଇଗୁଣ କରିପାରିବ ବୋଲି ସନ୍ଦେହ ଜାତ ହେଉଛି।

ଏ୫୦୨, ମୋତି ବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨

# ମୋ ଗାଁର ବାଟ ଓ ସାର୍‌ଙ୍କ ଛାଟ

ମନ-ମାନଚିତ୍ର
ଡ. ନରହରି ବେହେରା

ସମୟର ଆହ୍ୱାନରେ ଆଜି ଅଧିକାଂଶ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଗାଁ ଛାଡ଼ି ଦୂରଦୂରାନ୍ତ ସହରରେ ବାସ କରୁଛନ୍ତି। ବୃତ୍ତି ଚାପରେ ମୁଁ ବି ଗାଁ ଛାଡ଼ି ବାହାରେ ବାସ କରୁଛି। ଗାଁର ପୂଜାପାର୍ବଣ କି ଘରର ବିବାହ ଉତ୍ସବ ଇତ୍ୟାଦି ହେଲେ ଜଣେ ମାନ୍ୟଗଣ୍ୟ ଅତିଥି ପରି ବୁଲିଯାଏ। ନିଜ ଜନ୍ମମାଟିକୁ ଛାଡ଼ି ନ ପାରିଥିବା ମୋ ସାଙ୍ଗମାନେ ମୁଁ ବଡ଼ଲୋକ ହୋଇଗଲିଣି ବୋଲି ପରିହାସ କରନ୍ତି। ସେମାନେ ଦୂରେଇ ଦୂରେଇ ରହନ୍ତି। ଭଲରେ ମିଶନ୍ତି ନାହିଁ। ମୁଁ କିଛି ସମୟ ନିଜକୁ ସଭ୍ୟ, ଉଚ୍ଚଶିକ୍ଷିତ ଏବଂ ମାନ୍ୟଗଣ୍ୟ ମଣିଷ ବୋଲି ଭାବେ। ମାତ୍ର ଏବେ କାହିଁକି କେଜାଣି ବୟସ ବଢ଼ିବା ସହିତ ସହରରେ ଚାରିହାତ ଜାଗା ଭିତରେ ଚାପିହୋଇ ଅଣନିଃଶ୍ୱାସୀ ହେବାପରି ଲାଗୁଛି। ମୋ ଚାରିପାଖରେ ପଡ଼ୋଶୀ ଅଛନ୍ତି। ମାତ୍ର ଗାଁ ପରି ସମ୍ପର୍କ ନାହିଁ, ଯାହାକୁ ଦେଖ ନିଜ ଝରକା ଭିତରୁ କି ପାଚେରି ସେ ପାଖରେ ଲୁଚୁ ଲୁଚୁ ଚାହୁଁଛନ୍ତି। ସତେ ଯେମିତି ମୁଁ ଗୋଟିଏ ଜୋକର କି ଅଷ୍ଟ୍ରେଲିଆର କଙ୍ଗାରୁ! ମାତ୍ର ଗାଁରେ ରକ୍ତର ସମ୍ପର୍କ ନ ଥିଲେ ବି ସମସ୍ତେ ଗୋଟିଏ ଗୋଟିଏ ସମ୍ପର୍କରେ ଯୋଡ଼ିହୋଇ ଯାଉଥିଲେ।

ପିଲାଦିନେ ଆମ ଗାଁ ପାଇଁ ଯେଉଁ ଦୁଇଟି ବଡ଼ ଅଭାବ ଥିଲା, ତାହା ହେଉଛି ଆମ ଗାଁର ବାଟ ଏବଂ ଶିକ୍ଷା। ରାଜପଥରୁ ଆମ ଗାଁକୁ ଯେଉଁ ଏକମାତ୍ର ମାଟି ରାସ୍ତାଟି ଥିଲା ତାହା ଥିଲା ଅଣଓସାରିଆ। ତାହା ବର୍ଷାଦିନରେ କାଦୁଅ ପଚପଚ ହୋଇଯାଏ। ଆମ ଗାଁକୁ ଯମ ଯିବନି ବୋଲି ଲୋକମାନେ ଆମକୁ ଥଟ୍ଟାରେ କହନ୍ତି। ଶିକ୍ଷା ବୋଇଲେ ଗାଁ ମୁଣ୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟର ଶିକ୍ଷାଦାନ। ସେଇଠି ଆମ ଗାଁର ସବୁପିଲା ପଢୁଥିଲେ। ସେତେବେଳେ ଶିକ୍ଷକମାନେ ଅନେକ ପରିଶ୍ରମ କରି ଆମକୁ ପଢ଼ାଉଥିଲେ ମଧ୍ୟ କିଛି ବାଲୁଙ୍ଗା ପାଠରେ ମନ ଦେଉ ନ ଥିଲୁ। ଏମିତି ଡିଆଁଡେଇଁ କରି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଚାଲିଯାଇଥିଲି। ମାର୍କୋଣାରୁ ଜଣେ ଶିକ୍ଷକ ଆମ ସ୍କୁଲରେ ଯୋଗଦେଲେ। ତାଙ୍କ ନାଁ ମହେନ୍ଦ୍ର କୁମାର ସେଠୀ। ସେ ମୋ ପରି ଜଣେ ବାଲୁଙ୍ଗାକୁ ମଣିଷରେ ପରିଣତ କରିଥିଲେ। ସେ ମୋ ଅବସ୍ଥା ଦେଖି ଦୁଇଟି ପାଠ ଉପରେ ଦୃଷ୍ଟିଦେଲେ। ଗୋଟିଏ ବର୍ଣ୍ଣବୋଧ ଓ ଅନ୍ୟଟି ଏ ଫର୍ ଏପ୍ ଅର୍ଥାତ୍ ପ୍ରାଥମିକ ଇଂଲିଶ ଶିକ୍ଷା। ଅଳ୍ପଦିନ ଭିତରେ ମୋର ପାଠରେ ଉନ୍ନତି ହେବାର ଦେଖି ମୋ ଅନୁପସ୍ଥିତିରେ ଅନ୍ୟମାନଙ୍କ ଆଗରେ ବହୁତ ପ୍ରଶଂସା କରୁଥିବାର ଶୁଣୁଥିଲି। ମୋତେ ସେ ଖୁବ୍ ଭଲପାଉଥିଲେ ଏବଂ ଅନ୍ୟଆଗରେ ମୋତେ ବଡ଼କରି ଦେଖାଇବା ପାଇଁ ଚାହୁଁଥିଲେ। ତେଣୁ ଗାଁର କେହି ଲୋକ ସ୍କୁଲକୁ ଆସି ପହଞ୍ଚିଗଲେ ସେ ଦେଖାଇବା ପାଇଁ ବ୍ଲାକ୍‌ବୋର୍ଡ଼ରେ ଇଂଲିଶ ଏବଂ ଓଡ଼ିଆରେ ବିଭିନ୍ନ ଶବ୍ଦ ଲେଖିବାକୁ ଡାକୁଥିଲେ। ଥରେ କ'ଣ ହେଲା କେଜାଣି ଇଂଲିଶର ବଲ୍ ଶବ୍ଦଟାକୁ ଠିକ୍ କରି ଲେଖିପାରିଲି ନାହିଁ। ଏଇ ସାଧାରଣ ଶବ୍ଦଟାକୁ ଭୁଲ୍ କରିବି ସେ ବିଶ୍ୱାସ କରିପାରିଲେ ନାହିଁ। ଜଣେ ଗ୍ରାମବାସୀଙ୍କ ଆଗରେ ମୋ ଅଜ୍ଞତା ତାଙ୍କୁ ଅପମାନିତ କରିଦେଲା। ସେ ମୋତେ ପିଟି ପକେଇଗଲେ। ବର୍ତ୍ତମାନର ଦଣ୍ଡମୁକ୍ତ ବିଦ୍ୟାଳୟ ହୋଇଥିଲେ ସେ ହୁଏତ ଦୋଷୀ ସାବ୍ୟସ୍ତ ଓ ଦଣ୍ଡିତ ହୋଇଥାନ୍ତେ। ମୁଁ ସେତେବେଳେ ତାଙ୍କୁ ଭୀଷଣ ଭୟ କରୁଥିଲେ ମଧ୍ୟ ଏବେ ଅନୁଭବ କରୁଛି ତାଙ୍କ ଅନ୍ତରତଳେ ମୋ ପାଇଁ କେତେ ଭଲପାଇବା ଥିଲା! ସେଇଥିପାଇଁ ତ ମୁଁ ପାଠରେ ଭୁଲ୍ କରିଦେଲେ ସେ ରାଗି ନିଆଁବାଣ ହୋଇ ଯାଉଥିଲେ। ତା' ନ ହେଲେ ଆମ ଶ୍ରେଣୀରେ ଅନ୍ୟ ପିଲାମାନେ ପାଠରେ ଭୁଲ୍ କଲେ ମହେନ୍ଦ୍ର ସାର୍ ଏତେ ରାଗୁ ନ ଥିଲେ କାହିଁକି, ଯେତିକି ମୋ ଉପରେ ରାଗୁଥିଲେ?

ଆଜି ଗାଁର ରୂପ ବଦଳିଛି। ଗାଉଁଲି ଢଙ୍ଗ ଛାଡ଼ି ସହରୀ ଢଙ୍ଗରେ ସଜେଇ ହେଲାଣି ମୋ ଗାଁ। କାଦୁଅ ପଚ ପଚ ମୁଖ୍ୟ ରାସ୍ତାଟା ଏବେ କଳା ମଚ ମଚ ହୋଇଗଲାଣି। କିନ୍ତୁ ଏବେ ପରିସ୍ଥିତିକୁ ଦେଖିଲେ ମନେହେଉଛି, ସତେଯେମିତି ଗାଁ ବାଟର ଛାତି ନୁହେଁ, ଆମ ଗାଁର ଲୋକମାନଙ୍କର ମନଟା ଟାଣ ହୋଇଯାଇଛି। ଗାଁ ଭିତରେ ଥିବା ବାଟଟାକୁ ମରାମତି ପାଇଁ ନିଜ ଗାଁର ସରପଞ୍ଚବାବୁ ଦଳୀୟ ଚିନ୍ତାରେ ମନା କରିଦେଉଛନ୍ତି। ଆଗପରି ଗୋପାଳ ଗାଁର କୁମ୍ଭବୁଡ଼ା ଦିନ ପାଖ ସାହିର ଲୋକମାନେ ଆସୁନାହାନ୍ତି। ଆଗରୁ ପରସ୍ପରକୁ ପ୍ରାଣ ଭରି ଭଲପାଉଥିବା ଦି'ଭାଇ ଏବେ ଚାଖଣ୍ଡେ ଜମି ପାଇଁ କୋର୍ଟକଚେରି ଦୌଡୁଛନ୍ତି। ଆଗରୁ କକା, ଖୁଡ଼ୀ, ମାମୁ ପରି ସରାଗପୂର୍ଣ୍ଣ ଡାକ ଆଜି ଫିକା ପଡ଼ିଯାଇଛି। ସମସ୍ତେ ନିଜ ଜ୍ଞାତି କୁଟୁମ୍ବର ପରିଚୟ ଅପେକ୍ଷା ଗୋଟିଏ ଗୋଟିଏ ରାଜନୈତିକ ଦଳର ପରିଚୟ ନେଇ ବଞ୍ଚିବାକୁ ବେଶ୍ ଭଲ ପାଉଛନ୍ତି।

ଗାଁ ବାଟ ପରି ଆମ ଗାଁ ବିଦ୍ୟାଳୟର ଚେହେରା ମଧ୍ୟ ବଦଳି ଯାଇଛି। ଆଗପରି ନୁଆଁଣିଆ ଚାଳଘର ନାହିଁ। ଏବେ ସୁନ୍ଦର ସୁନ୍ଦର ଘର ତୋଳାଯାଇଛି। ଅନେକ ଶିକ୍ଷକ ନିଯୁକ୍ତି ପାଉଛନ୍ତି। ହେଲେ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଯେଉଁ ଭାବଗତ ସମ୍ପର୍କ ରହିବା କଥା ତାହା ନାହିଁ। ଯେଉଁ ଛାଟ ଆମପରି ଉଚ୍ଛୃଙ୍ଖଳ ବିଦ୍ୟାର୍ଥୀମାନଙ୍କୁ ବାଟ ଦେଖାଉଥିଲା ତାହା ଆଜି ଶିକ୍ଷକଙ୍କ ହାତରେ ନାହିଁ। ଅପରପକ୍ଷେ ଶିକ୍ଷକମାନଙ୍କୁ ଛାଟ ମାରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଟୋଲ୍ ଫ୍ରି ନମ୍ବର ଧରାଇ ଦିଆଯାଇଛି। ଅର୍ଥାତ୍ ଶିକ୍ଷକମାନେ ଶାସିତ ହୋଇ ଦାରୁଭୂତ ମୁରାରି ଭାବରେ ବସିରହି କେବଳ ବଚନାମୃତ ବାଣ୍ଟିବେ ସିନା ଶାସନ କରିପାରିବେ ନାହିଁ। ପ୍ରାଚୀନ କାଳରେ ଗୁରୁଙ୍କ ଆଦେଶରେ ଶିଷ୍ୟମାନେ ଦିନ ଦିନ ଉପବାସ ରହୁଥିଲେ, ରାତିସାରା ଜଳଧାରାକୁ ଅଟକାଇବା ପାଇଁ ହିଡ଼ ଉପରେ ଶୋଇ ରହୁଥିଲେ। ଏବେ ସେ ସବୁ ଆଇନ୍ ଆଖିରେ ଭୁଲ୍ ଏବଂ ଦଣ୍ଡନୀୟ। ଏସବୁ ସମୟର ଆହ୍ୱାନ। କିନ୍ତୁ ଗାଁର ସୁଖ ସମୃଦ୍ଧି ପାଇଁ ଭଲ ବାଟଟିଏ ଯେମିତି ଲୋଡ଼ା, ଠିକ୍ ସେମିତି ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ଶିକ୍ଷକଙ୍କ ସ୍ନେହପୂର୍ଣ୍ଣ ଛାଟ ଆଉ ଶିଷ୍ୟର ସମର୍ପିତ ଭାବ ନିତାନ୍ତ ଆବଶ୍ୟକ। ମାତ୍ର ଆଜି ସବୁକିଛି ଓଲଟପାଲଟ ହୋଇଯାଉଛି।

ଏ କେବଳ ମୋ ଗାଁର କଥା ନୁହେଁ। ପ୍ରାୟ ସବୁ ଗାଁ ଏବେ ସହର ହେବାକୁ ପ୍ରତିଯୋଗିତାରେ ଲାଗିପଡ଼ିଛନ୍ତି। ତେଣୁ ଗାଁରେ କବାଡ଼ି, ବାଗୁଡ଼ି ପ୍ରଭୃତିର ଖେଳ ଜମୁନି କି ସାଇଭାଇରେ ପୂନେଇଁ ପରବ ଦିନ ପିଠାପଣା ଦିଆନିଆର ଭାବ ନାହିଁ। ଏକଥା ସତ୍ୟ ଯେ ଗତି ହିଁ ଜୀବନର ପରିଭାଷା। ଆଗକୁ ଚାଲିବା ହିଁ ମଣିଷର ଧର୍ମ। ମାତ୍ର ଚାଲିବା ନାଁରେ ନିଜ ମାଟିର ବାସ୍ନା, ଜନ୍ମମାଟିର ସତ୍ତାକୁ ଭୁଲିବା କଦାପି ଉଚିତ ନୁହେଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ- ୭୯୭୮୯୦୩୫୦୯

## ଏଇ ଭାରତରେ

ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ସଫଳତା ମିଳିଥାଏ। ଏମିତି ଏକ ସଫଳତା ପାଇଛନ୍ତି ବିହାରର ମହିଳାମାନେ। ସେମାନେ ନିଜସ୍ୱ ଉଦ୍ୟମରେ ଖୋଲିଛନ୍ତି 'ଅପନା ବ୍ୟାଙ୍କ'। ମୁଜାଫରପୁର ଜିଲା ସୁରାହରି ବ୍ଲକ୍ ଖଦି ଭଣ୍ଡାର ନିକଟରେ ୨୦୧୭ରୁ ଏହି ବ୍ୟାଙ୍କ ସଫଳତାର ସହ ଚାଲୁଛି। ଏହା ମାଧ୍ୟମରେ ସେମାନେ ଜୀବିକା ଉପାର୍ଜନର ବାଟ ପାଇପାରିଛନ୍ତି। ସେମାନେ ଋଣ ନେଇ କୃଷି ଓ ଦୋକାନରେ ଲଗାଇଛନ୍ତି। ବ୍ୟାଙ୍କର କର୍ମଚାରୀ ଓ ସଦସ୍ୟ ସମସ୍ତେ ମହିଳା। ବ୍ୟାଙ୍କରେ ଅଧ୍ୟକ୍ଷ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ବ୍ୟତୀତ ଆଉ ୫ ଜଣ ମହିଳା କର୍ମଚାରୀ ରହିଛନ୍ତି। ଏହି ବ୍ୟାଙ୍କରେ ୨୫ ଲକ୍ଷ ଟଙ୍କା ଜମା ରହିଛି। ଏଥିରୁ ଋଣ ନେବା ପାଇଁ ଆବେଦନ କରିବାକୁ ହୁଏ। ପରେ ବ୍ୟାଙ୍କର ଅଧ୍ୟକ୍ଷ, ସମ୍ପାଦକ ଓ କୋଷାଧ୍ୟକ୍ଷ ସ୍ୱୀକୃତି ଦେବା ପରେ ସମ୍ପୃକ୍ତ ମହିଳାଙ୍କୁ ଋଣ ଦିଆଯାଏ ଓ ତାଙ୍କ ବ୍ୟାଙ୍କ ଖାତାରେ ଲେଖାଯାଏ। ଋଣ ନେଇଥିବା ମହିଳାଙ୍କୁ ଏକ ବର୍ଷରେ ମୂଳ ସହ ସୁଧ ଦେବାକୁ ପଡେ। ପାଖାପାଖି ୧୧୦୦ ମହିଳା ପ୍ରତିମାସରେ ଏହି ବ୍ୟାଙ୍କରେ ଟଙ୍କା ଜମା କରୁଛନ୍ତି। ଟଙ୍କା ଦେଣନେଣ ଆଲ୍ଲାହାବାଦ ବ୍ୟାଙ୍କ୍ ମାଧ୍ୟମରେ ହେଉଛି। ଅପନା ବ୍ୟାଙ୍କରୁ ୧୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଏ। ମାସକୁ ୧୦୦ ଟଙ୍କାରେ ୨ ଟଙ୍କା ସୁଧ ଦେବାକୁ ପଡେ। ଏବେ ୨୦୦ ମହିଳାଙ୍କୁ ଋଣ ପ୍ରଦାନ କରାଯାଇଛି। ଏମାନଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଜଣେ ମହିଳାଙ୍କୁ ମାସିକ ୮ ହଜାର ଟଙ୍କାରେ ନିଯୁକ୍ତି ଦିଆଯାଇଛି।

## ଚିରନ୍ତନୀ

ଗାଇ ବିଦାୟର ଡାକ   ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ   ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ!   (ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃୟାରୀ ୧୯୯୫

- ଇସ୍ରାଏଲ ଅସ୍ତ୍ରଶସ୍ତ୍ର ପ୍ରସାର ନିରୋଧୀ ଚୁକ୍ତିରେ ସ୍ୱାକ୍ଷର ନ କରିବା ପର୍ଯ୍ୟନ୍ତ ଲେବାନନ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିବ ନାହିଁ ବୋଲି ଘୋଷଣା କରିଛି।
- ମନୁଷ୍ୟ ଅଙ୍ଗ ପ୍ରତିରୋପଣ ଆଇନକୁ ଗ୍ରହଣ କରିବା ପାଇଁ କର୍ନାଟକ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ଗୃହୀତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 7 | | 3 | | A | E | | | | | |
| | 6 | | 2 | 0 | | | B | 5 | | 8 | 9 | | | |
| | | 8 | A | B | | | 1 | | | | 4 | | D | |
| B | | | C | | 8 | 0 | | | | 5 | | | | |
| 2 | | C | 3 | | | 9 | | | | | 1 | | | |
| | | | | 8 | | C | | | 6 | | D | | | A |
| 5 | | D | | | | | | 4 | 7 | | 2 | | | 1 |
| | 1 | | | 3 | 7 | | 5 | D | | 9 | | 8 | | 2 |
| | 4 | B | 1 | | | 2 | | | | | | | | 0 |
| 7 | | | 0 | | D | | | | | 4 | E | | | |
| | C | 7 | | 2 | | | | | | | B | | E | |
| | B | 6 | | | | | | C | | | | | | 8 |
| 3 | | | | 6 | | | | B | 4 | D | 8 | | | |
| | A | 9 | | 5 | 0 | E | D | | | | | | | |
| | | | | C | | | 3 | 2 | A | 1 | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | 0 | 4 | D | 8 | E | C | 9 | A | B | 6 | 7 | 2 | 5 |
| A | B | D | 9 | 7 | 5 | 8 | 2 | 3 | 1 | 4 | C | E | 6 | 0 |
| 6 | 9 | 8 | 0 | A | 2 | 4 | B | 1 | 5 | E | 7 | 3 | C | D |
| 4 | C | E | 3 | B | 6 | 0 | 5 | 7 | D | 2 | 9 | 1 | A | 8 |
| 7 | 5 | 2 | 1 | C | E | 6 | A | D | 8 | 0 | 3 | 4 | 9 | B |
| 2 | D | 4 | B | 8 | 9 | 3 | E | C | 0 | 1 | A | 6 | 5 | 7 |
| C | A | B | 7 | 2 | 3 | 1 | D | 0 | 4 | 6 | 5 | 9 | 8 | E |
| 0 | 7 | 3 | C | 5 | 4 | B | 8 | 6 | E | 9 | D | 2 | 1 | A |
| 5 | 6 | 1 | A | E | 0 | 7 | 9 | 2 | B | 3 | 8 | D | 4 | C |
| 8 | E | 9 | D | 6 | 1 | A | 4 | 5 | 7 | C | 2 | 0 | B | 3 |
| D | 1 | C | 2 | 3 | B | 5 | 0 | E | 6 | 8 | 4 | A | 7 | 9 |
| E | 4 | A | 6 | 9 | C | D | 3 | 8 | 2 | 7 | B | 5 | 0 | 1 |
| 9 | 8 | 7 | E | 1 | D | 2 | 6 | A | C | 5 | 0 | B | 3 | 4 |
| 3 | 0 | 6 | 5 | 4 | 7 | C | 1 | B | 9 | A | E | 8 | D | 2 |
| B | 2 | 5 | 8 | 0 | A | 9 | 7 | 4 | 3 | D | 1 | C | E | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ସମ୍ପ୍ରସାରଣ ଓ ପର୍ଯ୍ୟାବରଣ

ମହାଶୟ,

ବରମୁଣ୍ଡା ବସଷ୍ଟାଣ୍ଡଠାରୁ ଖୋର୍ଦ୍ଧା ୧୬ ନଂ. ଜାତୀୟ ରାଜପଥର ଅଧୁନା ଛଅ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ପ୍ରଥମ ପର୍ଯ୍ୟାୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଚାଲିଛି। ସେଥିପାଇଁ ୪ ଲେନ୍ ସମାପ୍ତି ପରବର୍ତ୍ତୀ ଲଗାଯାଇଥିବା ଗଛ ସବୁ କଟାଚାଲିଛି। ମେ ୩, ୨୦୧୯ ଫନୀ ମହାବାତ୍ୟାରେ ବିପୁଳ ସଂଖ୍ୟକ ଗଛ ଧରାଶାୟୀ ହେଲା। ଏପରିକି ରାଜପଥ ପାର୍ଶ୍ୱ ଗଛ ବି ମାଟିରେ ମିଶିଲା। ତେଣୁ ପର୍ଯ୍ୟାବରଣର ସୁରକ୍ଷା ପାଇଁ ରାଜ୍ୟ ବନବିଭାଗ ତତ୍ପରତାର ସହ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାଙ୍ଗକୁ ରାଜପଥ ପାର୍ଶ୍ୱ ବନୀକରଣ ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ। ଏପରିକି ଲୋକଙ୍କ ଜବରଦଖଲରେ ଥିବା ସରକାରୀ ଅନାବାଦୀ ଜମିରେ ଗଛ ଲଗାଯିବା ଠିକ୍ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିପଦରେ ବରିଷ୍ଠ ନାଗରିକ

ରାଜ୍ୟ ମୋଟ ଲୋକସଂଖ୍ୟାର ଏକ ପଞ୍ଚମାଂଶ ବରିଷ୍ଠ ନାଗରିକ ସୁରକ୍ଷିତ ନୁହନ୍ତି। ବୟସର ଅପରାହ୍ଣରେ ସେମାନେ ପୁଅବୋହୂ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ବରିଷ୍ଠ ନାଗରିକମାନଙ୍କ ପ୍ରତି ଆକ୍ରମଣ ବଢି ବଢି ଚାଲିଛି। ସେମାନେ ଏକୁଟିଆ ରହୁଥିବାର ସୁଯୋଗ ନେଇ ଟଙ୍କା, ସୁନା ପାଇଁ ଦୁର୍ବୃତ୍ତମାନେ ସେମାନଙ୍କୁ ହତ୍ୟା କରୁଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ନୀତି ଏକ ପ୍ରକାର ଫେଲ ମାରିଛି। ବାର୍ଦ୍ଧକ୍ୟ ଭତ୍ତା ସମସ୍ତଙ୍କ ପାଖରେ ପହଞ୍ଚିପାରୁନି। ତେଣୁ ସରକାର ବିଭିନ୍ନ ସ୍ଥାନରେ ଜରାନିବାସ ନିର୍ମାଣ କରି ଥଇଥାନ କଲେ ସେମାନେ ବାରମ୍ବାର ହୁଅନ୍ତେ ନାହିଁ। ଯେଉଁ ସନ୍ତାନମାନେ ବୃଦ୍ଧ ମାତାପିତାଙ୍କ ଯତ୍ନ ନେଉନାହାନ୍ତି ସେମାନଙ୍କୁ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରାଯାଉ। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ନାଗରିକମାନଙ୍କୁ କିଭଳି ବ୍ୟବହାର କରିବା ଉଚିତ ସେ ନେଇ ଶିକ୍ଷା ଦିଆଯାଉ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଅନୁଗୋଳ**
○ରାମକୃଷ୍ଣ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ– ଅମଲାପଡ଼ା ସମୟ– ଅପରାହ୍ନ ୪.୩୦ ଘଟିକା

# 'ସମସ୍ତଙ୍କୁ ନେଇ ବିକାଶମୂଳକ କାର୍ଯ୍ୟ କରିବି'

ଅନୁଗୋଳ ଅଫିସ, ୨୧।୨

**ଅନୁଗୋଳ ବିଜେଡି ହାଲ ଧରିଲେ ମହେନ୍ଦ୍ର**



ନଗର ବିଜେଡି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭା।

ଦୀର୍ଘ ଦିନ ହେବ ଖାଲି ପଡ଼ିଥିବା ଅନୁଗୋଳ ଜିଲା ସଭାପତି ପଦ ପାଇଁ ବରିଷ୍ଠ ଓକିଲ ତଥା ଅନୁଗୋଳ ପୌରପାଳିକା ସଭାପତି ମହେନ୍ଦ୍ର ବସ୍ତିଆଙ୍କ ନାମରେ ମୋହର ବାଜିଛି। ରାଜ୍ୟ ବିଜେଡି ରିଟର୍ନିଂ ଅଫିସର ଏହି ଘୋଷଣା କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ବିଜେଡିର ନୂତନ ଜିଲା ସଭାପତି ପ୍ରକାଶ କରିଛନ୍ତି।

ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସହ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ଓ ଆଠମଲ୍ଲିକ ବିଧାୟକ ରମେଶ ସାଏଙ୍କ ନାମ ଜିଲା ସଭାପତି ପଦ ପାଇଁ ଚର୍ଚ୍ଚାକୁ ଆସିଥିଲା। ଏପରି କି ଜିଲାର କିଛି ବରିଷ୍ଠ ସଦସ୍ୟଙ୍କ ନାମ ମଧ୍ୟ ଏହି ଚର୍ଚ୍ଚାରେ ସାମିଲ ହୋଇଥିଲା। ହେଲେ ଦଳ ସୁପ୍ରିମୋଙ୍କ ଅନୁମୋଦନ କ୍ରମେ ବସ୍ତିଆଙ୍କୁ ସଭାପତି ଭାବେ ଘୋଷଣା କରାଯାଇଛି। ପ୍ରଥମେ ଅନୁଗୋଳ ସଭାପତି ଭାବେ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂ ଥିବାବେଳେ ତାଙ୍କ ଅନ୍ତେ ଅନୁଗୋଳର ବିଧାୟକ ରଜନୀକାନ୍ତ ସିଂ ଏହି ପଦବୀରେ ଥିଲେ। କିନ୍ତୁ ଗତ ନିର୍ବାଚନ ପରେ ସେ ବିଧାନସଭା ଉପବାଚସ୍ପତି ପଦ ପାଇଥିବାରୁ ଏହି ପଦରୁ ଇସ୍ତଫା ଦେଇଥିଲେ। ଏହାପରଠାରୁ ଜିଲା ସଭାପତି ପଦ ଖାଲି ପଡ଼ିଥିଲା। ଗୁରୁବାର ବିଧାୟକଙ୍କ ପୁଅ ଅରୁନାଭ ସିଂ ନୂତନ ସଭାପତିଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଦେବା ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିଲା। ମହେନ୍ଦ୍ର ଛାତ୍ର ଜୀବନରୁ ଜନତା ଦଳ ସହ ରାଜନୀତି ଆରମ୍ଭ କରିଥିଲେ। ୧୯୭୯ରୁ ୧୯୮୪ ପର୍ଯ୍ୟନ୍ତ ଛାତ୍ର ସଭାପତି ଭାବେ ଅବିଭକ୍ତ ଢେଙ୍କାନାଳ ଜିଲାରେ ଅନୁଗୋଳ ୟୁନିଟ୍ ଦାୟିତ୍ୱରେ ଥିଲେ। ପରେ ୧୯୮୪ରୁ ୧୯୮୮ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲା ଜନତା ଦଳର ଯୁବ ଉପସଭାପତି ଦାୟିତ୍ୱ ନେଇଥିଲେ। ୧୯୮୮ରୁ ୧୯୯୦ ପର୍ଯ୍ୟନ୍ତ ସେ ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ପରେ ଢେଙ୍କାନାଳ ଜିଲା ଯୁବ ଜନତା ଦଳ ସଭାପତି ଭାବେ ୧୯୯୦ରୁ ୧୯୯୩ ପର୍ଯ୍ୟନ୍ତ ରହିଥିଲେ। ଅନୁଗୋଳ ଜିଲା ହେବା ପରେ ୨୦୧୦ ପର୍ଯ୍ୟନ୍ତ ଅନୁଗୋଳ ଜିଲାର ଯୁବ ଜନତା ଦଳର ସଭାପତି ଭାବେ କାର୍ଯ୍ୟଭାର ସମ୍ଭାଳିଥିଲେ। ୨୦୧୦ରୁ ବର୍ତ୍ତମାନ ସୁଦ୍ଧା ଅନୁଗୋଳ ପୌରପାଳିକା ସଭାପତି ଭାବେ ସେ କାର୍ଯ୍ୟ କରୁଥିବାବେଳେ ତାଳଚେର ପୌରପାଳିକାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ମଧ୍ୟ ରହିଛନ୍ତି।

ଅନୁଗୋଳ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ନଗର ବିଜେଡି ପକ୍ଷରୁ ନୂତନ ଜିଲା ସଭାପତି ମହେନ୍ଦ୍ର କୁମାର ବସ୍ତିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ନଗର ବିଜେଡି ଉପସଭାପତି ସତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ବିଧାୟକଙ୍କ ପୁଅ ଅନୁରଭ ସିଂ, ଅଜିତ ବିଶୋଇ, ସୁନୀଲ କୁମାର ସାହୁ, ବୃନ୍ଦାବନ ସ୍ୱାଇଁ, ବାଉରୀବନ୍ଧୁ ମହାପାତ୍ର, ସୌରଭ କୈଳାସ ଅଗ୍ରୱାଲା, ଅଜିତ ଦ୍ୱିବେଦୀ, ରାଜୀବ ଲୋଚନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ପରମାନନ୍ଦ ଧନ୍ୟବାଦ ଦେଇଥିଲେ। ସତ୍ୟାନନ୍ଦ ଦଳବେହେରା ସଭା କାର୍ଯ୍ୟ ଶେଷ କରିଥିଲେ।

# ଜାଗରରେ ଜୀବନ ହାରିଲେ ମହିଳା

ଅନୁଗୋଳ ଅଫିସ, ୨୧।୨

- ସ୍ୱାମୀ ଘରେ ନ ଥିବାବେଳେ ଆତ୍ମହତ୍ୟା ଅଭିଯୋଗ
- ୮ ମାସ ତଳେ କରିଥିଲେ ପ୍ରେମ ବିବାହ
- ପାଳିଥିଲେ ଜାଗର ବ୍ରତ
- ମୃତ୍ୟୁର କାରଣ ଅସ୍ପଷ୍ଟ

ଅନୁଗୋଳ ଜିଲା ବଇଣ୍ଡା ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତା ମୟୁରଭଞ୍ଜ ଜିଲା ଉଦଳା ଅଞ୍ଚଳର ରୀତାଞ୍ଜଳି ପରିଡ଼ା(୨୦) ବୋଲି ସୂଚନା ମିଳିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ଅନୁଗୋଳ ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅନୁଗୋଳ ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, କଟକ ଜିଲା ଟାଙ୍ଗି ଅଞ୍ଚଳର ଦିନେଶ କୁମାର ସ୍ୱାଇଁ ୮ ମାସ ତଳେ ରୀତାଞ୍ଜଳିଙ୍କୁ ପ୍ରେମ ବିବାହ କରିଥିଲେ। ଏହି ବିବାହ ପାଇଁ ଦିନେଶଙ୍କ ପରିବାର ରାଜି ନ ହେବାରୁ ରୀତାଞ୍ଜଳିଙ୍କ ପରିବାର ଉଦଳାର ଏକ ମନ୍ଦିରରେ ଉଭୟଙ୍କ ବିବାହ କରାଇଥିଲେ। ଦିନେଶ ବଇଣ୍ଡାରେ ଏକ ମେଡିସିନ ଷ୍ଟୋରରେ କାମ କରି ସ୍ତ୍ରୀଙ୍କୁ ନେଇ ରହିଥିଲେ। ଦିନେଶ ପୋଲିସକୁ ଦେଇଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରୀତାଞ୍ଜଳି ଜାଗର ପାଳିଥିଲେ। ତାଙ୍କ ପାଇଁ ଫଳମୂଳ ଆଣିବାକୁ ଦିନେଶ ବଜାରକୁ ରୀତାଞ୍ଜଳିଙ୍କ ମୋବାଇଲ ନେଇ ଯାଇଥିଲେ। କିନ୍ତୁ ଘରକୁ ଫେରିଲା ପରେ କବାଟ ଭିତରପଟୁ ଦିଆଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ରୀତାଞ୍ଜଳିଙ୍କୁ ଉଦ୍ଧାର କରି ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ରୀତାଞ୍ଜଳିଙ୍କ ପରିବାରକୁ ଜଣାଯାଇଛି। ସେମାନେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଖବରଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ପରୀକ୍ଷା କେନ୍ଦ୍ର ଫାଟକ ସମ୍ମୁଖରୁ ଉଠିଲା ହୋର୍ଡିଂ

କଣିହାଁ,୨୧।୨(ଡି.ଏନ.ଏ.)- କଣିହାଁ ବ୍ଲକର ନୋଡ଼ାଲ ପରୀକ୍ଷା କେନ୍ଦ୍ର ପବିତ୍ରନଗର ହାଇସ୍କୁଲ ଫାଟକ ସମ୍ମୁଖରେ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ହୋର୍ଡିଂ ଲାଗିଥିଲା। ଏହାକୁ ନେଇ ପରୀକ୍ଷାର୍ଥୀ ପ୍ରଭାବିତ ହେବା ସହ ଅଭିଭାବକଙ୍କ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ହୋର୍ଡିଂକୁ ଖୋଲାଯାଇଥିବା ଜଣାପଡିଛି।

## ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

ମାଧପୁର, ୨୧।୨- ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଫନୀ ବାତ୍ୟା ପରେ ପଞ୍ଚାୟତର ପ୍ରତ୍ୟେକ ଗାଁ ବୁଲି ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କ ସମେତ କିଛି ଠିକା କର୍ମଚାରୀ ସର୍ଭେ କରି ହିତାଧିକାରୀଙ୍କୁ ଚିହ୍ନଟ କରିଥିଲେ ହେଁ ସେମାନଙ୍କ ନାମ ୨ ଦିନ ତଳେ ପଞ୍ଚାୟତକୁ ଆସିଥିବା ତାଲିକାରେ ନ ଥିବା ଅଭିଯୋଗ ଆସିଛି। ଘର ଥିଲାବାଲା, ପୂର୍ବରୁ ଘର ପାଇଥିବା ପରିବାରର ଏକାଧିକ ଲୋକଙ୍କ ନାମ ତାଲିକାରେ ଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରେ କହିଛନ୍ତି, ଯେଉଁ ହିତାଧିକାରୀଙ୍କ ନାମ ତାଲିକାରେ ନାହିଁ ସେମାନେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ ଅଭିଯୋଗ ବାକ୍ସରେ ଆପତ୍ତି ଅଭିଯୋଗର ଚିରକୁଟ ପକାଇପାରିବେ।

## ମହିଳା ଠିକା ଶ୍ରମିକଙ୍କ ମୃତ୍ୟୁ

ବଅଁରପାଳ, ୨୧।୨(ଡି.ଏନ.ଏ.)- ନାଲ୍କୋ କନ୍ୟାବେଡା ଛକ ନିକଟରେ ତୁଳସୀ ମୁର୍ମୁ ନାମ୍ନୀ ଜଣେ ମହିଳା ଠିକା ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ କାମ କରୁଥିବାବେଳେ ହଠାତ୍ ମୁଣ୍ଡ ବୁଲାଇବାରୁ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନାଲ୍କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଅନୁମାନ କରୁଛନ୍ତି।

## ଟ୍ରକ୍ ସହ ୮ଟନ୍ କୋଇଲା ଜବତ

ତାଳଚେର,୨୧।୨(ନି.ପ୍ର.)- ତାଳଚେର ପୋଲିସ ସ୍କଟଲାଣ୍ଡପୁରଠାରୁ ଏକ ମିନିଟ୍ରକ ସହ ୮ଟନ ଚୋରା କୋଇଲା ଜବତ କରିଛି। କୋଇଲା ବୋଝେଇ ହେଉଥିବା ଖବର ପାଇ ତାଳଚେର ପୋଲିସର ଏକ ଟିମ୍ ସ୍କଟଲାଣ୍ଡପୁର ଏରିଆରେ ଚଢାଉ କରି ସେଠାରୁ ମିନି ଟ୍ରକ୍(ନଂ.ଓଡି୩୫ବି-୭୭୦୨) ଜବତ କରିଥିଲା। ତଦନ୍ତ ବେଳେ ସେଥିରେ ୮ ଟନ କୋଇଲା ଥିବା ଜଣାପଡିଥିଲା। ଘଟଣାରେ ପୋଲିସ ତାଳଚେର ବ୍ଲକ ଲିଙ୍ଗରାକଟା ଗ୍ରାମର ମଳୟ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୮୬/୨୦ରେ ଏକ ମାମଲା ରୁଜୁ ହୋଇଛି। ଯଦୁନାଥପୁରର ତରଣୀସେନ ନାଏକ, ରାଜୁ ନାଏକ ଓ ଟିକି ବେହେରା ଘଟଣାରେ ଫେରାର ଥିବା ପୋଲିସ କହିଛି।

# ଅନୁଗୋଳ–ନୂଆପଡ଼ା ଫାଇନାଲ

ଅନୁଗୋଳ ଅଫିସ, ୨୧।୨

**ସର୍ବଭାରତୀୟ ହେମସୁରପଡ଼ା କପ୍ ଫୁଟବଲ**



ସେମିଫାଇନାଲ ମ୍ୟାଚର ଏକ ଦୃଶ୍ୟ।

ଅନୁଗୋଳ ଟାଉନ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ଦ୍ୱାରା ଆୟୋଜିତ ହେମସୁରପଡ଼ା ଫୁଟବଲ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଝାଡଖଣ୍ଡ (ପି. ବ୍ରଦର୍ସ) ଓ ନୂଆପଡ଼ାର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ାର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଦଳ ୩–୧ ଗୋଲରେ ବିଜୟୀ ହୋଇଛି। ଆସନ୍ତା ୨୩ରେ ହେବାକୁ ଥିବା ଫାଇନାଲ ମ୍ୟାଚ ନୂଆପଡ଼ାର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ଅନୁଗୋଳ ମା' ବୁଢ଼ୀ ଦଳ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଉଭୟ ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ନୂଆପଡ଼ା ଦଳ ମ୍ୟାଚର ଆରମ୍ଭରୁ ଗୋଲ କରି ଝାଡ଼ଖଣ୍ଡ ଉପରେ ଭାରି ପଡ଼ିଥିଲା। ଦଳ ପକ୍ଷରୁ ସଞ୍ଜୀବ ଖାରା ୪ ମିନିଟ୍‌ରେ ପ୍ରଥମ ଗୋଲ କରି ଦଳକୁ ୧–୦ରେ ଆଗୁଆ ରଖିଥିଲେ। ପରେ ଝାଡ଼ଖଣ୍ଡର ପି. ବ୍ରଦର୍ସ ଦଳ ମ୍ୟାଚର ୩୭ ମିନିଟ୍‌ରେ ଗୋଲ କରି ୧–୧ ଗୋଲରେ ସମାନ ସ୍ଥିତିରେ ରଖିଥିଲେ। ଏହାପରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ପୁଣି ସଞ୍ଜୀବ ଖାରା ୬୦ ମିନିଟ୍‌ରେ ଦ୍ୱିତୀୟ ଗୋଲ ଓ ୬୯ ମିନିଟ୍‌ରେ ତୃତୀୟ ଗୋଲ କରି ଦଳକୁ ୩–୧ରେ ଆଗୁଆ ରଖିଥିଲେ। ଏହାପରେ ଝାଡ଼ଖଣ୍ଡ ଦଳକୁ ଗୋଲ କରିବାକୁ ସୁଯୋଗ ମିଳିଥିଲେ ମଧ୍ୟ ଏହାକୁ ଗୋଲରେ ପରିଣତ କରିବାରେ ଅକ୍ଷମ ହୋଇଥିଲା। ଏହି ମ୍ୟାଚକୁ ପ୍ରଶାନ୍ତ କୁମାର ପାଲ ପରିଚାଳନା କରିଥିବାବେଳେ ସୁରେଶ କୁମାର ଦାସ ଓ ସଲିଳ କୁମାର ବେହେରା ଲାଇନ୍‌ରେ ସହଯୋଗ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଅନୁଗୋଳ ବ୍ରାହ୍ମଣ ସମାଜ ସଭାପତି ବ୍ୟୋମକେଶ ଶତପଥୀ, ଅନୁଗୋଳ ସିଆଇଟିୟୁର ସମ୍ପାଦକ ଉପେନ୍ଦ୍ର ଶର୍ମା, ବସ୍ ଓନର ଆସୋସିଏଶନ୍‌ର ସମ୍ପାଦକ ସନ୍ତୋଷ ମିଶ୍ର ଓ ନିରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। କ୍ଲବର ସଦସ୍ୟ ରାମଚନ୍ଦ୍ର ଜେନା, କୁନା ନନ୍ଦ, ଲିପୁ ଦଳବେହେରା, ସୋନୁ ସିଂ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଉକ୍ତ ପଡ଼ିଆରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ କଟକ ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚକୁ ମଧ୍ୟ ମହିଳା ରେଫରି ପରିଚାଳନା କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ୨ ଟିପ୍ପର, ଜେସିବି ଜବତ



ଜବତ ହୋଇଥିବା ଟିପ୍ପର ଓ ଜେସିବି।

ଅନୁଗୋଳ ଅଫିସ, ୨୧।୨

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁରୁଡୁଲ ଆରଆଇଙ୍କ ଅଧୀନରେ ଥିବା ବେଣାଗାଡ଼ିରୁ ବେଆଇନ ଭାବେ ମୋରମ୍ ଚୋରା ଚାଲାଣ ଅଭିଯୋଗରେ ଅନୁଗୋଳ ପୋଲିସ ଓ ବଅଁରପାଳ ତହସିଲଦାରଙ୍କ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଘଟଣାରେ ୨ଟି ଟିପ୍ପର, ଜେସିବି ମେଶିନ ଜବତ କରାଯିବା ସହ ୩ ଜଣ ଡ୍ରାଇଭରଙ୍କୁ ଅଟକ ରଖାଯାଇଥିବା ସୂଚନା ଦିଆଯାଇଛି। ପୋଲିସ ସୂଚନା ମୁତାବକ, ବେଣାଗାଡ଼ିରେ ଥିବା ସରକାରୀ ଜାଗାରୁ ଛେଣ୍ଡିପଦା ରାସ୍ତା କାମ କରୁଥିବା ଏକ ଠିକାସଂସ୍ଥା ବେଆଇନ ଭାବେ ମୋରମ ଖୋଳିଥିଲେ। ଖବରପାଇ ସେଠାରେ ଚଢ଼ାଉ କରାଯିବା ସହ ଟିପ୍ପର ଓ ଜେସିବି ମେଶିନ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ବଅଁରପାଳ ଅତିରିକ୍ତ ତହସିଲଦାର ଶ୍ୟାମସୁନ୍ଦର ସାହୁ କହିଛନ୍ତି, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରାଯାଇଥିଲା। ଜବତ ଗାଡ଼ି ଓ ଡ୍ରାଇଭରଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି।

## ବୃଦ୍ଧଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୨୧।୨

ଅନୁଗୋଳ ସହର ଶିମିଳିପଡ଼ା ଅଞ୍ଚଳର ନବ କିଶୋର ଦାସ(୭୦) ଶୁକ୍ରବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସେ ମାନସିକ ଭାରସାମ୍ୟ ହରାଇ ଘର ପଛରେ ଥିବା ଏକ ଆମ୍ବ ଗଛରେ ରଶି ଲଗାଇ ଦେଇଥିବା ପୋଲିସ କହିଛି।

## ଦୁର୍ଘଟଣାରେ ୨ ଗୁରୁତର

ଅନୁଗୋଳ ଅଫିସ, ୨୧।୨

ଅନୁଗୋଳ ବଅଁରପାଳ ଅଞ୍ଚଳରେ ଶୁକ୍ରବାର ଏକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ଏକ ଟ୍ରକ ଓ ଟ୍ରେଲର ମଧ୍ୟରେ ଧକ୍କା ହେବାରୁ ଟ୍ରକ ଡ୍ରାଇଭର ଲକ୍ଷ୍ମଣ ସାହୁ ଓ ଚନ୍ଦ୍ରମଣି ନାଏକ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବଅଁରପାଳ ଆଡୁ ୫୫ ନଂ. ଜାତୀୟ ରାଜପଥରେ ଏକ ଟ୍ରକ ପାଣି ଟାଙ୍କି ଧରି ଅନୁଗୋଳ ଆଡ଼କୁ ଆସୁଥିବା ବେଳେ ଟ୍ରେଲରକୁ ଧକ୍କା ଦେଇଥିଲା।

## ମହିଳାଙ୍କ ଘରେ ପଶି ଯୁବକ ହଟହଟା

ବଅଁରପାଳ, ୨୧।୨(ଡି.ଏନ.ଏ.)

ନାଲ୍କୋ ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ଜଣେ ଯୁବକ ହଟହଟା ହୋଇଛନ୍ତି। ମହିଳାଙ୍କ ଘରେ କେହି ନ ଥିବାବେଳେ ଯୁବକ ଜଣକ ତାଙ୍କ ଘରେ ପଶିଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକେ ଯୁବକଙ୍କୁ କାବୁ କରି ଅଟକ ରଖିଥିଲେ। ଖବରଲେଖା ହେବା ସୁଦ୍ଧା ସେ ଅଟକ ଥିବାବେଳେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ବଢୁଛି ବେଆଇନ ଗୋ–ଚାଲାଣ

ବଇଣ୍ଡା,୨୧।୨(ଡି.ଏନ.ଏ.)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳରୁ ବେଆଇନ ଭାବେ ପ୍ରତିଦିନ ଗୋରୁଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଗୋରୁ ଚାଲାଣକାରୀମାନେ କେତେଜଣ ପୋଲିସ କର୍ମଚାରୀଙ୍କୁ ହାତ କରି ଏଭଳି କାରବାର କରୁଥିଲେ ହେଁ ଏ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଠାକୁରଗଡ଼ ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ପ୍ରତ୍ୟେକ ବୁଧବାର କୁର୍ଡିବାସପୁର ପଞ୍ଚାୟତ ଜରପଡ଼ାଠାରେ ସାପ୍ତାହିକ ହାଟ ବସୁଛି। ଜିଲା ତଥା ଜିଲା ବାହାର ଅଞ୍ଚଳରୁ ବହୁ ଗୋରୁ ବ୍ୟବସାୟୀ ଆସି ପିକଅପ ଭ୍ୟାନ, ମିନିଟ୍ରକ ଦ୍ୱାରା ଶତାଧିକ ଗୋରୁଙ୍କୁ କିଣି ଅନୁଗୋଳ, ବୌଦ୍ଧ, ଫୁଲବାଣୀ, କଟକ ତଥା ଓଡ଼ିଶା ବାହାରକୁ ଚାଲାଣ କରାଯାଉଛି। ଠାକୁରଗଡ଼ ତଥା ଆଖପାଖ ଅଞ୍ଚଳର କିଛି ଯୁବକ ଠାକୁରଗଡ଼ କଲେଜ, ତିଳେଶ୍ୱର ଘାଟି, କରଡ଼ାବାହାଲି ବାଟ ବାୟାଣୀ ପୀଠ ନିକଟରେ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ୧ ହଜାରରୁ ୫ ହଜାର ଲେଖାଏଁ ଟଙ୍କା ବେଆଇନ ଚାନ୍ଦା ଆଦାୟ ମଧ୍ୟ କରୁଥିବା ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏଥିପ୍ରତି ଅନୁଗୋଳ ଏସ୍‌ପି, ତାଳଚେର ଡିଆଇଜି, ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକଙ୍କୁ ପଚାରିବାରେ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ।




# ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

**କଣିହାଁ, ୨୧।୨(ଡି.ଏନ.ଏ.):** କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମରେ ମହାଦେବ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ ଯୋଗ ଦେଇଥିଲେ। ଖୁବଶୀଘ୍ର ମନ୍ଦିର ନିର୍ମାଣ ନେଇ ଅତିଥିମାନେ କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।



ମନ୍ଦିର ଭୂମିପୂଜା ପାଇଁ ଅନୁଷ୍ଠିତ ବୈଠକ।

**ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** | **ନୟାପଲ୍ଲୀ ଶାଖା** ୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ | **ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: **ଶ୍ରୀ ବିଶ୍ୱ ରଞ୍ଜନ ରାୟ,** ବାସସ୍ଥାନ ଠିକଣା: ୨୨୭, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ ଏବଂ **ଶ୍ରୀ ଦେବକାନ୍ତ ମହାପାତ୍ର,** ବାସସ୍ଥାନ ଠିକଣା: ପ୍ଲଟ୍ ନଂ.: ୩୨୬୪, ଶ୍ରୀରାମ ନଗର, ସାମନ୍ତପୁର, ଭୁବନେଶ୍ୱର | ଟ.୩୦,୪୦,୪୧୫/- + ସେବାବଦ ସୁଧ | ୧୧.୦୯.୨୦୧୯/ ୧୭.୦୨.୨୦୨୦ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪୦୨, ରାଜଲୋକ ଏନ୍‌କ୍ଲେଭ, ପ୍ଲଟ୍ ନଂ.: ଏନ୍/୩ ୧୧୮, ରେଭିନ୍ୟୁ ପ୍ଲଟ୍ ନଂ.: ୬୨୩/୨୭୯୩, ଖାତା ନଂ.: ୧୪୨୬/୭୨୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧୯, ପଶ୍ଚିମ: ପ୍ଲଟ୍ ନଂ.: ୧୧୭, ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୨୦.୦୨.୨୦୨୦ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-MEMU-02-2020

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ମେମୁ କାର ସେଡ୍, ଖୋର୍ଦ୍ଧା ରୋଡ଼ର କୋଚ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ ଏବଂ ଡିପୋ ପରିସରର ସଫେଇ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 90,24,193.12, EMD (ଟଙ୍କାରେ) : 1,80,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.28.02.2020ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.03.2020ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ (ବିଦ୍ୟୁତ)
PR-723/K/19-20 ଖୋର୍ଦ୍ଧା ରୋଡ଼

**ପୂର୍ବ ତଟ ରେଳପଥ**

**ଏକକ ବିଜ୍ଞାପନ ଅଧିକାର**

1) ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-NFR-ANGL-DNKL-20

**ବିବରଣୀ :** ପାଞ୍ଚ (05) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନୁଗୋଳ, ତାଳଚେର ରୋଡ଼, ତାଳଚେର ଏବଂ ଢେଙ୍କାନାଳ ରେଳ ଷ୍ଟେସନ (ଭିତର ପାର୍ଶ୍ୱ)ରେ ଏକକ ବିଜ୍ଞାପନ ଅଧିକାର ପାଇଁ ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 4,33,946.01, EMD (ଟଙ୍କାରେ) : 46,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 5 ବର୍ଷ।

2) ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-NFR-JJKR-BHC-20

**ବିବରଣୀ :** ପାଞ୍ଚ (05) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯାଜପୁର-କେନ୍ଦୁଝର ରୋଡ଼, ଭଦ୍ରକ, ଏବଂ କେନ୍ଦୁଝରଗଡ଼ ରେଳ ଷ୍ଟେସନ (ଭିତର ପାର୍ଶ୍ୱ)ରେ ଏକକ ବିଜ୍ଞାପନ ଅଧିକାର ପାଇଁ ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 9,28,222/-, EMD (ଟଙ୍କାରେ) : 98,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 5 ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ)** ତା.12.03.2020 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
PR-724/K/19-20 ଖୋର୍ଦ୍ଧା ରୋଡ଼

## ସଂକ୍ଷେପରେ

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଛେଣ୍ଡିପଦା,୨୧।୨(ସ୍ୱ.ପ୍ର)-ଛେଣ୍ଡିପଦା ଗ୍ରାମରେ ଦୀର୍ଘବର୍ଷ ଧରି ଗ୍ରାମ ସଭାପତି ଭାବେ କାର୍ଯ୍ୟ କରିଥିବା ସ୍ୱର୍ଗତ ଯୋଗୀନାଥ ଦେହୁରୀଙ୍କ ସ୍ତ୍ରୀ ଜାନକୀ ଦେହୁରୀ(୯୮)ଙ୍କ ଗୁରୁବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସ୍କୁଟି ଧକ୍କାରେ ଜଣେ ଆହତ

ବଅଁରପାଳ,୨୧।୨(ଡି.ଏନ.ଏ.)-ନାଲ୍କୋ ଥାନା ସିପିପି ରାସ୍ତା ନିକଟରେ ଶୁକ୍ରବାର ଏକ ସ୍କୁଟି ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ସେ ସାଇକେଲ ଯୋଗେ ଯାଉଥିବାବେଳେ ଏକ ସ୍କୁଟି ପଛରୁ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାଲକୋ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ଜାଗର ପାଳିଲେ ଶତାଧିକ ବ୍ରତଧାରୀ

**ଶିବରାତ୍ରି ପାଇଁ ଉତ୍ସବମୁଖର ଅନୁଗୋଳ**

**ଅନୁଗୋଳ ଅଫିସ, ୨୧।୨**

ଅନୁଗୋଳରେ ଥିବା ବିଭିନ୍ନ ଶୈବପୀଠରେ ଜାଗର ଉପଲକ୍ଷେ ଶୁକ୍ରବାର ଭିଡ଼ ପରିଲକ୍ଷିତ ହୋଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଶିବାଳୟଗୁଡ଼ିକରେ ବହୁ ସଂଖ୍ୟାରେ ବ୍ରତଧାରୀଙ୍କ ସମାଗମ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ମନ୍ଦିରଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା ଅନୁଗୋଳ ପୋଲିସ ପକ୍ଷରୁ କରାଯାଇଥିଲା।

ମହାଶିବରାତ୍ରି ପାଇଁ ଅନୁଗୋଳର ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଥିଲା। ବିଭିନ୍ନ ଶିବାଳୟ ଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରି କି ସହରର ବିଭିନ୍ନ ଅଞ୍ଚଳ ମହାଦେବଙ୍କ ଭଜନରେ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାବେଳେ ବିଭିନ୍ନ ଶିବାଳୟ ଶତାଧିକ ବ୍ରତଧାରୀଙ୍କ ଦୀପର ଆଲୋକରେ ଆଲୋକିତ ହୋଇଥିଲା। ସହରରେ ଥିବା ବୁଢ଼ୀ ଠାକୁରାଣୀ, ପିଟିସି ଆଖଣ୍ଡଳମଣି, ଅମଳାପଡ଼ା ସର୍ପେଶ୍ୱର, ହେମସୁରପଡ଼ା ସପ୍ତେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଅନୁଗୋଳ ସହରର ଉପକଣ୍ଠରେ ଥିବା ମଝିକା ଶୈବପୀଠରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ଟିପିରିସିଂହା, ଫୁଲପଡ଼ାସ୍ଥିତ ଚଣ୍ଡିଖମଣ ପ୍ରଭୃତି ଅଞ୍ଚଳରେ ମଧ ଗହଳି ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଶାନ୍ତି ଶୃଙ୍ଖଳାର ସହ ଠାକୁର ଦର୍ଶନ କରିବା ପାଇଁ ମନ୍ଦିର କମିଟି ପକ୍ଷରୁ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ପୋଲିସ ପକ୍ଷରୁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ତେବେ ରାତି ୧୦ଟା ପରେ ବିଭିନ୍ନ ଦେବାଳୟଗୁଡ଼ିକରେ ମହାଦୀପ ଉଠିଥିବାବେଳେ ମଝିକାରେ ବିଳମ୍ବରେ ମହାଦୀପ ଉଠିଥିବା ସୂଚନା ମିଳିଛି। ଏହାପରେ ବ୍ରତଧାରୀମାନେ ସେମାନଙ୍କ ବ୍ରତ ଭାଙ୍ଗି ଥିଲେ।



ଅନୁଗୋଳ ସହରସ୍ଥିତ ଏକ ମନ୍ଦିରରେ ମହିଳାମାନେ ଦୀପ ଜାଳୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ବଣିଜ
ଉତଲା ଚାଷ ।**

ବଣିଜ କିଣାବିକା ବେପାର। ଆଜି ହୋଇ ନ ପାରିଲେ କାଲି ହେବ। କାଲିକୁ ବଜାର ଭାଉ ବଢ଼ିବ ପଛେ କମିବ ନାହିଁ। ଗୋଦାମ ବା ଦୋକାନରେ ଜିନିଷ ପଡ଼ିରହିଲେ ତା'ର ମୂଲ୍ୟ ବଢ଼ିବ ପଛେ କମିବ ନାହିଁ। ବେପାର ବଣିଜରେ ଉନ୍ନତି ପାଇଁ ସମୟ ଲାଗିଥାଏ। ସେହିପରି ଚାଷର ସଫଳତା ପାଗଯୋଗ ଉପରେ ନିର୍ଭର କରେ। ଥରେ ପାଗ ଛାଡ଼ିଗଲେ ବିଲରେ ଚାଷ କରିବା, ବୁଣାବୁଣି କରିବା ଇତ୍ୟାଦି କାମ ପଛେଇଯାଏ ବା ହୋଇ ପାରି ନ ଥାଏ। ଥରେ ଚାଷରତୁ ଚାଲିଗଲେ ପୁଣି ଆସୁ ଆସୁ ବର୍ଷେ। ତେଣୁ ପାଗ ଅନୁସାରେ ଚାଷୀକୁ ସବୁବେଳେ ତରତର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ବଉଳା,
ବନ୍ଧୁ ମଉଳା ।**

ଯେତେ ପ୍ରକାର ଧାନ ଅଛି ତା' ମଧ୍ୟରୁ ବଉଳା ଧାନ ହିଁ ସବୁଠୁ ଉତ୍କୃଷ୍ଟ ଧାନ ବୋଲି ଜଣାଯାଇଥାଏ। ସେହିପରି ଯେତେ ଆତ୍ମୀୟ ବା ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩୭୬ ଅସହାୟଙ୍କୁ କମ୍ବଳ ବଣ୍ଟନ



ମନ୍ଦିର ପ୍ରତିଷ୍ଠା ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା।

**କଣିହାଁ,୨୧।୨(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ପ୍ରକଳ୍ପ ନିକଟ କଲୋନୀରେ ବାବା ଆଖଣ୍ଡଳ ମଣି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ୩୦ ବର୍ଷ ପୂର୍ତ୍ତି ଅବସରରେ ଏକ ଶୋଭାଯାତ୍ରାରେ ମୁଖ୍ୟପୂଜକ ବାବା ଆକୁଳ ପଣ୍ଡା ନାମ ସଂକୀର୍ତ୍ତନରେ ବଜାର ପରିକ୍ରମା କରି ମା' ବାଟ ମଙ୍ଗଳାଙ୍କ ପୀଠକୁ ଯାଇଥିଲେ। ଏହି ଅବସରରେ ୩୭୬ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ବହୁ ମାନ୍ୟଗଣ ବ୍ୟକ୍ତି, ଶ୍ରଦ୍ଧାଳୁ ଓ ସାମାଜିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମହାଦୀପ ଉଠିଥିଲା।

## ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ବାରିପଦା ଅଫିସ, ୨୧।୨**

ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ଶ୍ୟାମଖୁଣ୍ଟା ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଶ୍ୟାମାଖୁଣ୍ଟା ବ୍ଲକ ପାଇକବସା ପଞ୍ଚାୟତ ଟିକରପଡ଼ା ଗ୍ରାମର ହରିଶ ଚନ୍ଦ୍ର ମହାନ୍ତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ କଲ୍ କରିଥିଲେ। ତେବେ କଲ୍ କରିବାର ଘଣ୍ଟାଏ ପରେ ଆମ୍ବୁଲାନ୍ସ ପହଞ୍ଚି ହରିଶଙ୍କୁ ପିଆରଏମ୍ ମେଡ଼ିକାଲ୍‌କୁ ନେଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ମେଡିକାଲରେ ପହଞ୍ଚିବା ପରେ ତାଙ୍କ ପରିବାର ଲୋକେ ହୋହଲ୍ଲା କରିଥିଲେ। ଫାଣ୍ଡି ପୋଲିସ ଓ ମେଡିକାଲ କର୍ମଚାରୀ ବୁଝାଶୁଝା କରିବା ପରେ ପରିବାର ଲୋକେ ମୃତଦେହ ଘରକୁ ନେଇଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବଇଣ୍ଡା, ୨୧।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତ ତୁରୁଡ଼ା ଗ୍ରାମରେ ନିର୍ମାଣ ହୋଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏକ ସପ୍ତାହ ହେବ ଅନୁଷ୍ଠିତ ହୋଇଯାଇଛି। ୧୪ ତାରିଖରେ ଅଙ୍ଗପଡ଼ା ନାଳ ନିକଟରୁ କଳସରେ ପାଣି ଆଣିବା ପରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିରରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଶୁକ୍ରବାର ଠାକୁରଙ୍କୁ ଚକ୍ଷୁ ଅର୍ପଣ କରାଯାଇଥିଲା। ଏଥିରେ ଆଠମଲ୍ଲିକ ରାଜା ପରେଶ ଚନ୍ଦ୍ର ଦେଓ ଓ ତାଙ୍କ ସ୍ତ୍ରୀ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପୂର୍ତ୍ତ ବିଭାଗ ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ନିକଟସ୍ଥ ଏକ ମଣ୍ଡପରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ମଦନ ଗୋପାଳ ରାଜ ମହାରାଜ ଜୀ ଯୋଗଦେଇ ପ୍ରବଚନ ଦେଇଥିଲେ। ହଜାରି ଦାସ ଯୋଗଦେଇ ପାରାୟଣ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କମିଟି ସଭାପତି ଆରୁଣି ଆଚାର୍ଯ୍ୟ, ସୁଜିତ ସାହୁ, ଜିତେନ୍ଦ୍ର ସାହୁ, ପଦ୍ମଲୋଚନ ସାହୁ, ଭାରତଭୂଷଣ ପ୍ରଧାନ, ଦାମୋଦର ବେହେରା ପ୍ରମୁଖ ସହଯୋଗ କରିଥିଲେ।



# କାଠ ବୋଝେଇ ଭ୍ୟାନ ଜବତ

**କୁଳିଅଣା,୨୧।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଦେଉଳି ରେଞ୍ଜ ଅଧୀନ ଭୁସାଣି ଛକ ନିକଟରୁ ଶିମୁଳି, ଶିର୍ଶ, ଲିମ୍ବ ପଟା ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗୁରୁବାର ରାତିରେ ବେଙ୍ଗଲରୁ ବମ୍ଫେ ଛକ ଆଡ଼କୁ ଏହି ଭ୍ୟାନଟି ଆସୁଥିବା ଖବରପାଇ କୁଳିଅଣା ବନ ବିଭାଗ ଚଢ଼ାଉ କରି ଭ୍ୟାନ୍ ଜବତ କରିଥିଲା। ଜବତ କାଠପଟାର ମୂଲ୍ୟ ପ୍ରାୟ ୪୫ ହଜାର ଟଙ୍କା ହେବ। ଏହି ଚଢ଼ାଉରେ କୁଳିଅଣା ବନପାଳ ଗୁରୁବାରୀ ମାରାଣ୍ଡି, ବନରକ୍ଷୀ ସଦାନନ୍ଦ ରଣା, ଯୋଗେନ୍ଦ୍ର ଦତ୍ତ, ରାଜୁ ମଖୀ ଓ ସବୁଜ ବାହିନୀର ସଦସ୍ୟ ସାମିଲ ଥିଲେ।

# ସିଦ୍ଧେଶ୍ୱରଙ୍କ ପୂଜାର୍ଚ୍ଚନା କଲେ ଜିଲାପାଳ



ଜିଲାପାଳ ମନ୍ଦିରରେ ପୂଜା କରୁଛନ୍ତି।

**ଆଠମଲ୍ଲିକ,୨୧।୨(ଡି.ଏନ.ଏ.)**

ଜାଗର ଯାତ୍ରା ଅବସରରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଶୁକ୍ରବାର ଆଠମଲ୍ଲିକଗସ୍ତରେ ଆସି ୩ଟି ପ୍ରମୁଖ ମନ୍ଦିର ଦର୍ଶନ କରିଛନ୍ତି। ପ୍ରଥମେ ପ୍ରସିଦ୍ଧ ଶୈବପୀଠ ଦେଉଳଝରୀରେ ପହଞ୍ଚି ସିଦ୍ଧେଶ୍ୱରଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଜିଲାପାଳ ମାହେଶ୍ୱରୀ ମନ୍ଦିର ଦର୍ଶନ କରି ବିନିକେଇ ପୀଠରେ ପହଞ୍ଚିଥିଲେ। ଏଠାରେ ମା' ବିନିକେଇଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମୟରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଆଇଆଇସି ପ୍ରିୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର, କର୍ମଚାରୀଙ୍କ ନାମରେ ମାମଲା

**ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଘଟଣା**

**ରାଇରଙ୍ଗପୁର, ୨୧।୨ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ପବନ ପାତ୍ରଙ୍କ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ହସ୍ପିଟାଲର ଜଣେ ଡାକ୍ତରଙ୍କ ସହ କେତେକ ଷ୍ଟାଫ୍ ଚିକିତ୍ସାରେ ଅବହେଳା କରିଥିବା ଯୋଗୁ ପବନଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ଭାଇ ଜାପାନା ପାତ୍ର ରାଇରଙ୍ଗପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟାଉନ୍ ଥାନା ପୋଲିସ ଡାକ୍ତର ଓ କର୍ମଚାରୀଙ୍କ ନାମରେ ଏକ ମାମଲା(ନଂ.୨୮/୨୦ ରୁଜୁ କରିଛି। ପ୍ରକାଶ ଯେ, ପବନ ଗୁରୁବାର କୌଣସି କାରଣରୁ ବିଷ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ହରହର ମହାଦେବ ଧ୍ୱନିରେ କମ୍ପିଲା ଶୈବପୀଠ



ଆଠମଲ୍ଲିକ ଦେଉଳଝରି ଶୈବପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

**ଛେଣ୍ଡିପଦା/ବନ୍ତଳା/କଣିହାଁ/ବଅଁରପାଳ/ଆଠମଲ୍ଲିକ, ୨୧।୨(ସ୍ୱ.ପ୍ର)(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକର ବିଭିନ୍ନ ଶୈବପୀଠରେ ଶୁକ୍ରବାର ଜାଗର ଯାତ୍ରା ପାଳିତ ହୋଇଯାଇଛି। ବ୍ଲକର ଗଡମଣ୍ଡଳ, ନୂଆଗାଁ, ଛେଣ୍ଡିପଦା, କୋଶଳା, ବାଗେଡିଆ, ଖମାର, ମାଛକୁଟା, ଖମାର ବାବା ବାଣେଶ୍ୱର ମନ୍ଦିର, କଣଲୋଇ ଆଦି ଗ୍ରାମରେ ଥିବା ଶିବ ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ପ୍ରଭୁଙ୍କ ଆଶିଷ ଲାଭ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହର ହର ମହାଦେବ ଧ୍ୱନିରେ ସମଗ୍ର ଶୈବପୀଠ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ବ୍ଲକର ପୁରୁଣାଗଡସ୍ଥିତ ବରାଳ ବାଲୁଙ୍କେଶ୍ୱର ପୀଠରେ ମହାଶିବରାତ୍ରି ଧୁମଧାମ୍‌ରେ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମର ରଣେଶ୍ୱର ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇଛି। ପ୍ରାୟ ୫ ହଜାର ବ୍ରତଧାରୀ ଜାଗର ଦୀପ ଜାଳିଥିଲେ। ଭୋର ୩ଟାରେ ମହାଦୀପ ଉଠିଥିଲା। ପରିଚାଳନା କମିଟିର ସଭାପତି ଦାୟିତ୍ୱରେ ଥିବା ଭଗବାନ ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ଦେହୁରୀ, ଲମ୍ବୋଦର ଦେହୁରୀ, ଦିନେଶ ଦେହୁରୀ, ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜଗନ୍ନାଥପୁର, ଟିକରପଡା, ମଝିପଡା, ବଲଙ୍ଗ, କରତପଟା ଆଦି ଗ୍ରାମରେ ଥିବା ଶିବ ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇଛି। କଣିହାଁ ବ୍ଲକ ଅଞ୍ଚଳର କାକୁଡ଼ିଆ, ଦେନାଳି, ବଜ୍ରକୋଟ ଆଦି ଶୈବପୀଠରେ ଜାଗର ଯାତ୍ରା ପାଳିତ ହୋଇଛି। ବଅଁରପାଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ପାଳିତ ହୋଇଛି। କୁଲାଡ଼ କପିଳେଶ୍ୱର ମନ୍ଦିରରେ ବହୁ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିବା ସହ ଦୀପ ଜାଳିଥିଲେ। ସରପଞ୍ଚ ଶେଷଦେବ ଦେହୁରୀ, ମନ୍ଦିର କମିଟି ସଭାପତି ପ୍ରତାପ ଜେନା, ଗ୍ରାମ ସଭାପତି ଭାଗୀରଥି ଜେନା, ହରମୋହନ ସିଂ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଆଠମଲ୍ଲିକ ବ୍ଲକର ପ୍ରସିଦ୍ଧ ଶୈବପୀଠ ଦେଉଳଝରୀରେ ଜାଗର ଯାତ୍ରା ପାଳିତ ହୋଇଛି। ଭୋରରୁ ପାରମ୍ପରିକ ରୀତିନୀତିରେ ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଠାକୁରଙ୍କ ଦର୍ଶନ କରିଥିଲେ। ତାଳଚେରସ୍ଥିତ ବିଭିନ୍ନ ଶୈବପୀଠରେ ଜାଗର ଉପଲକ୍ଷେ ଶୁକ୍ରବାରବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା। ସକାଳୁ ଶ୍ରଦ୍ଧାଳୁମାନେ ମନ୍ଦିଠାରେ ଲମ୍ବା ଲାଇନରେ ଛିଡା ହୋଇ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ପଶ୍ଚିମେଶ୍ୱର, କୁଶଳେଶ୍ୱର, ପଞ୍ଚମୁଖୀ ଦେଉଳବେଡା, ଲିଙ୍ଗରାଜ କଲୋନି, ଡେରା, ବଲଣ୍ଡା, କଳମଛୁଇଁ ଶିବ ମନ୍ଦିରରେ ଭକ୍ତମାନେ ଜାଗର ଦୀପ ଜାଳିଥିଲେ।



ଛେଣ୍ଡିପଦା ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ଜାଗର ଯାତ୍ରା।



ବନ୍ତଳାସ୍ଥିତ ରଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଜାଗର ପାଳୁଛନ୍ତି।



ବଅଁରପାଳର ଏକ ମନ୍ଦିରରେ ଜାଗର ଅବସରରେ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମ।



ତାଳଚେରର ଏକ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ମହିଳାମାନେ ଲାଇନ ଲଗାଇଛନ୍ତି।

## ସଂକ୍ଷେପରେ

### ମିନି କପିଳାସରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା



**ପରଜଙ୍ଗ, ୨୧।୨(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତ ଅଧୀନ କାଦପଡ଼ା ଗ୍ରାମ ନିକଟ ମିନି କପିଳାସରେ ମହାଶିବରାତ୍ରି ଉପଲକ୍ଷେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଲୋକାର୍ପିତ ହୋଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ପର୍ଯ୍ୟଟକଙ୍କ ସମେତ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଛନ୍ତି। ବିଜେଡି ନେତା ଅଜିତ ସାହୁ, ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ସମିତିସଭ୍ୟ ପ୍ରଦୀପ ସାହୁ, ମନ୍ଦିର ପରିଚାଳନା କମିଟି ମୁଖ୍ୟ ବାଉରିବନ୍ଧୁ ରାଉତ, ଡାକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକଙ୍କ ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# 'ଶିକ୍ଷାକ୍ଷେତ୍ରରେ ସଚେତନ ହୁଅ'



ବାର୍ଷିକ ଉତ୍ସବରେ ଅତିଥିମାନେ।

**ପରଜଙ୍ଗ, ୨୧।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀସ୍ଥିତ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଗୁରୁବାର ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ଅଜିତ ସାହୁ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା, ଶିକ୍ଷାବିତ୍ ରବିନାରାୟଣ ଧର, ଅନୁଷ୍ଠାନର ଜିଲା ଆବାହକ ଶଙ୍କର୍ଷଣ ମିଶ୍ର, ପରିଚାଳନା କମିଟିର ସଭାନେତ୍ରୀ ସ୍ୱର୍ଣ୍ଣଲତା ନାଥ, ସମ୍ପାଦକ ସ୍ୱପ୍ନାରାଣୀ ମିଶ୍ର, ସାମାଜିକ କର୍ମୀ ସନ୍ତୋଷ ପଣ୍ଡା, ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗଙ୍ଗାଧର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୃତ୍ତିଭିତ୍ତିକ କର୍ମଶାଳା

**ଢେଙ୍କାନାଳ ଅଫିସ, ୨୧।୨**

ରାଜ୍ୟ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଓଡ଼ାପଡ଼ା ବ୍ଲକ ସିମିନଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବୃତ୍ତିଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତରଣୀସେନ ଗଡ଼ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦାଶିବପୁର ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରିୟବ୍ରତ କର୍ଣ୍ଣ ଯୋଗଦେଇ କହିଲେ, ସଫଳତା ହାସଲ କରିବାକୁ ହେଲେ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ। ଛାତ୍ର ଜୀବନରେ ପାଠପଢ଼ା ଉପରେ ଗୁରୁତ୍ୱ ଦେଲେ ଜଣେ ନିଜର ଭଲ କ୍ୟାରିୟର ଗଢ଼ିପାରିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଶୋକ ମିଶ୍ର, ବରିଷ୍ଠ ଅଧାପକ ପରେଶ ମହାପାତ୍ର, ବିଷ୍ଣୁ ପ୍ରସାଦ ସାହୁ, ବିଷ୍ଣୁ ପ୍ରସାଦ ରଥ, ସୁମନ୍ତ ରାୟ ମହାପାତ୍ର ପ୍ରମୁଖ ବୃତ୍ତିଗତ ବିଦ୍ୟାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଦିବାକର ଭଞ୍ଜ, କବିବର ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଏକାଠି କରେ ମାତୃଭାଷା



ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

**ପରଜଙ୍ଗ, ୨୧।୨(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧକ୍ଷ ନୃସିଂହ ଚରଣ କର ଅଧକ୍ଷତା କରିଥିଲେ। ମାତୃଭାଷା ମାଧ୍ୟମରେ ଏକତା ସ୍ଥାପନ କରାଯାଇପାରିବ। ଏହାଦ୍ୱାରା ଦେଶ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ଅଧକ୍ଷ ନିଜ ଅଭିଭାଷଣରେ କହିଥିଲେ। ଏହି ଅବସରରେ ପ୍ରବନ୍ଧ ଏବଂ ଐତିହ୍ୟ, ପରମ୍ପରା ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବି.ସି. ସରକାର, ଶିକ୍ଷୟିତ୍ରୀ ଜେ. ନଳିନୀ କୁମାରୀ ବଙ୍ଗଳା ଏବଂ ତେଲୁଗୁ ଭାଷାରେ ଅଭିଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନେ ଓଡ଼ିଶା ମୋ ଓଡ଼ିଶା ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶା ଶିକ୍ଷୟିତ୍ରୀ ନିରୂପମା ଭଞ୍ଜ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାତୃଭାଷା ସୁରକ୍ଷା ଲାଗି ଦାୟିତ୍ୱବାନ ହୁଅ



ଓଡ଼ାପଡ଼ା ବ୍ଲକ ସିମିନଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ମାତୃଭାଷା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ।

**ଢେଙ୍କାନାଳ ଅଫିସ, ୨୧।୨**

ଓଡ଼ାପଡ଼ା ବ୍ଲକ ସିମିନଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାତୃଭାଷାର ସୁରକ୍ଷା ଲାଗି ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଗୁରୁଜୀ ପ୍ରତାପ ଦାଶ, ରଞ୍ଜିତା କବି ଶତପଥୀ, ଲିପ୍‌ସା ମିଶ୍ର, ପୁଷ୍ପାଞ୍ଜଳି ମହାପାତ୍ର, ଶାନ୍ତିଲତା ରଣା, ଜ୍ୟୋତିର୍ମୟୀ ସିଂ ପ୍ରମୁଖ ମୂଲ୍ୟାୟନ କରିଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମାଗୁରୁଜୀ ଏଥିରେ ସହଯୋଗ କରିଥିଲେ।


## ଫଟୋରେ ଖବର



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁରଠାରେ ମହାବୀର ହନୁମାନଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଲାଗି ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଡମୋଳ ନିକଟ ବ୍ରାହ୍ମଣୀ ନଦୀରୁ ୨୫୧ଜଣ ମହିଳା ଜଳପୂର୍ଣ୍ଣ କଳସ ଧରି ଦୀର୍ଘ ୧୦ କିମି ବାଟ ଚାଲି ଚାଲି ଆସି ମଣ୍ଡପରେ ସ୍ଥାପନ କରିଥିଲେ। **(ଫଟୋ: ନିଗମାନନ୍ଦ)**


**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**
**Bank Misc. Case No.119/19**
(U/s 14 of SARFAESI Act)
**Allahabad Bank, Bapuji Nagar, Bhubaneswar** .........Petitioner
Vrs
**M/s Neelachal Petro Products Pvt Ltd** ......Opp. Parties
**To,**
**M/s Neelachal Petroproducts Pvt Ltd,** 564, Lewis Road, Samantrapur, Bhubaneswar-751002, & **Sri Narasingha Pujapanda,** S/o: Sri Gopinath Pujapanda, Baselisahi, Puri-752001 & **Smt Jharana Pujapanda,** W/o: Harihar Pujapanda, Baselisahi, Puri .
Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 119/19,** against you for the purpose of taking physical possession of the Secured Assets . Above notice was sent to you by Regd. Post, but the same was returned . You are hereby informed to appear in person or through your pleader on **13.03.2020 at 10.00 AM** in the Court to answer the claim, failing which the aforesaid matter will be decided in your absence .
**By the orders of DM & Collector (Khurda)**


# ଶିବ ସ୍ତୋତ୍ରରେ ଆଧାତ୍ମିକ ପରିବେଶ



ବୁଦ୍ଧେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।



ସାତମାଇଲ: ବ୍ରତଧାରୀ ମହିଳା, ଯୁବତୀମାନେ ଜାଗର ଜାଳି ବସିଛନ୍ତି।

**ଢେଙ୍କାନାଳ ଅଫିସ/ଭାପୁର/ପରଜଙ୍ଗ/ଭୁବନ/ସାତମାଇଲ(ଡି.ଏନ.ଏ.), ୨୧।୨**

ଦେବାଧିଦେବ ମହାଦେବଙ୍କ ଜାଗରଯାତ୍ରାକୁ ନେଇ ଶିବମୟ ହୋଇଉଠିଛି ଢେଙ୍କାନାଳ ଜିଲାର ବିଭିନ୍ନ ଶୈବପୀଠ। ପ୍ରାତଃରୁ ଦିଅଁ ଦର୍ଶନ ଲାଗି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ହୋଇଥିଲେ ମନ୍ଦିର ମୁହାଁ। ଶିବ ସ୍ତୋତ୍ର, ଶିବ ପଞ୍ଚାକ୍ଷରୀ, ମହାମୃତ୍ୟୁଞ୍ଜୟ ମନ୍ତ୍ର ସାଙ୍ଗକୁ ହୁଳହୁଳି, ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ପୀଠ। ସନ୍ଧ୍ୟାରେ ଜାଗର ଜାଳିବାକୁ ବ୍ରତଧାରୀଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ବିପୁଳ ଉତ୍ସାହ। ଢେଙ୍କାନାଳ କଲେଜ ବାଇପାସ୍, କୁଞ୍ଜକାନ୍ତ, ଗୁଡିଆନାଳୀ, ଅମଲାପଡା, ବସଷ୍ଟାଣ୍ଡ, ଦୁର୍ଗାବଜାର, ଶ୍ରୀବଳରାମ ମନ୍ଦିର, ଯାଉଁଳିପୋଖରୀ ମଠ, ମୁକ୍ତାଦେଈପୁର ଶାସନ, ନୂଆଶାସନ, ପଦ୍ମବଜାର, ନୂଆପୋଖରୀ, ଚିନ୍ମୟ ମିଶନ, ଦେଉଳସାହି, ଦକ୍ଷିଣକାଳୀ ମନ୍ଦିର, ଖମାରସାହି, ସିମିଳିଆ, ମହିଷାପାଟ, କଣ୍ଟାନାଳୀ ବାଇପାସ୍, କୋରିଆଁ ଆଦି ସ୍ଥାନରେ ଥିବା ଶୈବପୀଠରେ ଜାଗର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆଲୋକମାଳା, ସାଜସଜ୍ଜାରେ ମନ୍ଦିରଗୁଡ଼ିକ ଝଲସି ଉଠିଛି। କେତେକ ସ୍ଥାନରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହେଉଛି ।

ପରଜଙ୍ଗ ବ୍ଲକର ଐତିହ୍ୟସମ୍ପନ୍ନ କୁଆଲୋ ଅଷ୍ଟଶମ୍ଭୁ ମନ୍ଦିରରେ ୧୦ ହଜାରରୁ ଊର୍ଦ୍ଧ୍ୱ ବ୍ରତଧାରୀ ମନ୍ଦିର ପ୍ରାଙ୍ଗଣରେ ବସି ଜାଗର ଜାଳିଥିଲେ। ମନ୍ଦିର କମିଟି ନିଷ୍ପତ୍ତି ଅନୁଯାୟୀ ସକାଳୁ ଠାକୁରଙ୍କ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ହୋଇଥିଲା। ଭଜନସନ୍ଧ୍ୟା ସାଙ୍ଗକୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ରଣା ସୂଚନା ଦେଇଛନ୍ତି। ସେହିପରି ବ୍ଲକ ଅଧୀନ ସମସ୍ତ ଶୈବପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଜାଗରବ୍ରତ ପାଳିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି।

ଭୁବନର ପ୍ରସିଦ୍ଧ ଶୈବକ୍ଷେତ୍ର ବୁଦ୍ଧେଶ୍ୱର ପୀଠରେ ଆନନ୍ଦ ଉଲ୍ଲାସର ସହ ଜାଗରଯାତ୍ରା ପାଳିତ ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ପୀଠର ୩ ଦ୍ୱାର ଖୋଲା ଯାଇଥିଲା। ୨ ଦ୍ୱାରରେ ମହିଳା ଏବଂ ମୁଖ୍ୟ ଦ୍ୱାର ଦେଇ ପୁରୁଷ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପ୍ରବେଶ କରିଥିଲେ। ପୋଲିସ ପ୍ରଶାସନ, ଯୁବକ ସଂଘ, କମିଟି ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ। ଭୁବନ ସମେତ ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ସାମିଲ ହୋଇଛନ୍ତି।

ଜାଗରଯାତ୍ରା ପାଇଁ ଲୋକାରଣ୍ୟ ହୋଇଉଠିଛି ହିନ୍ଦୋଳ ବ୍ଲକର ବିଭିନ୍ନ ଶୈବପୀଠ। ଚିଉଳପୁରସ୍ଥିତ ପୁରାଣପ୍ରସିଦ୍ଧ ଶ୍ରୀଉଗ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଯାତ୍ରାକୁ ଶୃଙ୍ଖଳିତ କରିବାକୁ ରାସୋଳ ଥାନାଧିକାରୀ ବିଷ୍ଣୁଚରଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଛନ୍ତି। ସଂକୀର୍ତ୍ତନ, ଶିବପୁରାଣରେ ସମସ୍ତ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସେହିପରି ଛଦେଶ ଅଞ୍ଚଳର ନୀଳକଣ୍ଠେଶ୍ୱର, ସପ୍ତେଶ୍ୱର, ଶଙ୍କରେଶ୍ୱର, ରାମେଶ୍ୱର, ସିଦ୍ଧେଶ୍ୱର ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରାକୁ ନେଇ ଭକ୍ତିଭାବମୟ ପରିବେଶ ସୃଷ୍ଟି ହୋଇଛି।




କୁଆଲୋ ଅଷ୍ଟଶମ୍ଭୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ. ନଂ.- ୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩**
**ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ ନଂ.- ୯୪୩୭୦୮୫୪୩୪/ ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଏବଂ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ସୌମ୍ୟ ରଞ୍ଜନ | ୮ ମାସ, ତା. ୦୫।୦୭।୧୯ | ପୁଅ | ଠିକଣା- ଦଲକିଝରନ, ଥାନା- ଲେଫ୍ରିପଡ଼ା, ଜିଲ୍ଲା-ସୁନ୍ଦରଗଡ଼, ତା. ୧୩।୦୨।୨୦୨୦ |  |

**Sd./- District Child Protection Officer, Sundargarh**


**WESCO ୱେସ୍କୋ ୟୁଟିଲିଟି**
ମୁଖ୍ୟ କାର୍ଯ୍ୟାଳୟ-ବୁର୍ଲା, ଜିଲ୍ଲା-ସମ୍ବଲପୁର (ଓଡ଼ିଶା)-୭୬୮୦୧୭

**ବିଦ୍ୟୁତ୍ ଉପଭୋକ୍ତା ଧ୍ୟାନ ଦିଅନ୍ତୁ !**

**ଆପଣ ଯଦି ନିଜର ବିଦ୍ୟୁତ୍ ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ "ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ" (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇଯାଆନ୍ତୁ।**

**ଆମର ପରାମର୍ଶ**

- ଆପଣଙ୍କ ବିଦ୍ୟୁତ୍ ବିଲ୍‌ରେ କୌଣସି ତ୍ରୁଟି ଥିଲେ ତୁରନ୍ତ ନିକଟସ୍ଥ ୱେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶୀଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ ୱେସ୍କୋ ଅଧିକାରୀଙ୍କଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଉପଭୋକ୍ତାମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର "ଡିସ୍‌କନେକସନ୍ ସ୍କ୍ୱାଡ୍" ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପ୍ଟ) ଦେଖାନ୍ତୁ।
- ବକେୟା ଦେୟ ୱେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କଠାରେ ଅଥବା ଆମର ୱେବ୍‌ସାଇଟ୍ www.wescoodisha.com ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

**ପ୍ରାଧିକୃତ ଅଧିକାରୀ, ୱେସ୍କୋ ୟୁଟିଲିଟି**

**ବୈଦ୍ୟୁତିକ ସୁରକ୍ଷା ନିୟମ ପାଳନ କରନ୍ତୁ ଏବଂ ନିରାପଦ ଜୀବନଯାପନ କରନ୍ତୁ ।**

**ଦିବ୍ୟାଙ୍ଗ ଧୋଇ ଖାଇଲେ ରୁଟି, ଲୋକେ ଦେଖି ହେଲେ ଭାବୁକ**

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭାବବିହ୍ୱଳ ଭିଡିଓରେ ଜଣେ ଦିବ୍ୟାଙ୍ଗ ବୃଦ୍ଧ ରୁଟି ଖଣ୍ଡେ ଗୋଟାଇ ଟ୍ୟାପ୍‌ରେ ଧୋଇକି ଖାଉଥିବାର ଦେଖାଯାଇଛି। ଏହି ଭିଡିଓଟି ଦେଖିବା ପରେ ଲୋକେ ଭାବୁକ ହୋଇପଡିଛନ୍ତି। କୌଣସି ରେଳଷ୍ଟେଶନ ପାଖରେ ଭିଡିଓଟି ଶୁଟ୍ କରାଯାଇଛି। ଭିଡିଓଟିକୁ ସଚିନ କୌଶିକ୍ ନାମକ ଜଣେ ଟୁଇଟର୍ ୟୁଜର୍ସ ଶେୟାର କରିଛନ୍ତି। ଏହା ଏକ ହୃଦୟ ବିଦାରକ ଭିଡିଓ ବୋଲି ସେ କହିଛନ୍ତି।

# ଦେଶର ପ୍ରଥମ ବରଫ କାଫେ



**ମନାଲି:** ଲେହ-ମନାଲି ଜାତୀୟ ରାଜପଥରେ ୧୪ ହଜାର ଫୁଟର ବରଫ କାଫେ ତିଆରି କରାଯାଇଛି। ଏହା ଦେଶର ପ୍ରଥମ ବରଫ କାଫେ। ଏଠାରେ ମସଲା ଚା’, ବଟର ଟି ଏବଂ ମସଲା ମ୍ୟାଗି ଉପଲବ୍ଧ ହେବ। ଏହାକୁ ସ୍ଥାନୀୟ ୪ ଯୁବକ ମିଶି ତିଆରି କରିଛନ୍ତି। ଲଦାଖର ମିରୁ ଗାଁ ନିକଟରେ କାଫେଟି ଥିବା ବେଳେ ଏହାକୁ ତିଆରି କରିବାର ଆଇଡିଆ ଦେଇଥିଲେ ମେକାନିକାଲ ଇଞ୍ଜିନିୟର ସୋନମ୍ ୱାଙ୍ଗ୍‌ଚୁକ୍। ବରଫ କାଫେରେ ପାଇପ୍ ବ୍ୟବହାର କରାଯାଇଛି। ଉଚ୍ଚରୁ ଆସୁଥିବା ପାଣି ଯେପରି ସହଜରେ ନିଷ୍କାସନ ହୋଇପାରିବ, ତାହା କରାଯାଇଛି। ଏହାକୁ କୋନ୍ ଆକାରର ନିର୍ମାଣ କରାଯାଇଛି। ଏହା ଭିତରେ ବସିବା ପାଇଁ ଯଥେଷ୍ଟ ସ୍ଥାନ ରହିଥିବା ବେଳେ ଆରାମରେ ଚଲାବୁଲା ମଧ୍ୟ କରିହେବ। ସର୍ବସାଧାରଣଙ୍କ ନିମନ୍ତେ ୨୦୨୦ ମେ ପର୍ଯ୍ୟନ୍ତ ଏହା ରହିବ। ପରେ ତରଳିବା ଆରମ୍ଭ ହେବ। ପାଣି ଯେମିତି ଅଯଥାରେ ନଷ୍ଟ ହେବ ନାହିଁ ତା’ର ସୁବ୍ୟବସ୍ଥା ମଧ୍ୟ କରାଯାଇଛି। ବରଫ ତରଳିଲେ ପାଣି ଯେପରି ସଂରକ୍ଷିତ ହୋଇରହିବ ସେନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି। କାଫେରେ ଗରମ ଗରମ ଖାଦ୍ୟ ମିଳିବ। ଏଠାରେ ମେନୁ ବେଶି ପ୍ରକାରର ନୁହେଁ। କିନ୍ତୁ ଏମିତି ଖାଦ୍ୟ ମିଳିବ ଯାହା ମନକୁ ତାଜା କରିଦେବ। ଯେପିରିକି ମସଲା ଚା’ ଏବଂ ମସଲା ମ୍ୟାଗି। ଥଣ୍ଡାରେ ବସି ଗରମ ଗରମ ପାନୀୟ ପିଇବା ମଜା ନିଆରା ଲାଗିବ।

# ଚିନ୍ତା ଓ ପ୍ରତିଜ୍ଞାର ସମୟ

## ବିଶ୍ୱ ସ୍କାଉଟ ଦିବସ



ବିଶ୍ୱବ୍ୟାପୀ ଫେବୃୟାରୀ ୨୨କୁ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ। କୋଟି କୋଟି ସ୍କାଉଟ ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ପାଳନ କରିଥାନ୍ତି। ଏହି ଦିନ ବ୍ରିଟେନର ଲ୍ୟୁଟନାଣ୍ଟ ଜେନେରାଲ ବଡେନ୍ ପାଓ୍ୱେଲ ଜନ୍ମଗ୍ରହଣ କରିଥିଲେ। ଜଣେ ସେନା ଅଧିକାରୀ, ଲେଖକ ଓ ସମାଜ ସଂସ୍କାରକ ଭାବେ ସେ ବେଶ୍ ଜଣାଶୁଣା। ବିଶ୍ୱର ସେ ପ୍ରଥମ ଚିଫ୍ ସ୍କାଉଟ ହୋଇଥିବାରୁ ତାଙ୍କ ଜନ୍ମଦିନ(୧୮୫୭) କୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତାଙ୍କ ସ୍ତ୍ରୀ ଓଲେଭ୍ ବଡେନ୍ ପାଓ୍ୱେଲ ସ୍କାଉଟିଂ ଓ ଗର୍ଲ୍ସ ଗାଇଡ୍‌ର ପ୍ରତିଷ୍ଠାତା ଥିଲେ। ଦୁହିଁଙ୍କ ପ୍ରେରଣା କେବଳ କେନିଆ ନୁହେଁ ସାରା ବିଶ୍ୱକୁ ବାଟ ଦେଖାଇଥିଲା। ବିଭିନ୍ନ ସ୍କାଉଟ ସଂଘ ପକ୍ଷରୁ ଏହି ଦିବସକୁ ପ୍ରତିଜ୍ଞା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଗର୍ଲ୍ସ ଗାଇଡ ଓ ଗର୍ଲ୍ସ ସ୍କାଉଟ ପକ୍ଷରୁ ଏହି ଦିବସକୁ ବିଶ୍ୱ ଚିନ୍ତନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ସମସ୍ତ ସ୍କାଉଟ ଓ ଗର୍ଲ୍ସ ଗାଇଡ୍‌ମାନେ ନିଜକୁ ଶୃଙ୍ଖଳିତ କରିବା ଓ ଆନ୍ଦୋଳନର ଆଦର୍ଶକୁ ବଜାୟ ରଖିବା ଲାଗି ପ୍ରତିଜ୍ଞା କରିଥାନ୍ତି। ସମୟକ୍ରମେ ବିଭିନ୍ନ ଦେଶରେ ସ୍କାଉଟ ଓ ଗାଇଡ୍‌ର ନିୟମାବଳୀ ବଦଳି ଥିଲେ ହେଁ ଜଣେ କିପରି ଶୃଙ୍ଖଳାର ସହ ଆଦର୍ଶ ଜୀବନ ବିତାଇ ପାରିବ ଓ ସମାଜ ଲାଗି ଉଦାହରଣ ସୃଷ୍ଟି କରିପାରିବ, ସେନେଇ ଚିନ୍ତା କରିବା ସହ ପ୍ରତିଜ୍ଞା ନେଇଥାନ୍ତି।

# ସେଲିବ୍ରେଶନ ମୁଡ୍‌ରେ ‘କୁଲି ନଂ-୧’ ବରୁଣ



**ମୁମ୍ବାଇ:** ବରୁଣ ଧାଓ୍ୱନ ଏବଂ ସାରା ଅଲି ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ ‘କୁଲି ନଂ-୧’ର ଶୁଟିଂ ଶେଷ ହୋଇଯାଇଛି। ଏହାପରେ ଏକଦମ୍ ସେଲିବ୍ରେଶନ ମୁଡ୍‌ରେ ଅଛନ୍ତି ଫିଲ୍ମର ପୂରା ଟିମ୍। ନିଶ୍ଚିତ ଭାବେ ଏକ ହିଟ୍ କମେଡି ଫିଲ୍ମର ରିମେକ୍ କରିବା ଏକ ବଡ଼ ଚ୍ୟାଲେଞ୍ଜ। ଏବେ ଫିଲ୍ମର ଶୁଟିଂ ସରିବା ପରେ ବରୁଣ ଖୁବ୍ ଖୁସି ଜଣାପଡୁଛନ୍ତି। ଏହାସହ ନିଜର ଟିକିନିଖି ଅପଡେଟ୍ ସୋସିଆଲ ମିଡିଆରେ ଶେୟାର କରି ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିଛନ୍ତି। ଏହାରି ଭିତରେ ନିଜର ଆଇକନିକ୍ ଫିଲ୍ମର ରିମେକ୍ ପାଇଁ ଗୋବିନ୍ଦା ମଧ୍ୟ ବରୁଣ, ସାରା ଏବଂ ଫିଲ୍ମର ପୂରା ଟିମ୍‌କୁ ଶୁଭକାମନା ଜଣାଇଛନ୍ତି। ୧୯୯୫ରେ ଗୋବିନ୍ଦାଙ୍କ କମେଡି ଫିଲ୍ମ ‘କୁଲି ନଂ-୧’ ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଡେଭିଡ୍ ଧାଓ୍ୱନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କରିସ୍ମା କପୁର ଗୋବିନ୍ଦାଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ। ଏବେ ଏହାର ରିମେକ୍‌ରେ ବରୁଣ-ସାରାଙ୍କୁ ଦେଖିବାକୁ ମିଳିବ। ନିକଟରେ ଫିଲ୍ମର ଶୁଟିଂ ଶେଷ ହୋଇଥିବା ବେଳେ ବରୁଣ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଏନେଇ ଫ୍ୟାନ୍‌ମାନଙ୍କୁ ଅପ୍‌ଡେଟ୍ ଦେଇଛନ୍ତି। ବରୁଣ ଗୋଆରୁ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ଶାର୍ଟ-ଲେସ୍ ଫଟୋ ଶେୟାର କରିଛନ୍ତି, ଯାହା ଏବେ ଭାଇରାଲ ହେଉଛି। ଫଟୋ ଶେୟାର କରି ସେ ଲେଖିଛନ୍ତି, "ପ୍ୟାନ୍‌କେକ୍, ଶୁକ୍ରବାର ଏକ ନଂ ବ୍ରେକ୍‌ଫାଷ୍ଟ। ଏବେ ଏବେ ଫିଲ୍ମ ‘କୁଲି ନଂ-୧’ର ଶୁଟିଂ ଶେଷ ହେଲା। ବର୍ତ୍ତମାନ ସୁଦ୍ଧା ଏହା ହେଉଛି ମୋ ଜୀବନର ସବୁଠାରୁ ମଜାଳିଆ ଫିଲ୍ମ। ଆଉ ଏଥିପାଇଁ ମୁଁ ଏଭଳି ସେଲିବ୍ରେଟ୍ କରିବାକୁ ନିଷ୍ପତ୍ତି ନେଲି।" ବରୁଣଙ୍କ ଏହି ପୋଷ୍ଟଟି ସୋସିଆଲ ମିଡିଆରେ ଏବେ ଲକ୍ଷ ଲକ୍ଷ ଲାଇକ୍, କମେଣ୍ଟ ସାଉଁଟୁଛି। ତେବେ ଯାହା ଜଣାପଡ଼ିଛି ବରୁଣ ଏବଂ ସାରା ଫିଲ୍ମର ଏକ ରୋମାଣ୍ଟିକ୍ ସିକ୍ୱେନ୍ସର ଶୁଟିଂ ପାଇଁ ଗୋଆ ଆସିଥିଲେ। ଏଠାରେ ଶୁଟିଂ କଲାବେଳେ ବରୁଣ ସାମାନ୍ୟ ଆହତ ମଧ୍ୟ ହୋଇଥିଲେ। ଏବେ ଗୋଆରୁ ତାଙ୍କ ସେଲିବ୍ରେଶନର ଅପ୍‌ଡେଟ୍ ପାଇବା ପରେ ଫ୍ୟାନ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। ଫିଲ୍ମଟି ମେ’ ୧ରେ ରିଲିଜ୍ ହେବ।

# ‘ଫିଟ୍ ଇଣ୍ଡିଆ ଦଣ୍ଡ ବୈଠକ ମେଶିନ’

**ନୂଆଦିଲ୍ଲୀ:** ୧୦ଟଙ୍କାର ପ୍ଲାଟଫର୍ମ ଟିକେଟକୁ ମାଗଣାରେ ନେବାକୁ ଚାହୁଁଛନ୍ତି କି ? ଯଦି ହଁ ତେବେ ଆପଣଙ୍କୁ ଏଥିପାଇଁ କିଛି ସର୍ତ୍ତ ପୂରା କରିବାକୁ ପଡ଼ିବ। ଆଉ ଏହି ସର୍ତ୍ତ ମଧ୍ୟ ଶରୀର ପାଇଁ ଲାଭଦାୟକ। କଥାଟି ଟିକେ ଅଡୁଆ ଲାଗୁଛି ହେଲେ ସତ। ବ୍ୟସ୍ତ ହୁଅନ୍ତୁ ନାହିଁ, ଆଉ ବେଶି ସମୟ ସସ୍‌ପେନ୍ସ ଭିତରେ ନ ରଖି ଘଟଣା ସମ୍ପର୍କରେ କହୁଛୁ। କଥାଟି ହେଲା, ଯଦି ପ୍ଲାଟଫର୍ମ ଟିକେଟ ମାଗଣାରେ ଦରକାର ତେବେ ଏଥିପାଇଁ ଆପଣଙ୍କୁ ୩୦ଥର ଦଣ୍ଡ ବୈଠକ କରିବାକୁ ପଡ଼ିବ। ଏହି ସୁବିଧା ଏବେ ଦିଲ୍ଲୀର ଆନନ୍ଦ ବିହାର ରେଲୱେ ଷ୍ଟେଶନରେ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଆନନ୍ଦ ବିହାର ରେଲୱେ ଷ୍ଟେଶନରେ ଏଭଳି ଏକ ମେଶିନ୍ ଲାଗିଛି, ଯାହାର ସାମ୍ନାରେ ୧୮୦ ସେକେଣ୍ଡରେ ୩୦ଥର ଦଣ୍ଡ ବୈଠକ ଲଗାଇଲେ ମାଗଣାରେ ପ୍ଲାଟଫର୍ମ ଟିକେଟ ମିଳିପାରିବ। ଶୁକ୍ରବାର ଏହି ମେଶିନ୍‌ର ଉଦ୍‌ଘାଟନ କରାଯାଇଥିବା ବେଳେ ଏହା ଭାରତର ପ୍ରଥମ ଦଣ୍ଡ ବୈଠକ ମେଶିନ ବୋଲି କୁହାଯାଇଛି।



ଏହାକୁ ‘ଫିଟ୍ ଇଣ୍ଡିଆ ଦଣ୍ଡ ବୈଠକ ମେଶିନ’ ନାମରେ ନାମିତ କରାଯାଇଛି। ଉକ୍ତ ମେଶିନରେ ଲାଗିଥିବା ଡିସ୍‌ପ୍ଲେରେ ପଏଣ୍ଟ ଦେଖାଯିବ। ଗୋଟିଏ ବୈଠକ ପାଇଁ ୧ ପଏଣ୍ଟ ମିଳିବ। ସେହିପରି ଯଦି ଜଣେ ୩୦ପଏଣ୍ଟ କରିବେ ତେବେ ତାଙ୍କୁ ପ୍ଲାଟଫର୍ମ ଟିକେଟ ମିଳିପାରିବ।

# ଗର୍ଲ ଫ୍ରେଣ୍ଡ ଦେଲେ ମିଳିବ ୧୮ ଲକ୍ଷ

**ୱାଶିଂଟନ:** ଆମେରିକାର ଜଣେ ବ୍ୟବସାୟୀ ତାଙ୍କ ପାଇଁ ଗର୍ଲ ଫ୍ରେଣ୍ଡ ଖୋଜି ଦେଲେ ୧୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ୪୭ ବର୍ଷ ବୟସ୍କ ଜେଫ୍ ଜେର୍‌ହାର୍ଟ ଏଭଳି ଘୋଷଣା କରି ରାତାରାତି ସୋସିଆଲ୍ ମିଡ଼ିଆରେ ପରିଚିତି ହାସଲ କରିଛନ୍ତି। ଏନେଇ ଜଫ୍ ‘ଡେଟ୍ ଜେଫ୍ ଜି’ ନାମକ ଏକ ୱେବସାଇଟ୍ ମଧ୍ୟ ତିଆରି କରିଛନ୍ତି। ସେ ତାଙ୍କ ୱେବସାଇଟ୍‌ରେ ସୂଚନା ଦେଇଛନ୍ତି ଯେ, ତାଙ୍କ ଗର୍ଲଫ୍ରେଣ୍ଡଙ୍କଠାରେ ଆତ୍ମବିଶ୍ୱାସ ରହିଥିବ। ଏହା ସହିତ ସେ ଖୁସି ମିଜାଜ୍‌ର ହୋଇଥିବା ଆବଶ୍ୟକ। ସେ ଜେଫ୍‌ଙ୍କ ଖରାପ ଓ ମନ୍ଦ ଗୁଣକୁ ଗ୍ରହଣ କରିନେଇ ତାଙ୍କୁ ଭଲ ପାଇପାରୁଥିବା ଦରକାର ବୋଲି ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଛି।




# ମେୟର ଭାବେ ଶପଥ ନେଲା କୁକୁର



**କଲୋରାଡୋ:** ମେୟର ଭାବେ କୌଣସି ବ୍ୟକ୍ତି ବିଶେଷ ଶପଥ ନେବା ସାଧାରଣ କଥା। କିନ୍ତୁ କୌଣସି ପ୍ରାଣୀ ଏଭଳି ଶପଥ ନେବା ଶୁଣିଲେ ନିଶ୍ଚିତ ଭାବେ ଯେକେହି ଆଶ୍ଚର୍ଯ୍ୟ ହେବେ। ତେବେ ଆମେରିକାର କଲୋରାଡୋରେ ଏଭଳି ଘଟିଛି। ସ୍ଥାନୀୟ ଜର୍ଜ ଟାଉନ୍‌ର ନୂଆ ମେୟର ଭାବେ ସ୍ନୋ ଡଗ୍ ପାର୍କର ଦେହରେ କୋଟ ଘୋଡ଼ି ହୋଇ ବେକରେ ଟାଇ ବାନ୍ଧି ଚଷମା ପିନ୍ଧି ଟେବୁଲ ଉପରେ ବସି ଶପଥ ନେଇଛି। ଏହି ଉତ୍ସବର ଫଟୋକୁ ଜର୍ଜ ଟାଉନ୍‌ର କ୍ଲିୟର କ୍ରିକ୍‌ଠାରେ ଥିବା କମ୍ୟୁନିଟି ସେଣ୍ଟର ପକ୍ଷରୁ ଫେସବୁକ୍‌ରେ ଶେୟାର କରାଯାଇଛି। ଏହା ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ମେୟର ପଦବୀ ପାଇଁ ହୋଇଥିବା ନିର୍ବାଚନରେ ପାର୍କରକୁ ଲୋକେ ବିପୁଳ ସଂଖ୍ୟାରେ ଭୋଟ ଦେଇ ନିର୍ବାଚିତ କରିଛନ୍ତି। ପାର୍କର ମେୟର ହେବାକୁ ସୋସିଆଲ୍ ମିଡ଼ିଆର ବହୁ ୟୁଜର ପସନ୍ଦ କରିଛନ୍ତି।

# ଦ୍ୱିତୀୟଥର ପାଇଁ ମା’ ହେଲେ ଶିଳ୍ପା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଦ୍ୱିତୀୟଥର ମା’ ହୋଇଛନ୍ତି। ସୋସିଆଲ ମିଡିଆରେ ଶିଳ୍ପା ଏହି ସୂଚନା ଦେଇଛନ୍ତି। ସରୋଗେସି ପଦ୍ଧତି ଆପଣାଇ ଫେବୃୟାରୀ ୧୫ରେ ତାଙ୍କର ଏକ ଝିଅ ହୋଇଥିବା ସେ କହିଛନ୍ତି। ଏହା ସହ ଝିଅର ହାତ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଝିଅର ନାଁ ସମୀଷା ସେଟ୍ଟୀ ଦେଇଛନ୍ତି। ଫଟୋ ଶେୟାର କରି ଓମ୍ ଗଣେଶାୟ ନମଃ, ଆମ ପ୍ରାର୍ଥନାର ଆଜି ଫଳ ମିଳିଛି। ଆମ ଘରକୁ ଆଜି ଲିଟିଲ୍ ଆଞ୍ଜେଲ ଆସିଛି ବୋଲି ଶିଳ୍ପା କହିଛନ୍ତି। ୨୦୦୯, ନଭେମ୍ବର ୨୨ରେ ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କୁ ବିବାହ କରିଥିଲେ ଶିଳ୍ପା। ୨୦୧୨ରେ ତାଙ୍କ ପୁଅ ଭିଆନ୍ ଜନ୍ମଗ୍ରହଣ କରିଥିଲେ। ପ୍ରକାଶଥାଉ କି, ବଲିଉଡ୍‌ରୁ ନିଜକୁ ଦୂରେଇ ରଖି ଶିଳ୍ପା ସବୀର ଖାନ୍‌ଙ୍କ ଫିଲ୍ମ ‘ନିକମ୍ମା’ ମାଧ୍ୟମରେ ଦୀର୍ଘ ୧୩ ବର୍ଷ ପରେ ପରଦାକୁ ଫେରିଛନ୍ତି। ଚଳିତବର୍ଷ ଜୁନ୍‌ରେ ଏହି ଫିଲ୍ମ ରିଲିଜ୍ ହେବାର ଅଛି। ଏଥିସହ ପ୍ରିୟଦର୍ଶନଙ୍କ ‘ହଙ୍ଗାମା-୨’ରେ ମଧ୍ୟ ଶିଳ୍ପା ନଜର ଆସିବେ।



## ସଂକ୍ଷେପରେ

### ଓକିଲଙ୍କ କ୍ରମାଗତ ଧର୍ମଘଟକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୧।୨(ପି.ଟି.): ପାକିସ୍ତାନ ସ୍କୁଲ୍‌ରେ ବୋମା ଫୁଟିବା, ନେପାଳରେ ଭୂମିକମ୍ପ ହେବା ଭଳି କାରଣକୁ ନେଇ ଓକିଲମାନେ ବାରମ୍ବାର ଧର୍ମଘଟ କରୁଥିବାରୁ ସୁପ୍ରିମକୋର୍ଟ ଏଥିରେ କ୍ଷୁବ୍ଧ ହୋଇଛନ୍ତି। ଏଭଳି ଜୋକ୍ ବନ୍ଦ କରିବାକୁ ସର୍ବୋଚ୍ଚ ଅଦାଲତ ସେମାନଙ୍କୁ ତାଗିଦ କରିଛନ୍ତି। ଉତ୍ତରାଖଣ୍ଡର ୩ଟି ଜିଲାରେ ଗତ ୩୫ ବର୍ଷ ହେଲା ସବୁ କାର୍ଯ୍ୟଦିବସ ଶନିବାର ଆଇନଜୀବୀମାନେ ଧର୍ମଘଟ ଚଳାଇଥିବାରୁ ଏହା ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଡେରାଡୁନ୍ ସମେତ ହରିଦ୍ୱାର ଓ ଉଧାମସିଂ ନଗରର କେତେକ ଅଞ୍ଚଳରେ ଆଇନଜୀବୀମାନେ ପ୍ରତି କାର୍ଯ୍ୟଦିବସ ଶନିବାର କୋର୍ଟ ବର୍ଜନ କରି ଧର୍ମଘଟ କରୁଥିବାରୁ ଉତ୍ତରାଖଣ୍ଡ ହାଇକୋର୍ଟ ଏହାକୁ ବେଆଇନ ଦର୍ଶାଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଏକ ପିଟିଶନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। ଓକିଲ ଧର୍ମଘଟ ଯୋଗୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବହୁସଂଖ୍ୟାରେ ମାମଲା ବିଚାର ହୋଇ ନ ପାରି ପଡ଼ିରହୁଛି। ମୂଲ୍ୟବାନ କାର୍ଯ୍ୟଦିବସ ନଷ୍ଟ ହେଉଛି। ହାଇକୋର୍ଟ ଏ ସମ୍ପର୍କରେ ଲ କମିଶନଙ୍କୁ ଜଣାଇଥିଲେ। ସେତେବେଳକୁ ଡେରାଡୁନ୍‌ରେ ଓକିଲଙ୍କ ଧର୍ମଘଟ ୪୫୫ ଦିନ ହୋଇଥିବାବେଳେ ହରିଦ୍ୱାର ଜିଲାରେ ୫୧୫ ଦିନ ହୋଇଥିଲା,ଯାହା ପଛରେ କୌଣସି ଯଥାର୍ଥ କାରଣ ନ ଥିଲା। ଏହାର ଶୁଣାଣି କରି ଜଷ୍ଟିସ୍ ଅରୁଣ ମିଶ୍ର ଓ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବିସ୍ଫୋରଣ, ଭୂକମ୍ପ, ବର୍ଷା ଭଳି ଘଟଣା ଦେଶର ସବୁଆଡେ ଘଟୁଛି। ଏହାକୁ ନେଇ ପ୍ରତି ଶନିବାର ଧର୍ମଘଟ ଚଳାଇବାକୁ ବାର୍ ଆସୋସିଏଶନ କିପରି କହିପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ଏଭଳି କାର୍ଯ୍ୟକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ଅନୁପଙ୍କୁ ରାତିଅଧିଆ ମାରାଥନ ଜେରା

ଝାରସୁଗୁଡ଼ା, ୨୧।୨ (ଡି.ଏନ.ଏ.)

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟାକାଣ୍ଡ ଘଟଣା**

- ଆଜି ଘଟଣାସ୍ଥଳରେ ଲାଇଭ୍ ଡେମୋ ଦେଖାଇବେ ଅନୁପ
- ସ୍ୱାସ୍ଥ୍ୟ ଠିକ୍ ନ ଥିବା କହି ଘର ଖାଦ୍ୟ ମାଗୁଛନ୍ତି
- ରାୟଗଡ଼ରେ ଡେରା ପକାଇଛନ୍ତି ପରିବାର ଲୋକେ


ଅନୁପ ସାଏ

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଛତିଶଗଡ ପୋଲିସ ମାରାଥନ ଜେରା କରୁଛି। ଶନିବାର ସନ୍ଧ୍ୟାରେ ଅନୁପଙ୍କ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ପୋଲିସ ତାଙ୍କ ନିକଟରୁ ବିଭିନ୍ନ ତଥ୍ୟ ସଂଗ୍ରହ ପାଇଁ ଜୋରସୋର ଉଦ୍ୟମ ଜାରି ରଖିଛି। ତେବେ ପୂର୍ବରୁ ଅ'ନୁପ ପୋଲିସ ନିକଟରେ ନିଜ ଦୋଷ ସ୍ୱୀକାର କରିଥିବା ବେଳେ ଏବେ କିନ୍ତୁ ସେ କିଛି ତଥ୍ୟ ଦେଉ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କୁ ଜେରା କରାଯାଇଥିଲା। ଶୁକ୍ରବାର ଭୋରୁ ତାଙ୍କୁ ନିଦରୁ ଉଠାଇ ପୁଣି ପୋଲିସ ଜେରା କରିଛି। ହେଲେ ଅନୁପ ଅଧିକାଂଶ ସମୟରେ ନିଜ ସ୍ୱାସ୍ଥ୍ୟ ଠିକ୍ ନ ଥିବା ଦର୍ଶାଇ ଚୁପ୍ ରହୁଛନ୍ତି। ତାଙ୍କ ସମ୍ପର୍କୀୟ ଓ ପରିବାରବର୍ଗ ରାୟଗଡରେ ଡେରା ପକାଇଥିବାରୁ ତାଙ୍କୁ ଘର ଖାଦ୍ୟ ଆଣି ଦେବାକୁ ଅନୁପ ପୋଲିସକୁ ବାରମ୍ବାର କହୁଛନ୍ତି। ହେଲେ ପୋଲିସ ହୋଟେଲରୁ ଖାଦ୍ୟ ମଗାଇ ଅନୁପଙ୍କୁ ଦେଉଛି। ଅନୁପ ଅଳ୍ପ ଖାଇ ଶୋଉଛନ୍ତି। ଶନିବାର ପୋଲିସ ଅନୁପଙ୍କୁ ହତ୍ୟାକାଣ୍ଡସ୍ଥଳ ଛତିଶଗଡ଼ର ରାୟଗଡ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲକୁ ନେଇ ଲାଇଭ ଡେମୋ କରାଇବାକୁ ଯୋଜନା କରିଛି। ଅନ୍ୟପକ୍ଷେ ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ପୁଣି ରିମାଣ୍ଡରେ ଆଣିବାକୁ ପୋଲିସ କୋର୍ଟରେ ଆବେଦନ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଅନୁପଙ୍କୁ ୩ ଦିନ ଓ ବର୍ଦ୍ଧନଙ୍କୁ ଗୋଟିଏ ଦିନ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଥିଲେ। ଏହି ଡବଲ ମର୍ଡରକୁ କୋର୍ଟରେ ପ୍ରମାଣିତ କରିବାକୁ ପୋଲିସ ଦିନ ରାତି ଏକ କରି ଦେଇଛି।

# ରାଜନୈତିକ ରୂପ ଦେଉଛି କଂଗ୍ରେସ: ବିଧାୟକ

**ବାଙ୍କୀ ଡବଲ ମର୍ଡର ଘଟଣା**

**କଟକ ଅଫିସ,୨୧।୨:** ବାଙ୍କୀ ଡବଲ ମର୍ଡର ଘଟଣାକୁ ନେଇ କଟକ ଜିଲାର ରାଜନୈତିକ ମାହୋଲ ଦିନକୁ ଦିନ ସରଗରମ ହେଉଛି। ଏହି ଘଟଣାକୁ କେନ୍ଦ୍ର କରି ବିଜେଡି ଓ କଂଗ୍ରେସ ଦଳର ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଘଟିଥିବା ଡବଲ ମର୍ଡର ଘଟଣା ପଛରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଥିବାବେଳେ ଏବେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ସେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହାର କଡା ଜବାବ ଦେଇଛନ୍ତି। ଦେବୀ ରଞ୍ଜନଙ୍କ କହିବା ଅନୁଯାୟୀ, ବ୍ୟକ୍ତିଗତ ଆକ୍ରୋଶରୁ ଏହି ହତ୍ୟାକାଣ୍ଡ ଘଟିଲା। ଘଟଣାର ତଦନ୍ତ ଠିକ୍ ଭାବେ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ବିଜେଡି ପକ୍ଷରୁ ଏ ଦିଗରେ କୌଣସି ଦ୍ୱିଧା ନାହିଁ। ଗତ ନିର୍ବାଚନର ଆକ୍ରୋଶ ରଖି କଂଗ୍ରେସ ଏବେ ଉକ୍ତ ହତ୍ୟାକାଣ୍ଡକୁ ଜୋର ଜବରଦସ୍ତ ରାଜନୈତିକ ରୂପ ଦେଉଛି ବୋଲି ବିଧାୟକ ତ୍ରିପାଠୀ କହିଛନ୍ତି। ବାଙ୍କୀ ବିଜୁ ଜନତା ଦଳର ନଗର ସଭାପତି ତଥା ଆଇନଜୀବୀ ହରେକୃଷ୍ଣ ଦାସ, ବାଙ୍କୀ ବ୍ଲକ ସଭାପତି ଅନନ୍ତ ଦାସ, ଡମପଡା ବ୍ଲକ ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ ବିଜୁ ଯୁବ ଜନତା ଦଳ ସଭାପତି ସନ୍ତୋଷ ରଣା, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ମଧ୍ୟ ଏ ନେଇ ଏକ ପ୍ରେସ୍ ବିବୃତି ଜାରି କରିବା ସହ କଂଗ୍ରେସର ଆକ୍ଷେପକୁ ମିଥ୍ୟା ବୋଲି କହିଛନ୍ତି। ସୂଚନାଥାଉ କି, କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉକ୍ତ ଡବଲ ମର୍ଡର ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ଏଥିରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସାର ଡାକରା ଦେଇଥିବାବେଳେ ତାଙ୍କ ଦଳର ନେତାମାନେ ଏପରି କରୁଛନ୍ତି ବୋଲି ନିରଞ୍ଜନ କହିଥିଲେ।

# ଦୀପ ନିଆଁରେ ପୋଡ଼ିହୋଇ ୨ ମହିଳା ଗୁରୁତର

ବ୍ରହ୍ମପୁର ଅଫିସ/ଆନନ୍ଦପୁର, (ସ୍ୱ.ପ୍ର.) ୨୧।୨


ଚିକିତ୍ସିତ ହେଉଛନ୍ତି କମଳିନୀ ବାରିକ।

ଶୁକ୍ରବାର ମହାଶିବରାତ୍ରି ପାଇଁ ଶୈବପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜଳାଇବା ସହ ପୂଜାର୍ଚ୍ଚନା କରିଥିଲେ। ହେଲେ ସେହି ଦୀପ ନିଆଁ ଶାଢ଼ିରେ ଲାଗି ଯିବାରୁ ପୋଡ଼ି ହୋଇ ୨ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଗଞ୍ଜାମ ଥାନା ଅନ୍ତର୍ଗତ ଝାଡ଼କୁଦା ଗ୍ରାମର ଲୋକନାଥ ରେଡ୍ଡୀଙ୍କ ସ୍ତ୍ରୀ ସରସ୍ୱତୀ (୨୬) ଓ କେନ୍ଦୁଝର ଜିଲା ଘସିପୁରା ଥାନା ଦେଓଗାଁର କମଳିନୀ ବାରିକ। ସରସ୍ୱତୀଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସରସ୍ୱତୀ ପୂର୍ବାହ୍ନରେ କଳାଯମୁନା ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରକୁ ଯାଇଥିଲେ। ଠାକୁର ଦର୍ଶନ ବେଳେ ଅସାବଧାନତାରୁ ସେଠାରେ ଜଳୁ ଥିବା ଦୀପ ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ଶାଢ଼ିରେ ନିଆଁ ଲାଗିଯିବା ସହ ଶରୀର ପୋଡ଼ି ଯାଇଥିଲା। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତର କହିଛନ୍ତି। ସେହିପରି କମଳିନୀ ଘସିପୁରା ଥାନା ଅନ୍ତର୍ଗତ ଦେଓଗାଁର କୁଶଳେଶ୍ୱର ମହାଦେବଙ୍କ ମନ୍ଦିରରକୁ ଦର୍ଶନ ଆସିଥିଲେ। ସେ ମୁଣ୍ଡିଆ ମାରୁଥିବା ସମୟରେ ତାଙ୍କ ପଛରେ ଜଣେ ଯୁବତୀ ଦୀପ ଲଗାଇ ପୂଜା କରୁଥିଲେ। କମଳିନୀଙ୍କ ଶାଢ଼ୀରେ ସେହି ଦୀପ ଲାଗିଯିବାରୁ ସେ ପୋଡ଼ି ଯାଇଥିଲେ। ଉପସ୍ଥିତ ଲୋକଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

## ବରମୁଣ୍ଡା ପଡ଼ିଆଠାରେ ହେବ ଶାହାଙ୍କ ସଭା

ଭୁବନେଶ୍ୱର,୨୧।୨(ବ୍ୟୁରୋ): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ରେ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଲୋକସେବା ଭବନଠାରେ ଆୟୋଜିତ ହେବାକୁ ଥିବା ପୂର୍ବାଞ୍ଚଳ ରାଜ୍ୟ ମିଟ୍ କାର୍ଯ୍ୟକ୍ରମରେ ଶାହା ଯୋଗଦେବେ। ଏହି ଅବସରରେ ଭାଜପା ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷରେ ଏକ ରାଲି ଓ ଜନସଭା ଆୟୋଜନ କରାଯିବ। ଶାହାଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଭାଜପା ପୂରା ଦମ୍‌ରେ ଲାଗିପଡିଛି। ବରମୁଣ୍ଡା ପଡିଆଠାରେ ଏହି ରାଲି ଓ ଜନସଭା କରିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷାଧିକ କାର୍ଯ୍ୟକର୍ତ୍ତା ଯୋଗଦେବାକୁ ଥିବାବେଳେ ଶାହା ୨ଟା ୨୦ମିନିଟ୍‌ରେ ସଭାରେ ପହଞ୍ଚିବାକୁ ସମୟ ଦେଇଥିବା ଦଳ ପକ୍ଷରୁ ଜଣାପଡିଛି। ଅନ୍ୟପଟେ ୨୯ରେ ଶାହା ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କ ଦର୍ଶନ କରିବେ। ଏହି ଅବସରରେ ପୁରୀରେ ମଧ୍ୟ ବିକାଶ ରାଲି କରିବା ପାଇଁ ଦଳ ପକ୍ଷରୁ ଏକ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ଶନିବାର ଏକ ଚୂଡାନ୍ତ ବୈଠକ ବସିବ ବୋଲି ଜଣାପଡିଛି।

## ବଣ୍ଡାଘାଟିରେ ମାଓବାଦୀଙ୍କ ପ୍ରଜାମେଳି

ମାଲକାନଗିରି, ୨୧।୨ (ସ୍ୱ.ପ୍ର. ): ମାଲକାନଗିରି ଜିଲା ବଣ୍ଡାଘାଟିରେ ପୋଲିସ–ମାଓବାଦୀଙ୍କ ମଧ୍ୟରେ କିଛିଦିନ ତଳେ ଗୁଳିବିନିମୟ ଘଟିଥିଲା। ପୋଲିସକୁ ମୁକାବିଲା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ମାଓବାଦୀଙ୍କ କ୍ୟାମ୍ପରୁ ପୋଲିସ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରଥିଲା। ଏହି ଘଟଣା ପରେ ମାଓବାଦୀମାନେ ପୋଲିସକୁ ମୁକାବିଲା କରିବା ପାଇଁ ଦୁର୍ଗମ ବଣ୍ଡାଘାଟିରେ ପ୍ରଜାମେଳି କରିଛନ୍ତି। ସରଳ ଆଦିମ ବଣ୍ଡା ସମ୍ପ୍ରଦାୟର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ସଙ୍ଗଠନରେ ସାମିଲ ହେବା ପାଇଁ ପ୍ରବର୍ତ୍ତାଉଥିବା ଜଣାପଡିଛି। ଏକଦା ମାଓବାଦୀଙ୍କ ଗଡ ରପେ ପରିଚିତ ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ଗୁରୁପ୍ରିୟା ସେତୁ ହେବା ପରେ ବିଭିନ୍ନ ସ୍ଥାନରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ସହିତ ସ୍ୱାଭିମାନ ଅଞ୍ଚଳର ବିକାଶ କାର୍ଯ୍ୟ ଚାଲିଛି।

## ଲାଞ୍ଚ ମାଗି କାର୍ଯ୍ୟନିବୃତ୍ତ ହେଲେ ଜିଆରଏସ୍

ଭୁବନେଶ୍ୱର,୨୧।୨(ବ୍ୟୁରୋ)

**■ ମୋ ସରକାର ଛାଟ**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ଜଣେ ହିତାଧିକାରୀଙ୍କଠାରୁ ଅନିୟମିତତା ସମ୍ପର୍କରେ ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା ସୂଚନା ମିଳିଥିଲା। ହିତାଧିକାରୀଙ୍କ ଘର ଫଟୋ ଉଠାଣ ସହ ବିଲ୍ ପୈଠ କରିବା ପାଇଁ ଟଙ୍କା ମଗାଯାଇଥିଲା। ଏହି ଅଭିଯୋଗର ସତ୍ୟତା ପରଖିବା ପାଇଁ ଜିଲାପାଳ ୧୦ରୁ ୧୫ ହିତାଧିକାରୀଙ୍କୁ ଫୋନ୍ କରି ପ୍ରତିକ୍ରିୟା ସଂଗ୍ରହ କରିଥିଲେ। ଏହା ପରେ ଅଭିଯୋଗର ସତ୍ୟତା ସମ୍ପର୍କରେ ଜଣାପଡିଥିଲା। ଫଟୋ ଉଠାଣ କାର୍ଯ୍ୟରେ ନିୟୋଜିତ ଥିବା ଜିଆରଏସ୍ ଲାଞ୍ଚ ନେଇଥିବା ସ୍ପଷ୍ଟ ହୋଇଥିଲା। ଏହା ପରେ ସମ୍ପୃକ୍ତ ଜିଆରଏସ୍ ସବିତା ପୃଷ୍ଟିଙ୍କୁ କାର୍ଯ୍ୟ ନିବୃତ୍ତ କରାଯାଇଛି। ଅନୁରୂପଭାବେ ପିଇଓ ସୁଶାନ୍ତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଦୀନେଶ କୁମାର ଅଡାଙ୍କୁ ସେହି ସ୍ଥାନରୁ ବାହାର କରାଯାଇଛି। ଏଥିସହିତ ସୁଶାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ହିତାଧିକାରୀଙ୍କ ପାଇଁ ଯେତିକି ପୁରସ୍କାର ରାଶି(ଇନ୍‌ସେନ୍‌ଟିଭ୍‌) ଥିଲା, ସେତକ ମଧ୍ୟ ସେମାନଙ୍କୁ ପୂର୍ଣ୍ଣ ମାତ୍ରରେ ପ୍ରଦାନ କରାଯାଇଛି। ସେହିପରି ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ମାତ୍ର ୯ କି.ମି. ହେବ ଟ୍ରମ୍ପଙ୍କ ରୋଡ୍ ଶୋ

ଅହମଦାବାଦ, ୨୧।୨

- ‘ନମସ୍ତେ ଟ୍ରମ୍ପ’ କାର୍ଯ୍ୟକ୍ରମରେ ଯୋଗଦେବେ ଲକ୍ଷେ
- ଗାନ୍ଧୀ ଆଶ୍ରମ ଦର୍ଶନ ବାତିଲ ହେଲା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଗୁଜରାଟର ଅହମଦାବାଦରେ ୨୨ କି.ମି. ନୁହେଁ ମାତ୍ର ୯ କି.ମି. ରୋଡ୍ ଶୋ ହେବ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟ୍ରମ୍ପ ଅହମଦାବାଦ ବିମାନବନ୍ଦରଠାରୁ କୋଟେଶ୍ୱର ଦେଇ ମୋଟେରା ଅଭିମୁଖେ ଯିବେ। ଟ୍ରମ୍ପଙ୍କ ଗାନ୍ଧୀ ଆଶ୍ରମ ଦର୍ଶନ ବାତିଲ ହେବା ପରେ ରୋଡ୍ ଶୋ'କୁ କମାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ରୋଡ୍ ଶୋ'ରେ ପାଖାପାଖି ଲକ୍ଷେ ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଟ୍ରମ୍ପ ନବନିର୍ମିତ ବିଶ୍ୱର ସର୍ବବୃହତ ମୋଟେରା ଷ୍ଟାଡିୟମ୍‌କୁ ଉଦ୍‌ଘାଟନ କରିବେ। ଫେବୃୟାରୀ ୨୪ ଓ ୨୫ରେ ଟ୍ରମ୍ପ ଅହମଦାବାଦ, ଆଗ୍ରା, ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଟ୍ରମ୍ପଙ୍କ ସହ ଆମେରିକା ଅର୍ଥ ସଚିବ ଷ୍ଟିଭେନ୍ ମୁଚିନ୍, ବାଣିଜ୍ୟ ସଚିବ ୱିଲବର ରସ୍ ପ୍ରମୁଖ ଆସିବେ। ଭାରତ ସହ ବାଣିଜ୍ୟିକ ଚୁକ୍ତି ହେବାର ସମ୍ଭାବନା ରହିଛି। ଗତ ୮ ମାସ ମଧ୍ୟରେ ମୋଦି ଓ ଟ୍ରମ୍ପଙ୍କ ଏହା ପଞ୍ଚମ ସାକ୍ଷାତ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ସହ ବାଣିଜ୍ୟ, ପ୍ରତିରକ୍ଷା ଚୁକ୍ତି ସହ ଆତଙ୍କବାଦ ଉପରେ ଆଲୋଚନା କରାଯିବାର ସମ୍ଭାବନା ରହିଛି।

## ଦେଶୀ ମଦ ପାଉଚ ଜବତ, ୨ ଗିରଫ

ପାଟପୁର,୨୧।୨: ପାଟପୁର ପୋଲିସ ଗୁରୁବାର ସନ୍ଧ୍ୟାରେ କଙ୍କୋରଡା ରୋଡ ବାକିଳିକଣା ଗ୍ରାମରେ ଚଢ଼ାଉ କରି ୫୦୦ଟି ଦେଶୀ ମଦ ପାଉଚ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟପୁର ଥାନା କଙ୍କୋରଡା ଗ୍ରାମର ସୁଶାନ୍ତ ଜେନା ଓ ବାବୁ ଜେନା। ନଂ. ୩୫/୨୦ରେ ମାମଲା ରୁଜୁକରି ଶୁକ୍ରବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

**OFFICE OF THE MO SCHOOL ABHIYAN PARICHALANA SANGATHAN**
A-1 BLOCK, 6th FLOOR, TOSHALI BHAWAN, SATYANAGAR, BHUBANESWAR, ODISHA

**QUOTATION CALL NOTICE**

No.: 448/MSA/2020 Date: 19.02.2020

No.: N-104: Sealed quotations are invited from interested Printing Agencies/Firms having valid PAN/GSTIN for printing of 200 Nos. of Coffee table Book for the office of MO School Abhiyan Parichalana Sangathan, A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007 as per the specification mentioned in the tender document. The last date of submission of quotation is 07.03.2020 upto 4 P.M. For more details please visit **www.moschool.in**.

**Sd./- Officer on Special Duty**
**Mo School Abhiyan Parichalana Sangathan**
OIPR - 27045/11/0003/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**EXPRESSION OF INTEREST**

No. HO/CIV/T&E/E- 4496 /01/2020/ 3928 / Dt.19.02.2020
Date:18.02.2020

No.CAD-998 :- Expression of Interest is invited from Architects for rendering Architectural Planning & Design Services for "Development of Memorial of Utkalamani,Pandit Gopabandhu Das at his Birth place, Suando, Satyabadi,Puri"

The detail EOI notice can be seen in our website **www. idco.in** (in tenders EoI/REP/Others). The bid document can be downloaded from 5.00 PM of 26.02.2020.The last date of submission of the EOI is 13.03.2020 by 3.00 P.M.by Regd. Post or Speed Post /Courier Services only.

**Sd./- Chief General Manager (Civil), IDCO, Bhubaneswar**
OIPR-14003/11/0070/1920

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL):
BALIMELA HYDRO ELECTRIC PROJECT:POST: BALIMELA:
OHPC DIST: MALKANGIRI, (ODISHA): PIN: 764 051, Phones: 06861-232581(0) / 232641(R).
FAX - 06861-232541, E mail- <unit.head_balimela@yahoo.com>
**REGD. OFFICE: ODISHA HYDRO POWER CORPORATION LIMITED.**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR.-22, Tel.: 91-0674-2542983,2542802,25425526, 2542826, Fax: 254102, GRAM: HYDROPWER
E-Mail : ohpc.co@gmail.com / md@ohpcltd.com, Web : www.ohpcltd.com

**NOTICE INVITING TENDER NO:BHEP/T-148/ 59/2019-20 /, DATED.19.02.2020**

No.CAD-993 :- Sealed tenders are invited in two part basis i.e (i)Techno-commercial bid & (ii) Price bid in separate sealed envelopes from the reputed Repairing Units /Manufacturers/ Authorised Dealers for the work "Repairing, metal filling and machining of defective IDV Cowl with new bush fitting" as per the details mentioned below.

| Sl. No. | Description of work | Estimated Cost | Cost of tender paper (Non-refundable) in Rs. | EMD in shape of DD / BC only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Repairing, metal filling and machining of defective IDV Cowl with new bush fitting of BHEP, Balimela. | Rs.3,85,000/- | 2360/- (2000/-+ 360 GST@18%) | 1% of Quoted Amount | 25.02.2020 to 11.03.2020 upto 12.00 HRS. | 11.03.2020up to 16.00 HRS. | 11.03.2020 at 16.30 HRS. |

For details of the tender documents, terms & conditions please visit our website **www.ohpcltd.com**
**Sd./- C & P Head, BHEP, Balimela**
OIPR-04019/11/0058/1920

**ODISHA STATE BEVERAGES CORPORATION LIMITED**
**(A Government of Odisha Undertaking)**
**2nd Floor, Fortune Tower, Chandrasekharpur, Bhubaneswar - 751023 (ODISHA)**
**CIN: U51228OR2000SGC006372**

**NOTICE INVITING TENDER FOR HIRING OF GO-DOWN**

No.: CAD-995: Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from intending owners for leasing out their existing go-down/warehouses situated in and around Bhubaneswar (BMC) and Cuttack (CMC) for storing of alcoholic Beverages of Odisha State Beverages Corporation Ltd. The last date and time for submission of sealed tender is **18.03.2020 by 1.00 P.M.** The details of the tender may please be seen in the official website of the corporation i.e. **https://osbc.co.in**.

**Sd./- General Manager (Admn.)**
OIPR-36003/11/0006/1920

**POLICE COMMISSIONRATE BHUBANESWAR-CUTTACK**
**ODISHA SPECIAL ARMED POLICE, 7th BATTALION, BHUBANESWAR**

ପ୍ରାପ୍ତେଷୁ,
**ଶ୍ରୀ ଅରୁଲ କୁମାର ନାଏକ (ସିପାହୀ ନଂ. ୯୧୦)**
**ପିତା: ଯୁଗଳ କିଶୋର ନାଏକ**
**ଗ୍ରାମ: କେଶରସିଂ, ପୋ.ଅ.: ଭଗବାନପୁର**
**ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼**

No.: D-296: ଆପଣ ଓ.ଏସ୍.ଏ.ପି ୭ମ ବାଟାଲିଅନ, ଭୁବନେଶ୍ୱରରେ ସିପାହୀ ଭାବେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ରିଖ ଅପରାହ୍ନ ଠାରୁ ତା୧୫।୦୯।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ୧୫ଦିନ ଅର୍ଜିତ ଛୁଟିରେ ଥିଲେ। ଆପଣଙ୍କୁ ତା୧୬।୦୯।୨୦୧୮ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେବାର ଥିଲା କିନ୍ତୁ ଯୋଗ ଦେଲେ ନାହିଁ। ଅନଧିକୃତ ଅନୁପସ୍ଥିତି ପାଇଁ ଆପଣଙ୍କ ନାମରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂଖ୍ୟା ୨୦/୨୦୧୮ ଚାଲୁ କରାଯାଇଅଛି। ଉକ୍ତ କାର୍ଯ୍ୟାନୁଷ୍ଠାନର ତଦନ୍ତ ସମୟରେ ଆପଣଙ୍କୁ ବାରମ୍ବାର ସମନ ଜାରି କରିବା ସତ୍ତ୍ୱେ ଆପଣ ତଦନ୍ତରେ କୌଣସି ସହଯୋଗ ନ କରିବାରୁ ଏକ ତରଫା ଭାବେ ତଦନ୍ତ କରାଯାଇ ଆପଣଙ୍କୁ ଆପଣଙ୍କ ପରିବାର ମାଧ୍ୟମରେ ଅବଗତ କରାଯାଇଅଛି ; କିନ୍ତୁ ଆପଣ ତା'ର କିଛି ଜବାବ ଦେଲେ ନାହିଁ। ଆପଣଙ୍କର ବର୍ତ୍ତମାନ ଅବସ୍ଥିତି କିଛି ଜଣାପଡୁନାହିଁ କି ଆପଣଙ୍କ ପରିବାର ସଦସ୍ୟ ମଧ୍ୟ ଜଣାଉ ନାହାନ୍ତି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), ଓ.ଏସ୍.ଏ.ପି ୭ମ ବାଟାଲିଅନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଆପଣଙ୍କୁ ତଲବ ହୋଇଥିବା ବିଜ୍ଞପନଟିର ସନ୍ତୋଷଜନକ ଉତ୍ତର ଦେବା ହେବେ ନଚେତ୍ ଭବିଷ୍ୟତରେ କୌଣସି ସୁଯୋଗ ଦିଆ ନ ଯାଇ ନିୟମାନୁଯାୟୀ ଆପଣଙ୍କୁ ଚାକିରିରୁ ବହିଷ୍କୃତ କରାଯିବ।

**ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର)**
**ଓ.ଏସ୍.ଏ.ପି ୭ମ ବାଟାଲିଅନ, ଭୁବନେଶ୍ୱର**
OIPR - 12015/11/0034/1920

**COLLECTORATE, KORAPUT**
**(District Child Protection Unit)**

**No.: 161(A)/OCPU/2020** **Date: 18.02.2020**

No.: g-80: The District Child Protection Unit, Collectorate, Koraput intends to engage professional staffs on contractual basis for different positions under child protection services, Govt. of Odisha.
Applications are invited from the eligible canddiates in the prescribed application for the following posts initially for engagement for a period of eleven months an may be extended or curtailed fruther by the DCPU depending upon the performance review.
Applications must have the essential qualification along with adequate experience. The candidtes should possess basic computer knowledge, good working knowledge in Odia will be treated as an added quality. Eligible candidates may submit their applications complete in all respect through Speed Post/Registered Post & Courier only addressed to the **District Child Protection Officer, District Child Protection Unit, Saheed Laxman Nayak Bhavan, 1st Floor, Collectorate, Koraput - 764020.** Separate applications in sealed cover has to be submitted for each post quoting the position applied on the top of the envelope. All eligible applicants will be invited for the written test and on the basis of the written test & weightage shot listed applicants will be called for interview.
Submission of application in person will not be entertained. The last date for submission of application is by 5.00 P.M. on Dt.05.03.2020. No online application or other mode of submission will be entertained. Any applications received after due date and same will be rejected.

**DETAILS OF DEDICATED PROFESSIONAL STAFFS TO BE ENGAGED AS FOLLOWS:**

| Sl. No. | Name of the Post | No. of Post | Salary (In Rs.) | Qualification | Experience |
|---|---|---|---|---|---|
| (A) District child Protection Unit, Koraput | | | | | |
| 1 | Accountant | 1 | 14,000/- | Bachelor Degree in commerce with basic knowledge in Computer. | 3 years experience in relevant field. |
| 2. | Data Analyst | 1 | 14,000/- | Graduate in any stream preferably in Statistics / Mathematics / Pure Science /Sociology and knowledge in MS Excel. | 3 years experience in relevant field. |
| 3. | Assistant-cum-Data Entry Operator | 1 | 10,000/- | 1. Graduation in any discipline with PGDCA from a recognised University/ Institution. 2. Candidate having three years graduation degree in Computer Science / Computer application / IT or Master Degrees in Computer Science / Computer application & IT are exempted from the requirement of the PGDCA certificate. 3. Knowledge of Odia and English both written and spoken is essential. | 2 years experience in relevant field. |
| (B) Child Welfare Committee, Koraput | | | | | |
| 1 | Assistant-cum-Data Entry Operator | 1 | 9,000/- | | |

Application format and other details for the positions are available in the website of Koraput district at **www. koraput.nic.in**. The undersigned reserves the right to cancel any or all the applications without assigning any reason thereof.
All the posts are purely temporary, time bound and co-terminus with the duration of the scheme and performance based. Date of examination shall be notified latter on.

**Sd./- Collector, Koraput**
OIPR - 33022/11/0002/1920

**CITY HEALTH SOCIETY**
**NATIONAL URBAN HEALTH MISSION, ROURKELA**
National Health Mission, Odisha
Deptt. of Health & Family Welfare, Govt. of Odisha

**ADVERTISEMENT FOR EMPANELMENT OF MO I/C & PART-TIME SPECIALIST**

**Adv No. 657** **Date: 19.02.20**

No.: E-756: Applications are invited from eligible candidates for filling up the following posts under Urban Primary Health Centres, National Urban Health Mission, City Health Society, Rourkela on contractual & part time basis with remuneration as noted against each post and subject to renewal as per OSH & FW society terms and conditions.

| Sl. No. | Name of the Post | No. of Vacancy | Remuneration |
|---|---|---|---|
| 1 | Medicine Officer I/C | 03 | Base - 50,400/- + P.I. as per the society norm |
| 2 | Medical Specialist | 03 | Rs.1500/- Session × 1 day/ week |
| 3 | O & G Specialist | 03 | Rs.3000/Day (2 Sessions) × 1 day/week |
| 4 | Paediatric Specialist | 03 | Rs.3000/Day (2 Sessions) × 1 day/week |
| 5 | Nutritionist | 02 | Rs.1000/Day (2 Sessions) × 3 days/week |
| 6 | ENT | 05 | 3000/Day (1st & 2nd Session) × 1 day/week |
| 7 | Skin & VD | 05 | |
| 8 | Ophthalmic assistant | 05 | 850/day × 1 day/week |

Interested candidates can log on to **www.sundergarh.nic.in** for details of vacancy, eligibility criteria, age, application form etc. The last date of receiving of the applications for the above said post is 06.03.2020. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

**Sd./- Additional District Urban Public Health Officer, NUHM, Rourkela**
OIPR-10144/11/0006/1920

# ଦୀପମୟ କପିଳାସ



ବ୍ରତଧାରୀମାନେ ଜାଗର ଦୀପ ଜାଳିଛନ୍ତି।



ମହାପ୍ରଭୁଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ।



ପୀଠ ପରିସରରେ ପ୍ରଜ୍ୱଳିତ ବୃହଦାକାୟ ଦୀପ।



ମନ୍ଦିରକୁ ଆସିଥିବା ଜଣେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ।



ଦୀପମୟ ହୋଇଉଠିଛି କପିଳାସ ମନ୍ଦିର ପରିସର।

- ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ
- ବେଶ ଦର୍ଶନ ପାଇଁ ଅସମ୍ଭାଳ ଭକ୍ତ
- ଜାଗର ଜାଳିଲେ ବ୍ରତଧାରୀ
- ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୨୧।୨**

ପବିତ୍ର ଜାଗରଯାତ୍ରାକୁ ନେଇ ଶିବମୟ ହୋଇଉଠିଛି କପିଳାସ। ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶିବ ପଞ୍ଚାକ୍ଷରୀ ମନ୍ତ୍ର, ଶିବ ସ୍ତୋତ୍ରରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ପୀଠ ପରିସର। ଶିବ ଆରାଧନାରେ ଆବାଳବୃଦ୍ଧବନିତା ମଗ୍ନ ହୋଇଯାଇଥିବାବେଳେ କମିଯାଇଥିଲା ଭକ୍ତ ଆଉ ଭଗବାନଙ୍କ ମଧ୍ୟରେ ଦୂରତା।

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ଜାଗରଯାତ୍ରାରେ ସାମିଲ ହୋଇଥିଲେ ୩ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ। ମହାଦେବଙ୍କ ଚିତ୍ତାକର୍ଷକ ସୁନାବେଶ, ନାଗାଭରଣ ବେଶ ଏବଂ ମାତା ପାର୍ବତୀଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଥିଲା। ସନ୍ଧ୍ୟାରେ ବ୍ରତଧାରୀଙ୍କ ଦୀପ ପ୍ରଜ୍ୱଳନ ପରେ ଝଲସି ଉଠିଥିଲା ବନପାହାଡ଼ ଘେରା କପିଳାସ ମନ୍ଦିର। ହରହର ମହାଦେବ, ହୁଳହୁଳି, ହରିବୋଲ ନାଦରେ ସମଗ୍ର ଅଞ୍ଚଳରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।

ଅନ୍ୟପଟେ ଜାଗର ଯାତ୍ରା ଉପଲକ୍ଷେ ପ୍ରାତଃ ସମୟରୁ ମହାଦେବଙ୍କ ନୀତି ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିଲା। ଏହାପରେ ସର୍ବସାଧାରଣଙ୍କ ଦର୍ଶନ ଲାଗି ଦ୍ୱାର ଫିଟା ଯାଇଥିଲା। ସନ୍ଧ୍ୟା ୬ଟାରେ ଆଳତି ଶେଷ ହେବା ପରେ ରାତି ୭ଟାରୁ ସାଢ଼େ ୮ଟା ମଧ୍ୟରେ ପ୍ରଥମ ଚାରିପୂଜା ଅନୁଷ୍ଠିତ ହୋଇଛି। ରାତି ସାଢ଼େ ୮ଟାରୁ ୧୦ମଧ୍ୟରେ ପୀଠ ପୁରୋଧାଙ୍କ ଚାରିପୂଜା ଶେଷ ହୋଇଛି। ଭୋର ୪ଟା ୨୦ରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିବା କାର୍ଯ୍ୟକ୍ରମ ରହିଛି। ରାଜ ପରିବାର ପକ୍ଷରୁ ରାଜପୁରୋଧା ପଞ୍ଚାନନ ମିଶ୍ର ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପଟେ ପୀଠକୁ ଯାଇଥିବା ବାରବାଙ୍କ ରାସ୍ତା, ପାହାଚ ରାସ୍ତାରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ନଜରରେ ରଖି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ପରେ ଘାଟି ରାସ୍ତାରେ ଭିଡ଼ ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ବିଧାୟକ ସୁଧୀର କୁମାର ସାମଲ, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ଏବଂ ଶୃଙ୍ଖଳା ତଦାରଖ କରିଥିଲେ। ଚଳିତବର୍ଷ ପୀଠରେ ୧୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

# ସାଇଭକ୍ତ ସମ୍ମିଳନୀ ଆରମ୍ଭ



ଜଣେ ଶ୍ରଦ୍ଧାଳୁଙ୍କୁ ଟ୍ରଷ୍ଟ ମୁଖ୍ୟ ଦ୍ୱାରିକା ମୋହନ ମିଶ୍ର ସମ୍ବର୍ଦ୍ଧିତ କରୁଛନ୍ତି ।

- ପ୍ରାକୃତିକ ପରିବେଶରେ ଆଧ୍ୟାତ୍ମିକ ବାତାବରଣ
- ୧ଲକ୍ଷ ୮ହଜାର ବାଣଲିଙ୍ଗ ଅଭିଷେକ

**ଢେଙ୍କାନାଳ ଅଫିସ, ୨୧।୨**

କପିଳାସ ପାଦଦେଶରେ ଥିବା ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମର ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ। ହଜାର ହଜାର ସାଇପ୍ରେମୀଙ୍କ ସାମଗମରେ ପ୍ରକୃତି ରାଜିର ଗନ୍ତାଘର କପିଳାସ ପାଦଦେଶରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ଏହି ଉପଲକ୍ଷେ ଠାକୁରଙ୍କ ନୀତିକାନ୍ତି ପରେ ପୂର୍ବାହ୍ନ ସାଢ଼େ ୮ଟାରେ ସାଇ ସତ୍‌ଚରିତ ପାରାୟଣ ଏବଂ ୯ଟା ୧୫ରୁ ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ ସାଙ୍ଗକୁ ସାଇ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏହାପରେ ଯଥାକ୍ରମେ ମଧ୍ୟାହ୍ନ ଆରତି, ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନ ୨ଟା ୪୫ରୁ ୪ଟା ୪୫ ଯାଏ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରରେ ୧ଲକ୍ଷ ୮ହଜାର ବାଣଲିଙ୍ଗ ଅଭିଷେକ କରାଯାଇଥିଲା। ସେହିପରି ୫ଟା ୪୫ରେ ସନ୍ଧ୍ୟା ଆରତି ଏବଂ ୬ଟା୫ରୁ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆଶ୍ରମ ଟ୍ରଷ୍ଟର ଅଧ୍ୟକ୍ଷ ଦ୍ୱାରିକା ମୋହନ ମିଶ୍ର, ବାଙ୍ଗାଲୋରରୁ ଆସିଥିବା ଏସ୍. ଶ୍ୟାମା ରାଓ, ଶ୍ରୀଚନ୍ଦ୍ର ରାଜପାଲ, ସୁରେଶ ରାମୁ ପ୍ରମୁଖ ସାଇବାବାଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ବାବାଙ୍କ ଇଚ୍ଛା ଏବଂ ଆଶୀର୍ବାଦରୁ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କପିଳାସର ଶାନ୍ତ ବାତାବରଣରେ ଏହି ଭବ୍ୟ ପୀଠ ପ୍ରତିଷ୍ଠିତ ହୋଇପାରିଛି। ପ୍ରକୃତି କୋଳରେ ଆଧ୍ୟାତ୍ମିକତା ପରିବେଶ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁଙ୍କ ମନମୋହୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶନିବାର ସମ୍ମିଳନୀର ଉଦ୍‌ଯାପନୀ ଦିବସ। ଏହି ଉପଲକ୍ଷେ ମହାପ୍ରସାଦ ସେବନ ସହ ସନ୍ଧ୍ୟାରେ ଚଭାଡ଼ି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।



ସମ୍ମିଳନୀରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

# ମାଷ୍ଟରମାଇଣ୍ଡ ଜେଲ୍ ୱାର୍ଡର

**ମିଛୁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

- ମାଡ଼ର ପ୍ରତିଶୋଧ ପାଇଁ ଜଘନ୍ୟ ହତ୍ୟା
- ଗିରଫଙ୍କ ସଂଖ୍ୟା ୩ରେ ପହଞ୍ଚିଲା

**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ସହର ଦୋଳମଣ୍ଡପ ସାହିରେ ଗତ ବୁଧବାର ସନ୍ଧ୍ୟାରେ ସଂଘଟିତ ବହୁଚର୍ଚ୍ଚିତ ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ୍ ମିଛୁ (୪୭) ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏପରି ଜଘନ୍ୟ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଜିଲା କାରାଗାରରେ କାର୍ଯ୍ୟରତ ୱାର୍ଡର ବୈରାଗୀ ବାରିକ ବୋଲି ପୋଲିସ କହିଛି। ତାଙ୍କ ଘର ସଦର ଥାନା ଦୁଦୁକାଟେଣୀ ଗ୍ରାମରେ। ସାମାନ୍ୟ ବଚସାରୁ ମାର୍‌ପିଟ୍। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଜନଗହଳିପୂର୍ଣ୍ଣ ସ୍ଥାନରେ ମିଛୁଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ଶୁକ୍ରବାର ଅପରାହ୍ନ ୪ଟାରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା। ବୈରାଗୀଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୩ଜଣ ଗିରଫ ହୋଇଛନ୍ତି। ଏଥିପୂର୍ବରୁ ଗତ ଗୁରୁବାର ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଦୋଳମଣ୍ଡପ ସାହି ଅଞ୍ଚଳର ବାବାଜୀ ଷଣ୍ଢ (୩୪) ଓ କାଳିଆ ମାଟି (୨୯)ଙ୍କୁ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା।

ପୂର୍ଣ୍ଣଚନ୍ଦ୍ରଙ୍କୁ ଏପରି ନିର୍ମମ ଭାବେ ହତ୍ୟା କରାଯିବାର କାରଣ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ଏସ୍‌ପି କହିଛନ୍ତି ଯେ, ବାବାଜୀ ଏବଂ କାଳିଆ ପେସାଦାର ଅପରାଧୀ। ବହୁ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଅଭିଯୋଗରେ ଉଭୟେ ଗିରଫ ହୋଇ ଜେଲରେ ଥିଲେ। ସେଠାରେ ୱାର୍ଡର ବୈରାଗୀ ସେମାନଙ୍କୁ ବେଆଇନ ଭାବେ ପାନ, ଗୁଟ୍‌ଖା, ନିଶାଦ୍ରବ୍ୟ ଯୋଗାଉଥିଲେ। ଏଥିସହ ମୋବାଇଲ ଫୋନ୍‌ରେ କଥା ହେବାକୁ ମଧ୍ୟ ସୁଯୋଗ ଦେଉଥିଲେ। ବାବାଜୀ ଏବଂ କାଳିଆ ଜାମିନରେ ଆସିବା ପରେ ବୈରାଗୀଙ୍କ ସହ ସେମାନଙ୍କ ଘନିଷ୍ଠତା ଆହୁରି ବଢ଼ିଥିଲା। ସେମାନେ ମିଳିମିଶି ବିଭିନ୍ନ ସମୟରେ ଭୋଜିଭାତର ଆସର କରୁଥିଲେ। ବୁଧବାର ସକାଳେ ବୈରାଗୀ, କାଳିଆ, ବାବାଜୀ ଏବଂ ପୂର୍ଣ୍ଣଚନ୍ଦ୍ର ଏକାଠି ଭୋଜି କରୁଥିଲେ। କୌଣସି କାରଣକୁ କେନ୍ଦ୍ରକରି ସେଠାରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଉତ୍ତ୍ୟକ୍ତ ହୋଇ ବୈରାଗୀଙ୍କୁ ପ୍ରବଳ ପିଟିଥିଲେ। ଏହା ବୈରାଗୀଙ୍କ ମନରେ ପ୍ରତିହିଂସା ମନୋଭାବ ସୃଷ୍ଟି କରିଥିଲା। ଏହାର ପ୍ରତିଶୋଧ ନେବାକୁ ସେ କାଳିଆ ଏବଂ ବାବାଜୀଙ୍କୁ ମତାଇଥିଲେ। ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଏକାକୀ ପାଇ କାଳିଆ ଏବଂ ବାବାଜୀ କଟୁରିରେ ଗୋଡାଇ ଗୋଡ଼ାଇ ହାଣିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତମାନେ ବାଇକ୍‌ରେ ଫେରାର ହୋଇଯାଇଥିଲେ। ହେଲେ ମୋବାଇଲ ଟ୍ରାକିଂରୁ ଉଭୟଙ୍କୁ ଗିରଫ କରିଥିଲା ଟାଉନ ଥାନା ପୋଲିସ। ହତ୍ୟାକାଣ୍ଡରେ ବ୍ୟବହୃତ ବାଇକ୍‌କୁ ଜବତ କରାଯାଇଛି । ଏ ନେଇ ନଂ. ୫୬/୨୦, ଦଫା ୧୨୦ (ବି), ୩୦୨, ୩୪ ଓ ୨୫ ଏବଂ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ୩ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଜଣେ ଜେଲ ୱାର୍ଡର ହତ୍ୟାକାଣ୍ଡର ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡ଼ିବା ପରେ ଏହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ଅଭିଯୁକ୍ତ ଜେଲ ୱାର୍ଡର ବୈରାଗୀ ବାରିକଙ୍କ ସମ୍ପର୍କରେ ଖୁଲାସା କରୁଛନ୍ତି ।

## ଫିଟିଲା ଜେଲ ଭିତର ଗୁମର

୧୦୦ ବର୍ଷ ପୁରୁଣା ଢେଙ୍କାନାଳ ଜିଲା କାରାଗାର। ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ପାଲଟିଥିବା ଏହି ଜେଲରେ ବେନିୟମ କାର୍ଯ୍ୟ ହେଉଥିବା ଚର୍ଚ୍ଚା ହେଉଥିଲା। ହେଲେ ପୂର୍ଣ୍ଣଚନ୍ଦ୍ର ହତ୍ୟାକାଣ୍ଡ ମାମଲାରେ ୱାର୍ଡର ବୈରାଗୀ ବାରିକ ଗିରଫ ହେବା ପରେ ଜେଲରେ ଚାଲିଥିବା ବେଆଇନ କାର୍ଯ୍ୟର ଗୁମର ଖୋଲିଛି। ହାଜତରେ ବିଚାରାଧୀନ ଏକଦୀଙ୍କୁ ନିଶାଦ୍ରବ୍ୟ ଯୋଗାଇବା ଏବଂ ଏ ନେଇ ଅଧିକାରୀମାନେ ସାମାନ୍ୟତମ ସୁରାକ ପାଇ ନ ପାରିବା କାରାଗାରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ବୈରାଗୀଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଥିବାରୁ ତାଙ୍କୁ ନିକଟରେ ଅନ୍ୟତ୍ର ବଦଳି କରାଯାଇଥିଲା। ସେହିପରି ନିକଟରେ ଜେଲ ଅଧୀକ୍ଷକଙ୍କ ମଧ୍ୟ ବଦଳି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Z ASSOCIATES REQUIRED
G.M., B.M., Executive Marketing with experience and salary 25,000 + incentives.
Walk-in-Interview
Plot No.N-1-39, IRC Village, Near Gastroclinic Hospital
Ph- 7978499407 8480697808

WANTED
1. DISTRICT MANAGER
2. BLOCK CO-ORDINATOR
Qualification - 10th to +3 Graduate
Salary - 10, 000 to 35,000.
Address - S.5 . 539 Line-1
Niladree Bihar, BBSR.
ALL ORISSA FIELD WORK
Contact No.-
9337586190, 9090602052

WANTED
LADY OFFICE ASSISTANT
Room, Breakfast
ଖାଇବା Free
Salary 7500/-
7809525452

WANTED ରାୟଗଡ଼ା, ମୟୂରଭଞ୍ଜ, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲା ପାଇଁ ୨ ବର୍ଷ ଅଭିଜ୍ଞତା ଥିବା ୫ଜଣ Field Supervisor ଆବଶ୍ୟକ।
ସାକ୍ଷାତ୍‌କାର-୨୪।୦୨।୨୦
MAHABIR BOREWELL & EQUIPMENTS
Ganesh Mandap Chhaka, Jharpada, BBSR, 9861471015, 9937341444

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ଆବଶ୍ୟକ
ଲଣ୍ଡ୍ରି କମ୍ପାନୀ ନିମନ୍ତେ
1) Washing କାରିଗର, 2) Iron କାରିଗର, 3) ହେଲ୍‌ପର (ପୁରୁଷ/ମହିଳା), 4) ଟାଟା ମ୍ୟାଜିକ୍ ଡ୍ରାଇଭର, 5) ରୋଷେୟା
9078000108, 7609893102

PARADIP PORT TRUST
SAGARMALA
PARADIP PORT - 754 142, ODISHA(INDIA)
(An autonomous body under Ministry of Shipping, Govt. of India)
No. AD/RSC-1-21-66/2011/617 Dt.17 Feb, 2020
Walk-In-Interview
Applications are invited from Indian Nationals for filling up following two Medical Officers on Contractual basis in the Paradip Port Trust. For further details,refer to our website www.paradipport.gov.in. Last date is 24.02.2020,10.00 hours.
Sr.Dy.Secretary
for Secretary
PPT/PR/675/19-20,Dt.18/02/2020

REQUIRED
Parts Manager / Executive, Warranty Manager/ Executive, Sales consultant, Telecaller, MIS Executive, Technicians, Bodyshop Advisors, Driver & Peon.
Contact : 0674-6668822 / 6667709
mail: admin@capitalford.net & edp.bhubaneswar@renault-india.com / cc - siddharth9909@gmail.com

MtG
India's fastest growing educational publishers requires for
ODISHA
Sales Executive
Sr. Sales Executive
Area Sales Manager
Graduates/Post Graduate/MBA with 3 to 8 years of experience in School books/Institutional sales.
Attractive Salary + incentives (as per industry standards)
e-mail resume at:
hr@mtg.in
Plot No. 99, Sector 44, Institutional Area, Gurgaon

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

TSG GURUKUL
Affiliated to CBSE, New Delhi
APPOINTMENT
For NIMAPARA BRANCH
1. **Principal :** Must be from Science background with a minimum of 5 years experience in CBSE School.
2. **Senior Lecturers :** In Physics/**Chemistry/**Math./ **English/ Biology**/Computer Sc./Commerce. (For +2 / +3 Sci. & Com.)
3. **PGT** (Physics, Chemistry, Math. / Biology / Accountancy / B. Studies /Economics/English) : Post Graduate with B.Ed., CBSE experience preferable.
4. **TGT** (Physics, Chemistry,Math./Biology/SST/English): Graduate with B.Ed., CBSE experience preferable.
5. **PRT**(Math., Science, English, Hindi) **:** Graduate with B.Ed., CBSE experience preferable.
6. **Pre-Primary Teacher** : NTT(Preferably Non-Odia)
7. **PET**(Gents) **:** B.P.Ed. with 2 year experience in CBSE School.
8. **Hostel :** Hostel Superintendent, Warden, Caretaker (Male/Female).
9. **Office :** Office Assistant, Peon, Gardener, Plumber, Electrician.
10. **Student Counsellor / Marketing person**

***Salary will not be a constraint for the right candidates. Apply** with Bio-data, Passport Photograph & Xerox copy of all academic certificates by post or e.mail within 7days of this publication.*

For Details Contact :
Jayashree Chhak, Main Road, Nimapara, Puri
Head Office : 444, Gothapatna, Malipada, BBSR
Mobile : 8384022810 / 9599744823
E.mail : timesgurukulinfo@gmail.com

ରୋଷେୟା ଆବଶ୍ୟକ
ଭୁବନେଶ୍ୱରରେ ଘରେ ରୋଷେଇ କରିବା ପାଇଁ ରୋଷେୟା ଆବଶ୍ୟକ।
ମାସିକ ଦରମା ୯୦୦୦/- + ଖାଇବା
Ph : 6370950484
(Call Timing : 12.00-6.00 ମଧ୍ୟରେ)

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୩୦୦୦/-
Ph : 7894458651
(Call Timing : 12.00-6.00 ମଧ୍ୟରେ)

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ତୁରନ୍ତ ଆବଶ୍ୟକ
କୁଲାଡ଼, ଅନୁଗୋଳ ସ୍ଥିତ ଲେଡିଜ୍ ବୁଟିକରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଆବଶ୍ୟକ। ସମସ୍ତ ଲେଡିଜ ଡ୍ରେସ କଟିଙ୍ଗ ଓ ଷ୍ଟିଚିଙ୍ଗର ଅଭିଜ୍ଞତା ଥିବା ଆବଶ୍ୟକ। ଦରମା- ୮,୦୦୦ ରୁ ୧୫,୦୦୦ (ଅଭିଜ୍ଞତା ଅନୁସାରେ), ରହିବା ସୁବିଧା ଉପଲବ୍ଧ।
ଯୋଗାଯୋଗ - 7735732645

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ବିଶ୍ୱ ସୂଚୀରେ ଜିସେକ୍‌କୁ ସ୍ଥାନିତ କରାଇବା ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ରିଜର୍ଭ ବ୍ୟାଙ୍କ ଏଥି ଲାଗି ବିଶ୍ୱ ସ୍ତରର ଅନୁଷ୍ଠାନ ସହ ଆଲୋଚନା ଆରମ୍ଭ କରିଛି।
> – ଶକ୍ତିକାନ୍ତ ଦାସ, ଗଭର୍ନର, ରିଜର୍ଭ ବ୍ୟାଙ୍କ



> ବିଶ୍ୱ ସ୍ତରରେ ହେଲଥ ଆଣ୍ଡ ୱେଲନେସ ଫୁଡ ବଜାର ଦ୍ରୁତ ହାରରେ ବଢୁଛି। ଏହି ସମୟରେ ଭାରତର ଅର୍ଗାନିକ ଫୁଡ ବଜାରର ଅଭିବୃଦ୍ଧି ୧୭% ରହିଛି।
> – ହରସିମରତ କୌର ବାଦଲ, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ମନ୍ତ୍ରୀ



## ସଂକ୍ଷେପରେ

### ୧୦% ମହଙ୍ଗା ହୋଇପାରେ ଟିଭି



**ନୂଆଦିଲ୍ଲୀ,୨୧-୨:** ଆସନ୍ତା ମାସରେ ଟିଭି ୧୦% ମହଙ୍ଗା ହୋଇପାରେ। ଭାରତକୁ ଅଧିକାଂଶ ଓପନ ସେଲ୍ ଟିଭି ପ୍ୟାନେଲ ଚାଇନାରୁ ସପ୍ଲାଇ ହୋଇଥାଏ। ଚାଇନାରେ କରୋନା ଭାଇରସ ଯୋଗୁ ଟିଭି ଯନ୍ତ୍ରାଂଶ ଉତ୍ପାଦନ ବନ୍ଦ ହୋଇଯାଇଛି। କିଛି ମାନୁଫାକଚରିଂ ଫାସିଲିଟିରେ କାମ ଆରମ୍ଭ ହୋଇଛି। ମାତ୍ର ସେଗୁଡିକ ପୂର୍ଣ୍ଣ କ୍ଷମତାରେ ଏବେ ଯାଏ ଚାଲି ପାରିନାହିଁ। ଏଥି ଯୋଗୁ ଭାରତକୁ ଯୋଗାଣ ପ୍ରଭାବିତ ହୋଇଛି। ସୂଚନା ଯୋଗ୍ୟ ମୋଟ ଟିଭି ମୂଲ୍ୟରେ ପ୍ୟାନେଲର ଅଂଶ ୬୦% ରହିଥାଏ। ଏହି ଶିଳ୍ପ ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ଉତ୍ପାଦନ ଏବଂ ଯୋଗାଣର ସ୍ଥିତି ସୁଧୁରିବା ଲାଗି ଅତି କମରେ ୩ ମାସ ସମୟ ଲାଗିବ। ଏହି ସମୟ ମଧ୍ୟରେ ଟିଭି ଦାମ ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏସ୍‌ପିପିଏଲ୍ ସିଇଓ ଅବନୀତ ସିଂ ମାରବାହ କହିଛନ୍ତି ଯେ, ଚାଇନାରୁ ଆମଦାନୀ କମିବା ଯୋଗୁ ଟିଭି ମୂଲ୍ୟରେ ବର୍ତ୍ତମାନ ପ୍ରଭାବ ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତିକୁ ବିଚାର କଲେ ଭାରତରେ ଟିଭି ଉତ୍ପାଦନ ୩୦ରୁ ୫୦% ହ୍ରାସ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। କରୋନା ଯୋଗୁ ଚାଇନାରେ ସ୍ଥିତି ସୁଧାର ନ ଆସିଲେ ଆଗାମୀ ଦିନରେ ସୋଲାର ପ୍ୟାନେଲ, ଫାର୍ମା, ପ୍ଲାଷ୍ଟିକ ଏବଂ ଜେମ୍ସ ଆଣ୍ଡ ଜୁଏଲେରୀ ଶିଳ୍ପ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେବ ବୋଲି କୁହାଯାଉଛି।

### ହ୍ୟୁଣ୍ଡାଇର ଜାତୀୟ ହାପିନେସ୍ ଅଭିଯାନ

HYUNDAI

**ଭୁବନେଶ୍ୱର,୨୧-୨:** ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିଃ.(ଏଚ୍‌ଏମ୍‌ଆଇଏଲ୍) ପକ୍ଷରୁ ଗ୍ରାମାଞ୍ଚଳ ବଜାର ପାଇଁ ଜାତୀୟ ହାପିନେସ୍ ଅଭିଯାନ ଆରମ୍ଭ କରାଯାଇଛି। ଏହା ଦେଶର ୨୦୬ଟି ଗ୍ରାମୀଣ ଆଉଟ୍‌ଲେଟ୍‌ରେ ଆୟୋଜନ ହେଉଛି। ଚଳିତ ମାସ ୨୬ ଯାଏ ଏହା ଚାଲିବ। ଗ୍ରାମୀଣ ଗ୍ରାହକଙ୍କୁ ଶ୍ରେଷ୍ଠତମ ସେବା ପ୍ରଦାନର ପ୍ରତିଶ୍ରୁତି ସ୍ୱରୂପ କମ୍ପାନୀ ପକ୍ଷରୁ ଉକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାହକଙ୍କୁ ବିଭିନ୍ନ ପାର୍ଟସ୍, ଲେବର, ଫ୍ରି ଟପ୍ ୱାଏ ୱାଶ୍ ଆଦିରେ ରିହାତି ପ୍ରଦାନ କରାଯାଉଛି। ସେହିପରି ହ୍ୟୁଣ୍ଡାଇ କେୟାର ଆପ୍ ବ୍ୟବହାରକାରୀଙ୍କ ପାଇଁ ଅତିରିକ୍ତ ରିହାତି ଉପଲବ୍ଧ ହେଉଛି। ଏହି ଅବସରରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ନ୍ୟାଶନାଲ ସର୍ଭିସ୍ ହେଡ୍ ଏସ୍.ପୁନ୍ନାଇଭାନମ୍ କହିଛନ୍ତି ଯେ, ହ୍ୟୁଣ୍ଡାଇ ହାପିନେସ୍ ଅଭିଯାନ ଏକ ଗ୍ରାହକ କୈନ୍ଦ୍ରୀକ ପ୍ରୟାସ। ଏହା ହ୍ୟୁଣ୍ଡାଇର ପ୍ରତିଶ୍ରୁତିବଦ୍ଧତାକୁ ନିଶ୍ଚିତ କରାଇବାକୁ ସକ୍ଷମ ହେବ। ଆମର ଗ୍ରାମୀଣ ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବା ଏହି ଅଭିଯାନର ଲକ୍ଷ୍ୟ। ଏହି ଅଭିଯାନ ଅନ୍ତର୍ଗତ ୫୦ ପଏଣ୍ଟ କାର୍ ଚେକ୍ ଅପ୍, ଫ୍ରି ଟପ୍ ୱାଏ ୱାଶ୍, ୫ ବର୍ଷରୁ ଅଧିକ ସମୟ ଗ୍ରାହକଙ୍କୁ ମେକାନିକାଲ ପାର୍ଟସ୍ ଉପରେ ୫ ପ୍ରତିଶତ ରିହାତି, ଲେବର ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ପ୍ରିମିୟମ୍ ଇଣ୍ଟେରିୟର କ୍ଲିନିଂ ଉପରେ ୨୦ପ୍ରତିଶତ ରିହାତି ପ୍ରଦାନ କରାଯିବ।

### ଏସ୍‌ବିଆଇ କାର୍ଡ, ଲ୍ୟାଣ୍ଡମାର୍କ କୋବ୍ରାଣ୍ଡ କ୍ରେଡିଟ କାର୍ଡ

**ବାଙ୍ଗାଲୁରୁ, ୨୧-୨:** ଏସ୍‌ବିଆଇ କାର୍ଡ ଏବଂ ଲ୍ୟାଣ୍ଡମାର୍କ ଗ୍ରୁପ ମିଳିତ ଭାବେ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ପ୍ରଚଳନ କରିଛନ୍ତି। ନୂଆକରି ପ୍ରଚଳନ କରାଯାଇଥିବା ତିନିଟି କାର୍ଡ, ଲାଇଫଷ୍ଟାଇଲ ହୋମ୍ ସେଣ୍ଟର ଏସ୍‌ବିଆଇ କାର୍ଡ, ମାକ୍ସ ଏସ୍‌ବିଆଇ କାର୍ଡ ଏବଂ ସ୍ପାର ଏସ୍‌ବିଆଇ କାର୍ଡକୁ ଲ୍ୟାଣ୍ଡମାର୍କ ଗ୍ରୁପର ଚାରିଟି ବ୍ରାଣ୍ଡ ଯଥା ଲାଇଫଷ୍ଟାଇଲ, ହୋମ୍ ସେଣ୍ଟର, ମାକ୍ସ ଏବଂ ସ୍ପାର୍ ସହିତ ଅଂଶୀଦାର ବ୍ୟବସ୍ଥାରେ ପ୍ରଚଳନ କରାଯାଇଛି। ସମ୍ପୂର୍ଣ୍ଣ ପରିବାର ନିମନ୍ତେ ୱାନଷ୍ଟପ ଅର୍ଥପୈଠ ସଲ୍ୟୁସନ୍ସ ଭାବେ ଡିଜାଇନ କରାଯାଇଥିବା ଏହି କାର୍ଡଗୁଡିକ ପ୍ରିମିୟମ ଏବଂ ସୁଲଭ ମୂଲ୍ୟର ଫାଶନ, ଫର୍ଣ୍ଣିଚର ବର୍ଗ ଏବଂ ତେଜରାତି ଭଳି ସମସ୍ତ ଶ୍ରେଣୀରେ କାର୍ଡଧାରୀଙ୍କୁ ଏକ ଅନନ୍ୟ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି। କାର୍ଡର ପ୍ରଚଳନ ଅବସରରେ ଏସ୍‌ବିଆଇ କାର୍ଡ ଏମ୍‌ଡି ତଥା ସିଇଓ ହରଦୟାଲ ପ୍ରସାଦ କହିଛନ୍ତି ଯେ 'ଆମେ ଲାଇଫଷ୍ଟାଇଲ ହୋମ୍ ସେଣ୍ଟର ଏସ୍‌ବିଆଇ କାର୍ଡ, ମାକ୍ସ ଏସ୍‌ବିଆଇ କାର୍ଡ ଏବଂ ସ୍ପାର ଏସ୍‌ବିଆଇ କାର୍ଡ ପ୍ରଚଳନ ନିମନ୍ତେ ଲ୍ୟାଣ୍ଡମାର୍କ ଗ୍ରୁପ୍ ସହିତ ଅଂଶୀଦାର ହୋଇ ଆନନ୍ଦିତ।

# ବିକାଶ ହାର ୪.୯% ରହିବା ଅନୁମାନ

**ନୂଆଦିଲ୍ଲୀ,୨୧-୨**

- ୨୦୨୦-୨୧ରେ ୫.୬% ରହିପାରେ ଜିଡିପି: ଏନ୍‌ସିଏଇଆର୍
- ଚଳିତ ବର୍ଷ ୫% ଜିଡିପି ପୂର୍ବାନୁମାନ କରାଯାଇଛି
- କୃଷି କ୍ଷେତ୍ର କାର୍ଯ୍ୟକଳାପ ଉନ୍ନତ ରହିବା ନେଇ ଆକଳନ




ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ବିକାଶ ହାର ୪.୯% ରହିବା ନେଇ ଅନୁମାନ କରାଯାଇଛି। ବିକାଶ ହାର ଚଳିତ ଆର୍ଥିକ ବର୍ଷ ୫% ରହିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) କହିଛି। ଏହି ଆକଳନ ତୁଳନାରେ ଜିଡିପି ୪.୯%କୁ ଖସିବ ବୋଲି ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍‌ସିଏଇଆର୍) ପକ୍ଷରୁ ଶୁକ୍ରବାର ଆକଳନ କରାଯାଇଛି। ଏହାର ପରବର୍ତ୍ତୀ ଆର୍ଥିକ ବର୍ଷଗୁଡିକରେ ବିକାଶ ହାରରେ ଉନ୍ନତି ଆସିବା ନେଇ ଏହି ଏଜେନ୍ସି ଆଶାବାଦୀ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ସହ ଜିଡିପି ୫.୬% ଛୁଇଁବା ନେଇ ଏନ୍‌ସିଇଏଆର ଆଶାବାଦୀ ରହିଛି। ୨୦୧୮-୧୯ରେ ଭାରତର ଜିଡିପି ଅଭିବୃଦ୍ଧି ୬.୧% ରହିଥିଲା। ୨୦୧୯-୨୦ ତୃତୀୟ ତ୍ରୈମାସ ଲାଗି ବିକାଶ ଅନୁମାନ ୪.୯%, ଚତୁର୍ଥ ତ୍ରୈମାସ ଲାଗି ଅନୁମାନ ୫.୧% ଏବଂ ୨୦୧୯-୨୦ ଏବଂ ୨୦୨୦-୨୧ ଲାଗି ବାର୍ଷିକ ବିକାଶ ହାର ଅନୁମାନ ଯଥାକ୍ରମେ ୪.୯% ଏବଂ ୫.୬% ରହିବ ବୋଲି ଏହା ଏକ ବିବୃତିରେ ପ୍ରକାଶ କରିଛି।

ବିକାଶ ହାର ୫% ରହିବା ନେଇ ଉଭୟ ରିଜର୍ଭ ବ୍ୟାଙ୍କ ଓ ଏନ୍‌ଏସ୍‌ଓ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଅର୍ଥ ବ୍ୟବସ୍ଥାରେ କିଛି ସୁଧାର ଆସିବା ନେଇ ଏନସିଏଇଆର୍ ଆଶା ରଖିଛି। ମୌସୁମୀରେ ଉନ୍ନତ ବର୍ଷା, ମୌସୁମୀ ପରବର୍ତ୍ତୀ ସ୍ଥିତିରେ ଉନ୍ନତି, ଦେଶର ପ୍ରମୁଖ ଜଳ ଭଣ୍ଡାରଗୁଡିକରେ ଜଳ ସଂରକ୍ଷଣ ସ୍ଥିତିରେ ସୁଧାର ଯୋଗୁ କୃଷି କ୍ଷେତ୍ରର ଅଭିବୃଦ୍ଧି ଆଶା ଉଜ୍ଜ୍ୱଳ ରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ କୃଷି କ୍ଷେତ୍ର ଉତ୍ପାଦନ ଯଥେଷ୍ଟ ଭଲ ରହିବ ବୋଲି ବୋଲି କୃଷି ମନ୍ତ୍ରଣାଳୟ ଏବଂ ଏନ୍‌ସିଏଇଆର୍ ପୂର୍ବାନୁମାନରେ ମତ ପ୍ରକାଶ କରିଛନ୍ତି। ପନିପରିବା ଏବଂ ଖାଦ୍ୟ ସାମଗ୍ରୀ ଉତ୍ପାଦନ ବାଧାପ୍ରାପ୍ତ ହେବା ଯୋଗୁ ଏହାର ଦର ବଢିଛି। ଏଥିଯୋଗୁ ମୁଦ୍ରାସ୍ଫୀତି ମଧ୍ୟ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟଠାରୁ ଢେର ଉଚ୍ଚରେ ରହିଛି। ଖାଦ୍ୟ ଶସ୍ୟ ଉତ୍ପାଦନ ଉନ୍ନତ ହେଲେ ଆଗାମୀ ମାସଗୁଡିକରେ ଦରଦାମ ହ୍ରାସ ହେବା ନେଇ ପୂର୍ବାନୁମାନ କରାଯାଇଛି।

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଔଦ୍ୟୋଗିକ ଉତ୍ପାଦନ ସୂଚୀ (ଆଇଆଇପି) ୦.୪% ହ୍ରାସ ଘଟିଥିବା ବେଳେ ତୃତୀୟ ତ୍ରୈମାସରେ ୦.୯% ହ୍ରାସ ଘଟିଛି। ଏହି ସମୟରେ କ୍ୟାପିଟାଲ ଗୁଡ୍‌ସ ଏବଂ କଞ୍ଜ୍ୟୁମର ଡ୍ୟୁରେବଲ୍ସ ଆଇଆଇପି ଖସିଛି। ସେହିଭଳି ସେବା କ୍ଷେତ୍ର କାର୍ଯ୍ୟକଳାପ ଏବଂ କାର୍ଗୋ ଟ୍ରାଫିକରେ ଉନ୍ନତି ଆସୁଥିବା କୁହାଯାଇଛି। ମନ୍ଥର ଅଭିବୃଦ୍ଧିକୁ ଗତିଶୀଳ କରାଇବା ଲାଗି ସରକାର ବଜେଟରେ ବ୍ୟବସ୍ଥା କରିଥିବା କହିଛନ୍ତି। ଏହାବାଦ ରାଜସ୍ୱ ନେଇ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ଆଶାତୀତ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ମାତ୍ର ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ଅଧିକ ବାସ୍ତବ ବୋଲି ବିଚାର କରାଯାଉଛି।

## ଉଚ୍ଚ ଟାରିଫ୍ ପ୍ରସଙ୍ଗ ପୁଣି ଉଠାଇଲେ ଟ୍ରମ୍ପ



**ନୂଆଦିଲ୍ଲୀ,୨୧-୨**

ଭାରତ ଆମେରିକା ସାମଗ୍ରୀ ଉପରେ ବୃହତ୍ ପରିମାଣର ଟିକସ ଲାଗୁ କରୁଥିବାରୁ ଏହା ଦ୍ୱାରା ବାଣିଜ୍ୟ ପ୍ରଭାବିତ ହେଉଛି ବୋଲି ଭାରତ ଗସ୍ତ ପୂର୍ବରୁ ୟୁଏସ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର କହିଛନ୍ତି। ଭାରତରେ ଆମେରିକା ପ୍ରଡକ୍ଟର ବିକ୍ରି ବୃଦ୍ଧି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବେ ବୋଲି ଟ୍ରମ୍ପ କହିଛନ୍ତି। ଚଳିତ ମାସ ୨୪ ଏବଂ ୨୫ରେ ଟ୍ରମ୍ପ ଭାରତ ଗସ୍ତ କରୁଛନ୍ତି। ବାଣିଜ୍ୟ ସ୍ଥିତିକୁ ନେଇ ମୋଦିଙ୍କ ସହ ଆଲୋଚନା କରାଯିବ ବୋଲି କଲରାଡୋଠାରେ କିପ୍ ଆମେରିକା ଗ୍ରେଟ୍ କାର୍ଯ୍ୟକ୍ରମରେ ତାଙ୍କ ପ୍ରଶଂସକଙ୍କୁ ଟ୍ରମ୍ପ କହିଥିଲେ। ଭାରତ ଆମେରିକା ପ୍ରଡକ୍ଟ ଉପରେ ସର୍ବାଧିକ ଟାରିଫ୍ ଲଗାଉଛି। ଏହା ଦ୍ୱାରା ଆମେରିକା ପ୍ରଡକ୍ଟ ଉପରେ ଏହାର ବୋଝ ପଡୁଛି। ଏହା ଦ୍ୱାରା ବାଣିଜ୍ୟ ସର୍ବାଧିକ ପ୍ରଭାବିତ ହେଉଥିବା ସେ ମତ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ଗସ୍ତ ସମୟରେ ଭାରତ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଏବଂ ଚୁକ୍ତି ହେବାର ମଧ୍ୟ ସମ୍ଭାବନା ରହିଛି।

## ଗରିବୀ ସର୍ଭେ ଆରମ୍ଭ କଲେ ସରକାର

**ନୂଆଦିଲ୍ଲୀ,୨୧-୨**

- ରାଜ୍ୟ ଗୁଡିକୁ ର୍ୟାଙ୍କିଙ୍ଗ କରିବ ନୀତି ଆୟୋଗ
- ୟୁଏନ୍‌ଡିପି ସୂଚକାଙ୍କରେ ସୁଧାର ଆଣିବା ଲକ୍ଷ୍ୟ



ଦେଶରେ ଗରିବୀର ଅନୁମାନ ଲଗାଇବା ଲାଗି ସରକାର ନୂଆ ସର୍ଭେ ଆରମ୍ଭ କରିଛନ୍ତି। ଏହା ମଧ୍ୟରେ ପୋଷଣର ମାତ୍ରା, ପିଇବା ପାଣି, ହାଉସିଂ, ରନ୍ଧନ ପାଇଁ ବ୍ୟବହାର ହେଉଥିବା ସାମଗ୍ରୀର ସୁବିଧା ଦେଶର ଲୋକଙ୍କ ନିକଟରେ କେତେ ପରିମାଣରେ ପହଞ୍ଚିଛି ତାର ଆକଳନ କରାଯିବ। ଦେଶରେ ଗରିବୀର ସ୍ତର କେମିତି ଅଛି ତା'ର ଏକ ମୋଟାମୋଟି ଆକଳନ କରିବା ଲାଗି ସରକାର ଏଭଳି ଏକ ପଦକ୍ଷେପ ନେଇଥିବା କୁହାଯାଇଛି। କିଛିବର୍ଷ ତଳେ ସରକାର ଗରିବୀ ରେଖାର ବ୍ୟବହାର ବନ୍ଦ କରି ଦେଇଥିଲେ। ଗରିବଙ୍କ ପ୍ରକୃତ ଆକଳନ ଗରିବୀ ସ୍ତର ସମ୍ପର୍କରେ ପତ୍ତା ଲଗାଇବା ଦ୍ୱାରା ସାମାଜିକ କ୍ଷେତ୍ର ସମ୍ପର୍କିତ ଯୋଜନା ପ୍ରଣୟନରେ ସରକାରଙ୍କୁ ଅଧିକ ଲାଭ ମିଳିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

୨୦୧୪ରେ ସି.ରଙ୍ଗରାଜନ କମିଟି ଗରିବଙ୍କ ସଂଖ୍ୟାରେ ୧୦ କୋଟି ବୃଦ୍ଧି ନେଇ ଆକଳନ କରିଥିଲେ। ଏଥି ଲାଗି କମିଟି ସାମଗ୍ରୀ ବ୍ୟବହାର ଏବଂ ପୁଞ୍ଜି ଖର୍ଚ୍ଚକୁ ଆଧାର ଭାବେ ବିଚାର କରିଥିଲେ। ଏହାକୁ ବିଚାର କରିଲେ ଦେଶରେ ଗରିବଙ୍କ ସଂଖ୍ୟା ୩୬.୨ କୋଟି ହେବ। ଏହା ମୋଟ ଜନସଂଖ୍ୟାର ୨୯.୬% ହେବ। ସୁରେଶ ତେନ୍ଦୁଲକର କମିଟି ଦେଇଥିବା ରିପୋର୍ଟ ମୁତାବକ ୨୬.୯୮ କୋଟି ରହିଥିଲା। ଯାହା ଦେଶର ମୋଟ ଜନସଂଖ୍ୟାର ୨୧.୯%। ୨୦୧୪ରେ ଏନ୍‌ଡିଏ ସରକାର ଏହି ରିପୋର୍ଟକୁ ଖାରଜ କରିଦେଇଥିଲେ। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ଫିଲ୍ଡ ୱାର୍କ କରାଯିବ। ରାଜ୍ୟଗୁଡିକର ପରଫରମାନ୍ସ କିଭଳି ରହିଛି ସେ ଉପରେ ନଜର ରଖିବାକୁ ନୀତି ଆୟୋଗକୁ କୁହାଯାଇଛି। ସର୍ଭେର ଫଳାଫଳକୁ ଜାତିସଂଘ ଉନ୍ନତୀକରଣ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ମଲ୍ଟି ଡାଇମେନଶନାଲ ପଭର୍ଟି ଇଣ୍ଡେକ୍ସ (ଏମପିଆଇ)ରେ ସାମିଲ କରାଯିବ। ଉକ୍ତ ସୂଚକାଙ୍କରେ ଦେଶର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଧାରଣ ମାନର ସ୍ତରକୁ ନେଇ ର୍ୟାଙ୍କ ଦିଆଯିବ।

ଏ ନେଇ ନୀତି ଆୟୋଗ ଏବଂ ମନ୍ତ୍ରଣାଳୟ ଅଧିକାରୀଙ୍କ ବୈଠକ ହୋଇଥିବା ଅଧିକାରୀ ଜଣକ କହିଛନ୍ତି। ଆକଳନ କେଉଁ ଭାବେ କରାଯିବ ସେ ନେଇ ଏଠାରେ ବିଚାର ବିମର୍ଷ ହୋଇଛି। ନୀତି ଆୟୋଗ ଏକ ଗରିବ ସୂଚକାଙ୍କ ପ୍ରସ୍ତୁତ କରିବ ବୋଲି ଜଣା ପଡିଛି। ଏଥିରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ର୍ୟାଙ୍କରେ ରଖାଯିବ।


CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ — କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

BUSINESS

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHARITRI Career appointment Every Wednesday and Saturday

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“ ନ୍ୟୁଜିଲାଣ୍ଡର ବେସିନ ରିଜର୍ଭ ଟ୍ରାକ୍‌ରେ ବିଶେଷ କରି ଏକ ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ବ୍ୟାଟିଂ ସହଜ ନୁହେଁ ।

–ମୟଙ୍କ ଅଗ୍ରୱାଲ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



“ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ବିରାଟ କୋହଲି ଏବଂ ଚେତେଶ୍ୱର ପୂଜାରାଙ୍କୁ ଶୀଘ୍ର ଆଉଟ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ ।

–କାଇଲ ଜେମିସନ, ନ୍ୟୁଜିଲାଣ୍ଡ ବୋଲର



# ‘କେଆଇୟୁଜି ଅଲିମ୍ପିଆନ୍ ସୃଷ୍ଟି କରିବାରେ ସହାୟକ ହେବ’

ଭୁବନେଶ୍ୱର,୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ସାଇ ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, କ୍ରୀଡା ସଚିବ ବିଶାଳ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା (କେଆଇୟୁଜି)କୁ ଭାରତୀୟ କ୍ରୀଡାର ଭବିଷ୍ୟତ ବୋଲି କହିଛନ୍ତି। ଆଗାମୀ ଦିନରେ ଏହା ଦେଶ ପାଇଁ ଅନେକ ଅଲିମ୍ପିଆନ୍ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ପ୍ରଥମ ସଂସ୍କରଣ ଶନିବାରଠାରୁ ଓଡିଶାରେ ଆରମ୍ଭ ହେବ ଏବଂ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ। ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଓ ଗେଲ୍ ଏହି ଇଭେଣ୍ଟର ଔପଚାରିକ ପ୍ରାୟୋଜକ ରହିଛନ୍ତି। ଏହି ଅବସରରେ ସନ୍ଦୀପ ପ୍ରଧାନ କହିଥିଲେ, ବିଶ୍ୱବ୍ୟାପୀ ବିଶ୍ୱବିଦ୍ୟାଳୟ କ୍ରୀଡା ଖୁବ୍ ଲୋକପ୍ରିୟ। ଅଲିମ୍ପିକ୍ସ ପରେ ଦ୍ୱିତୀୟ ପ୍ରମୁଖ କ୍ରୀଡା ହେଉଛି ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ। ଶିକ୍ଷା ଓ କ୍ରୀଡାକୁ ଏକତ୍ରିତ କରିବା ପାଇଁ ୨୦୧୭ରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଉନ୍ମୋଚନ କରାଯାଇଥିଲା ଏବଂ ବର୍ତ୍ତମାନ ଆମେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ପ୍ରଥମ ସଂସ୍କରଣ ଆରମ୍ଭ କରିବାକୁ ଯାଉଛୁ। ଓଡିଶା ସରକାର ଏହି ପ୍ରଥମ ସଂସ୍କରଣର ଆୟୋଜନ କରୁଥିବାରୁ ମୁଁ ବହୁତ ଖୁସୀ। ଓଡିଶା ଗତ କିଛିବର୍ଷ ହେବ କ୍ରୀଡାକୁ ସମର୍ଥନ କରିବା କ୍ଷେତ୍ରରେ ଚମତ୍କାର କାର୍ଯ୍ୟ କରିଆସୁଛି ବୋଲି ସେ କହିଛନ୍ତି। ରାଜ୍ୟ କ୍ରୀଡା ସଚିବ ବିଶାଲ ଦେବ ମାତ୍ର ୩ ମାସ ମଧ୍ୟରେ ଏହି ମେଗା ଇଭେଣ୍ଟ ପାଇଁ ପ୍ରସ୍ତୁତି ଶେଷ କରିଥିବାରୁ ତାଙ୍କ ଟିମ୍‌କୁ ପ୍ରଶଂସା କରିଥିଲେ। ସେ କହିଥିଲେ, କିଟ୍ ବିଶ୍ୱବିଦ୍ୟାଳୟ ରାତାରାତି ସବୁକିଛି ଯୋଜନା କରିଥିଲା ଏବଂ ଆମେ ଏଥିପାଇଁ କିଟ୍‌କୁ ଧନ୍ୟବାଦ ଦେବା ଉଚିତ। କିଟ୍ ୩୫୦୦ରୁ ଅଧିକ ପ୍ରତିଯୋଗୀଙ୍କ ସହ ଏକ ବୃହତ୍ ଇଭେଣ୍ଟର ଆୟୋଜନ କରିବାକୁ ଯାଉଛି। ଏହି ଅବସରରେ କିଟ୍‌ର ପ୍ରୋ–ଭାଇସ ଚାନସେଲର୍ ସସ୍ମିତା ସାମନ୍ତ ଉପସ୍ଥିତ ଥିଲେ ଓ କିଟ୍‌ରେ ଏହି ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ଖୁସି ଜାହିର କରିଥିଲେ।

କେଆଇୟୁଜି–୨୦୨୦ ଓଡିଶାରେ ଦେଶବ୍ୟାପୀ ୧୫୯ଟି ବିଶ୍ୱବିଦ୍ୟାଳୟର ୩୩୪୩ ପ୍ରତିଯୋଗୀ (୧୭୩୮ ଜଣ ପୁରୁଷ ଓ ୧୬୦୫ ଜଣ ମହିଳା) ଅଂଶଗ୍ରହଣ କରିବେ। କଟକ ଓ ଭୁବନେଶ୍ୱରର ୧୦ଟି ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୨୦୬ଟି ସ୍ୱର୍ଣ୍ଣ, ୨୦୬ଟି ରୌପ୍ୟ ଓ ୨୮୬ଟି ବ୍ରୋଞ୍ଜ ମେଡାଲ ରହିଛି। ଏହି ଇଭେଣ୍ଟ ସ୍ପୋର୍ଟ୍ସ, ହଟ୍‌ଷ୍ଟାର ଓ ଦୂରଦର୍ଶନରେ ସିଧା ପ୍ରସାରଣ ହେବ।



ମହିଳା ବାସ୍କେଟବଲ ମ୍ୟାଚ୍‌ର ଏକ ଦୃଶ୍ୟ




ମାସ୍କଟ ସହ ସେଲ୍‌ଫି ନେଉଛନ୍ତି ପ୍ରତିଯୋଗୀ

# ଉଦ୍‌ଘାଟନ ପାଇଁ ଇନ୍‌ଡୋର ଷ୍ଟାଡିୟମ ପ୍ରସ୍ତୁତ

■ ଭିଡିଓ କନ୍‌ଫରେନ୍ସିଂରେ ଉଦ୍‌ଘାଟନ କରିବେ ମୋଦି

■ ସୋନା ମହାପାତ୍ର, ରାମ ସମ୍ପଥ, ଟେରେନ୍ସ ମୁଖ୍ୟ ଆକର୍ଷଣ

କଟକ ଅଫିସ,୨୧।୨



ଉଦ୍‌ଘାଟନୀ ପୂର୍ବରୁ ଶୁକ୍ରବାର ରିହରସାଲ।

ଶନିବାର ଉଦ୍‌ଘାଟିତ ହେବ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)। ଦ୍ୱୈତନଗରୀ କଟକ–ଭୁବନେଶ୍ୱରରେ ବିଭିନ୍ନ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ରାଜ୍ୟ ସରକାର, ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ଉତ୍ସବ ଶନିବାର ସନ୍ଧ୍ୟା ୬ଟାରେ କଟକର ଜବାହରଲାଲ ନେହେରୁ (ଜେଏନ୍) ଇନଡୋର ଷ୍ଟାଡିୟମରେ କରାଯିବ। ବିଶାଳ ଧରଣର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହେବ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ। ଏଥିଲାଗି ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଅଭ୍ୟାସ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡ଼ିଓ କନଫରେନ୍ସିଂ ଜରିଆରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ।

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁଥିବା ଉଦ୍‌ଘାଟନୀ ଉତ୍ସବରେ ଦେଶର ୧୫୯ ବିଶ୍ୱବିଦ୍ୟାଳୟର ବଛାବଛା କ୍ରୀଡ଼ାବିତଙ୍କ ସମାଗମ ହେବ। ମୋଟ୍ ୧୭ ଇଭେଣ୍ଟରେ ପ୍ରତିଯୋଗିତା ଖେଳାଯିବ। କଟକର ଜେ.ଏନ୍. ଇନଡୋର ଷ୍ଟାଡିୟମରେ ୨ଟି ଇଭେଣ୍ଟ ଖେଳାଯିବାବେଳେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କିଟ୍ ସମେତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ବଳକା ଇଭେଣ୍ଟ ହେବ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନୀ କରିବେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

**ଓଡ଼ିଶୀ ନୃତ୍ୟରେ ଉଦ୍‌ଘାଟନ**

ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଆରମ୍ଭ ହେବ ଉଦ୍‌ଘାଟନୀ ଉତ୍ସବ। ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦ଜଣ ନୃତ୍ୟଶିଳ୍ପୀ ଅଭ୍ୟାସ ଜାରି ରଖିଛନ୍ତି। ସମଗ୍ର ଭାରତକୁ ଓଡ଼ିଶା ଏକ ସୂତ୍ରରେ ବାନ୍ଧି ରଖିଛି ବୋଲି କଳାକାରମାନେ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିବେ। ଏହାଛଡ଼ା ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ପାରମ୍ପରିକ ବାଦ୍ୟ ଏଥିରେ ସାମିଲ କରାଯାଇଛି। କୋଣାର୍କକୁ ଆଧାର କରି ଏକ ନୃତ୍ୟ ପରିବେଷଣ କରାଯିବ। ଅନ୍ୟପକ୍ଷରେ ବମ୍ବେର ଏକ ଡ୍ୟାନ୍ସ ଗ୍ରୁପ ମଧ୍ୟ ଅଭ୍ୟାସ ଜାରି ରଖିଛି।

**ସ୍ଥିତି ଅନୁଧ୍ୟାନ କଲେ ଭିନିଲ କ୍ରିଷ୍ଣା**

ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଆର୍ ଭିନୀଲ କ୍ରୀଷ୍ଣା ଶୁକ୍ରବାର ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବ ନେଇ ଆୟୋଜନ କିଭଳି ହୋଇଛି ସେ ସମ୍ପର୍କରେ ନିର୍ଦ୍ଦେଶକ ପଚାରି ବୁଝିଥିଲେ। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଶୁକ୍ରବାର ଏଠାରେ ମକଡ୍ରିଲ ମଧ୍ୟ କରାଯାଇଥିଲା।

**ନଜରରେ ବଲିଉଡ୍ ଷ୍ଟାର**

ବଲିଉଡ୍‌ର ଅନେକ ତାରକାଙ୍କୁ ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିବ। କଣ୍ଠଶିଳ୍ପୀ ସୋନା ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ରାମ ସମ୍ପଥଙ୍କ ଗ୍ରୁପ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଖ୍ୟାତନାମା କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କ ଡ୍ୟାନ୍ସଗ୍ରୁପ ମଧ୍ୟ ପହଞ୍ଚି ସାରିଲାଣି। ବଲିଉଡର ଆଗଧାଡ଼ିର କଣ୍ଠଶିଳ୍ପୀ ନାକାସ୍ ଅଜିଜ୍ ମଧ୍ୟ ଗୀତ ପରିବେଷଣ କରିବେ।

**ଓଡ଼ିଶାର ୧୪୭ ପ୍ରତିଯୋଗୀ**

ଏହି ମେଗା ଇଭେଣ୍ଟରେ ଓଡ଼ିଶାର ମାତ୍ର ୪ଟି ବିଶ୍ୱବିଦ୍ୟାଳୟ ଦଳର ମୋଟ୍ ୧୪୭ ଖେଳାଳି ଭାଗ ନେବେ। ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବା ନେଇ ସମ୍ମତି ଜଣାଇଛନ୍ତି। କିଟ୍‌ରୁ ସର୍ବାଧିକ ୯୯ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

# ଭଲିରେ ଉତ୍କଳ ପରାସ୍ତ

ଭୁବନେଶ୍ୱର, ୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ପ୍ରଥମ ସଂସ୍କରଣ ଆନୁଷ୍ଠାନିକ ଭାବେ ଶନିବାର ଉଦ୍‌ଘାଟନ ହେବ। କିନ୍ତୁ ଶୁକ୍ରବାର ଏହାର ଭଲିବଲ୍, ବାସ୍କେଟବଲ ଓ ଫେନ୍‌ସି ଇଭେଣ୍ଟ ଆରମ୍ଭ ହୋଇଯାଇଛି। ପୁରୁଷ ଭଲିବଲରେ ଆରମ୍ଭରୁ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧–୩ (୨୧–୨୫, ୨୫–୨୨, ୨୦–୨୫, ୧୯–୨୫) ସେଟ୍‌ରେ ହରିୟାଣାର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ସେହିଭଳି ସୋନେପତର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ୩–୦ (୨୫–୦୯, ୨୫–୧୭, ୨୫–୨୧)ରେ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ (ବାରଣାସୀ)କୁ ଏବଂ ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ (ପଞ୍ଜାବ) ୩–୨ (୨୫–୧୪, ୨୫–୨୦, ୧୪–୨୫, ୨୩–୨୫, ୧୫–୧୧)ରେ କାଲିକଟ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଫେନ୍‌ସିଂ ସିନିୟର ମହିଳା ଏପି ଓ ସିନିୟର ମହିଳା ଇପି ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ଦୁତ୍ତା ଜ୍ୟୋତିକା ଓ ହାଓମ୍ବା ଲିଛୋଇଙ୍କ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ସେହିଭଳି ସିନିୟର ମହିଳା ସବର୍ ଇଭେଣ୍ଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟର ଜଗମିତ୍ କୌରଙ୍କ ମଧ୍ୟରେ ଫାଇନାଲ ଖେଳାଯିବ।

# ପ୍ରତିଭା ଖୋଜିବେ ଅନୁରାଧା

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣର ଉଦ୍‌ଘାଟନୀ ସମାରୋହ ଶନିବାର କଟକରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଭୁବନେଶ୍ୱରରେ କେତେକ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି। ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ୧୭ଟି ଇଭେଣ୍ଟରେ ଆୟୋଜିତ ହେବ। ଏଥିପାଇଁ ପାଖାପାଖି ୩୦୦୦ ଆଥଲେଟଙ୍କ ସମାଗମ ହୋଇଛି। ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଯୁବ ଆଥଲେଟ୍‌ମାନେ ସେମାନଙ୍କ କଳାକୌଶଳ ଦେଖାଇବେ। ଏହି ସମ୍ମାନଜନକ ପ୍ରତିଯୋଗିତାରୁ ପ୍ରତିଭା ଖୋଜିବା ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ଗୁରୁଦାୟିତ୍ୱ ଦିଆ ଯାଇଛି। ସେ ବିଶେଷ କରି ଆଥଲେଟିକ୍ସ ଭେନ୍ୟୁରେ ଉପସ୍ଥିତ ରହି ଖେଳାଳିଙ୍କ ପ୍ରତିଭାକୁ ଦେଖିବେ।

# ଲଢ଼େଇ କରି ହାରିଲା ଭାରତ

## ଅଷ୍ଟ୍ରେଲିଆ ୪–୩ ଗୋଲରେ ବିଜୟୀ

ଏଫଆଇଏଚ୍ ହକି ପ୍ରୋ ଲିଗ୍

ଭୁବନେଶ୍ୱର ୨୧।୨(କ୍ରୀଡ଼ା ପ୍ରତିନିଧି)



ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩–୪ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ପ୍ରଭାବୀ ରହିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ମିଳିଥିବା ପେନାଲ୍ଟି କର୍ଣ୍ଣର ମିସ୍ ଯୋଗୁ ଦଳ ମ୍ୟାଚ ଡ୍ର ରଖିବା ସୁଯୋଗ ହାତଛଡ଼ା କରିଥିଲା। ଅଷ୍ଟ୍ରେଲିଆର ଲାଚଲାନ ଶାର୍ପ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ପରେ ଭାରତ ୫ଟି ମ୍ୟାଚ ଖେଳି ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୨ ପରାଜୟ ସହିତ ୮ ପଏଣ୍ଟରେ ସ୍ଥିର ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୫ ମ୍ୟାଚରେ ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହିତ ୯ ପଏଣ୍ଟରେ ପହଞ୍ଚି ଯାଇଛି।

ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ସ୍ପିଡ୍ ଗେମ୍ ଖେଳି ଅଷ୍ଟ୍ରେଲିଆ ଫାଇଦା ପାଇଥିଲା। ଭାରତ ତୁଳନାରେ ଅଷ୍ଟ୍ରେଲିଆର ପାସିଂ ଏବଂ ଫିନିସିଂ ଭଲ ରହିଥିଲା। ମ୍ୟାଚର ୬ଷ୍ଠ ମିନିଟରେ ଅଧିନାୟକ ଆରନ ଜେଲସ୍କିଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ଡେଲାନ ଉଥରସ୍ପୁନ। ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଅଷ୍ଟ୍ରେଲିଆ ୧–୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଅଷ୍ଟ୍ରେଲିଆ ଚମତ୍କାର ଖେଳିଥିଲା। ଆକ୍ରମଣାତ୍ମକ ରଣନୀତିରେ ଡାହାଣ ପଟରୁ ବଲ୍ ଆଣି ଅଷ୍ଟ୍ରେଲିଆ ଖେଳାଳିମାନେ ଭାରତ ଡି’ ଏରିଆ ମଧ୍ୟରେ ପ୍ରବେଶ କରିଥିଲେ। ଲାଚଲାନ ଶାର୍ପ ବଲ୍‌କୁ ଅତି ଚତୁରତାର ସହିତ ଟମ୍ ୱିକହାମ୍‌ଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ୱିକ୍ହାମ ତାହାକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ।

ତୃତୀୟ କ୍ୱାର୍ଟର ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୩୫ତମ ମିନିଟରେ ଭାରତ ମ୍ୟାଚରେ ପ୍ରଥମଥରପାଇଁ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ରୂପିନ୍ଦରପାଲ ସିଂ ତାହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାର ୧ ମିନିଟ ପରେ ଅର୍ଥାତ୍ ୩୬ତମ ମିନିଟରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ରୂପିନ୍ଦର ମାରିଥିବା ଶଟ୍ ଅଷ୍ଟ୍ରେଲିଆ ଗୋଲକିପରଙ୍କ ହାତରେ ବାଜି ଫେରି ଆସୁଥିବାବେଳେ ରାଜ କୁମାର ପାଲ୍‌ଙ୍କ ରିବାଉଣ୍ଡ ଶଟ୍‌ରୁ ଭାରତ ପ୍ରଥମ ଗୋଲ ପାଇଥିଲା। ଗତ ବେଲଜିୟମ ବିପକ୍ଷ ମ୍ୟାଚରେ ପଦାର୍ପଣ କରିଥିବା ରାଜଙ୍କ ପାଇଁ ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ଗୋଲ। ଏହାପରେ ୨ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ଅଷ୍ଟ୍ରେଲିଆ ବଡ଼ ଅଗ୍ରଣୀ ନେଇ ଯାଇଥିଲା। ୪୧ତମ ମିନିଟରେ ଲାଚଲାନ ଶାର୍ପ ଏବଂ ୪୩ତମ ମିନିଟରେ ଡାନିଏଲ ବାଲେ ଏହି ଗୋଲ ୨ଟି ଦେଇଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଅଷ୍ଟ୍ରେଲିଆ ୪–୧ରେ ଅଗ୍ରଣୀ ନେଇ ଯାଇଥିଲା। ଶେଷ କ୍ୱାର୍ଟରରେ କିନ୍ତୁ ଭାରତ ଆକର୍ଷଣୀୟ ଖେଳିଥିଲା। ୪୬ତମ ମିନିଟରେ ରାଜ ବ୍ୟକ୍ତିଗତଭାବେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୫୨ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରୂପିନ୍ଦର ଗୋଲରେ ପରିଣତ କରିବାରୁ ମ୍ୟାଚ ରୋମାଞ୍ଚକ ମୋଡ଼ ନେଇଥିଲା। ଶେଷ ୮ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ଆପ୍ରାଣ ଉଦ୍ୟମ କରିଥିଲା। ମ୍ୟାଚ ଶେଷ ହେବାପାଇଁ ଆଉ ୩୩ ସେକେଣ୍ଡ ଥିବାବେଳେ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣର ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲେ ରୂପିନ୍ଦର। ସେ ଗୋଲପୋଷ୍ଟ ବାହାରେ ବଲ୍ ମାରି ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ନିରାଶ କରିଥିଲେ।

## ସଂକ୍ଷେପରେ

### ଟେଲରଙ୍କ ସ୍ୱତନ୍ତ୍ର ରେକର୍ଡ



ୱେଲିଂଟନ,୨୧।୨(ପି.ଟି.)- ଭେଟେରାନ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରସ ଟେଲର ଶୁକ୍ରବାର ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ପଡ଼ିଆକୁ ଓହ୍ଲାଇ ଇତିହାସ ରଚିଛନ୍ତି। ପ୍ରତ୍ୟେକ ଫର୍ମାଟରେ ୧୦୦ ମ୍ୟାଚ୍ ଖେଳିବାରେ ସେ ବିଶ୍ୱର ପ୍ରଥମ ଖେଳାଳି। ଚଳିତ ୱେଲିଂଟନ ଟେଷ୍ଟ ଟେଲରଙ୍କ କ୍ୟାରିୟରର ୧୦୦ତମ ଟେଷ୍ଟ। ତାଙ୍କୁ ନ୍ୟୁଜିଲାଣ୍ଡ ଉଇକେଟକିପର ଇଆନ ସ୍ମିଥ ମ୍ୟାଚ୍ ପୂର୍ବରୁ କ୍ୟାପ ପ୍ରଦାନ କରିଥିଲେ। ଟେଲରଙ୍କ ପୂର୍ବରୁ ଷ୍ଟିଫେନ ଫ୍ଲେମିଂ, ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଡାନିଏଲ ଭିଟୋରି ଦେଶ ପାଇଁ ୧୦୦ ଟେଷ୍ଟ ଖେଳିସାରିଛନ୍ତି। ୩୫ ବର୍ଷୀୟ ଟେଲର ଗତମାସରେ ଭାରତ ବିପକ୍ଷରେ କ୍ୟାରିୟରର ୧୦୦ତମ ଟି୨୦ ମ୍ୟାଚ୍ ଖେଳିଥିଲେ। ଦିନିକିଆ ଫର୍ମାଟରେ ସେ ୨୩୧ ମ୍ୟାଚ୍ ଖେଳିସାରିଲେଣି। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦେଶ ପାଇଁ ସର୍ବାଧିକ ରନ୍ କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ସେ ଟେଷ୍ଟରେ ୭୧୭୪ ଓ ଦିନିକିଆ ୮୫୭୦ ରନ୍ କରିଛନ୍ତି। ଟି୨୦ରେ ସେ ୧୯୦୯ ରନ୍ କରିସାରିଛନ୍ତି। ଟେଲର ୨୦୦୭ରେ ଟେଷ୍ଟ ପଦାର୍ପଣ କରିଥିଲେ। ସେହିବର୍ଷ ହିଁ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିଥିଲେ।

# ଅଷ୍ଟ୍ରେଲିଆକୁ ହରାଇ ଭାରତର ଅଭିଯାନ

## ଆଇସିସି ମହିଳା ଟି୨୦ ବିଶ୍ୱକପ୍



ଉଇକେଟ ହାସଲ ପରେ ପୁନମ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ସିଡନୀ,୨୧।୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୁକ୍ରବାର ଭାରତ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୧୭ ରନରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ରିଷ୍ଟ ସ୍ପିନର ପୁନମ ଯାଦବ ଦମ୍‌ଦାର ବୋଲିଂ କରି ମାତ୍ର ୧୯ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସ୍ଥାନୀୟ ସିଡନୀ ଶୋଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୧୯.୫ ଓଭରରେ ୧୧୫ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଏହି ବିଜୟ ସହ ଭାରତ ୨ ପଏଣ୍ଟ ହାସଲ କରିଛି।

୧୩୩ ରନ ଆଭରେଜ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲା। ଓପନର ଆଲିସା ହିଲି ମାତ୍ର ୩୫ ବଲରୁ ୬ ଚୌକା ଓ ୧ ଛକା ସହ ୫୧ ରନ କରି ପୁନମ ଯାଦବଙ୍କ ଦ୍ୱାରା କଟ ଆଣ୍ଡ ବୋଲ୍ଡ ହୋଇଥିଲେ। ସେହିପରି ଆଶଲେ ଗାର୍ଡନର ୩୬ ବଲରୁ ୩ ଚୌକା ଓ ୧ ଛକା ସହ ୩୪ ରନ ସଂଗ୍ରହ କରି ଦ୍ରୁତ ବୋଲର ଶିଖା ପାଣ୍ଡେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ତେବେ ଦଳର ବାକି ୯ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ପୁନମ୍ ସର୍ବାଧିକ ୪, ଶିଖା ୩ ଓ ଦୀପ୍ତି ଶର୍ମା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶେଫାଳି ବର୍ମା ଓ ଅଭିଜ୍ଞ ସ୍ମୃତି ମାନ୍ଧନା ପ୍ରଥମ ଉଇକେଟରେ ୨୫ ବଲରୁ ଦ୍ରୁତ ୪୧ ରନ ସଂଗ୍ରହ କରିଥିଲେ। ତେବେ ଏହାପରେ ମାତ୍ର ୬ ରନରେ ଭାରତ ପ୍ରଥମ ୩ ଉଇକେଟ ହରାଇଥିଲା। ମାନ୍ଧନା ୧୦ ରନକରି ଆଉଟ ହୋଇଥିଲେ। ସେହିପରି ଶେଫାଳି ୧୫ ବଲରୁ ୫ ଚୌକା ଓ ୧ ଛକା ଦ୍ରୁତ ୨୯ ରନ ସଂଗ୍ରହ କରି ଏଲିସ୍ ପେରୀଙ୍କ ବଲ୍‌ରେ ମିଡଅନ୍‌ରେ ଆନାବେଲ ସଦରଲାଣ୍ଡଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ହରମନପ୍ରୀତ କୌର ମାତ୍ର ୨ ରନ କରି ଆଉଟ ହୋଇଥିଲେ। ଜେମିମା ରୋଡ୍ରିଗୁଏଜ ୩୩ ବଲରୁ ୨୬ ରନ ସଂଗ୍ରହ କରି ଡେଲିସା କିମିନ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦୀପ୍ତି ଶର୍ମା ୪୬ ବଲରୁ ୩ ଚୌକା ସହ ୪୯ ରନ କରି ସ୍ଥିତି ସମ୍ଭାଳିବା ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବେଦା କ୍ରିଷ୍ଣମୂର୍ତ୍ତୀ ୯ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋନାସିନ ୨, ପେରୀ ଓ କିମିନ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୨/୪ (ଦୀପ୍ତି- ୪୯*, ଶେଫାଳି- ୨୯, ରୋଡ୍ରିଗୁଏଜ- ୨୬, ମାନ୍ଧନା- ୧୦, ଜୋନାସିନ- ୨/୨୪, ପେରୀ- ୧/୧୫, କିମିନ୍ସ- ୧/୨୪)।

ଅଷ୍ଟ୍ରେଲିଆ- ୧୯.୫ ଓଭରରେ ୧୧୫ ଅଲଆଉଟ (ହିଲି- ୫୧, ଗାର୍ଡନର- ୩୪, ପୁନମ- ୪/୧୯, ପାଣ୍ଡେ- ୩/୧୪, ଗାଏକ୍ୱାଡ- ୧/୩୧)।

ଜନ୍ମଦିନ ଶୁଭେଚ୍ଛା






ଧର୍ମେଶ କୁମାର ପ୍ରଧାନ
କୋତନା (ଝାରବନ୍ଧ)
ତୋର ତୃତୀୟ ଜନ୍ମବାର୍ଷିକୀରେ ପ୍ରଭୁ ନୃସିଂହନାଥଙ୍କ କୃପାରୁ ମଙ୍ଗଳ ହେଉ।
ଶୁଭେଚ୍ଛା ସହ:
ପ୍ରଧାନ ପରିବାରବର୍ଗ
ଧ-୧୬୮୨୨

୧୯ତମ ଜନ୍ମଦିନ ଶୁଭେଚ୍ଛା





ଆକାଶ କୁମାର ସାହୁ (ସିଲୁ)
ଜାଗମରା, ଖଣ୍ଡଗିରି,ଭୁବନେଶ୍ୱର
ଆଜି ତୋ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋ ଚଲାପଥ ସଦାସର୍ବଦା କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେମା, ଅଜା, ଆଈ, ବଡବୋଉ, ଦାଦା, ଖୁଡୀ, ମାମୁ, ମାଈଁ, ମାଉସୀ, ବଡଭାଇ, ଭଉଣୀ ଏବଂ ସମସ୍ତ ଗୁରୁଜନ। ମାମା-ମୀନାକ୍ଷୀ ସାହୁ, ବାପା- ବୁଦ୍ଧନାଥ।
ଧ-୫୬୧୮୮

# ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ

## ପ୍ରଥମ ଟେଷ୍ଟ: ଭାରତୀୟ ଟପ୍ ଅର୍ଡର ବିଫଳ



ବ୍ୟାଟିଂ ଅବସରରେ ଅଜିଙ୍କ୍ୟ ରାହାନେ।

ୱେଲିଂଟନ, ୨୧।୨(ପି.ଟି.)

ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ବ୍ୟାଟିଂ କରି ଭାରତ ୪୦ ରନରେ ପ୍ରଥମ ୩ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଚା'ପାନ ବିରତି ସୁଦ୍ଧା ଭାରତ ୫୫ ଓଭରରେ ୫ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ତେବେ ବିରତି ମଧ୍ୟ ଭାଗରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଏହାପରେ ଆଉ ଖେଳି ସମ୍ଭବ ହୋଇପାରି ନ ଥିଲା ଓ ଅନ୍ତିମ ସେସନ ପୂରା ଧୋଇଯାଇଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଅଜିଙ୍କ୍ୟ ରାହାନେ ୩୮ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୦ ରନ କରି ଅପରାଜିତ ରହିଛନ୍ତି।

ଟେଷ୍ଟ ପଦାର୍ପଣ କରିଥିବା ୬ ଫୁଟ ୮ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ୨୫ ବର୍ଷୀୟ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିସନ ୧୪ ଓଭରରେ ୩୮ ରନ ବ୍ୟୟ କରି ୩ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିଲେ। ଯୁବ ଓପନର ପୃଥ୍ୱୀ ଶ ୧୬ ରନକରି ଟିମ୍ ସୌଦିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ରଥମେ ଆଉଟ ହୋଇଥିଲେ। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ମଧ୍ୟ ବିଫଳ ହୋଇଥିଲେ। ୧୧ ରନ କରିଥିବା ବେଳେ ସେ ଜେମିସନଙ୍କ ବଲ୍‌ରେ ଉଇକେଟକିପର ବିଜେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ମାତ୍ର ୨ ରନ କରିଥିବା ବେଳେ ଜେମିସନଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୩୪ ରନକରି କ୍ରିଜ୍‌ରେ ଜମିଆସୁଥିଲେ ମଧ୍ୟ ଓପନର ମୟଙ୍କ ଅଗ୍ରୱାଲ ୩୪ ରନ କରି ଲଙ୍ଗ୍ ଲେଗ୍‌ରେ ଜେମିସନଙ୍କୁ କ୍ୟାଚ୍ ଦେଇ ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଭ୍ୟାସ ମ୍ୟାଚ୍‌ରେ ଶତକ ହାସଲ କରିଥିବା ମିଡଲଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୭ ରନ କରି ୱାଟଲିଂଙ୍କୁ କ୍ୟାଚ୍ ଦେଇ ଜେମିସନଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଜେମିସନ ୩, ସୌଦି ଓ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ପ୍ରଥମ ଇନିଂସ- ୫୫ ଓଭରରେ ୧୨୨/୫ (ରାହାନେ- ୩୮*, ପନ୍ତ- ୧୦*, ପୃଥ୍ୱୀ- ୧୬, ମୟଙ୍କ- ୩୪, ପୂଜାରା- ୧୧, କୋହଲି- ୨, ବିହାରୀ- ୭, ଜେମିସନ- ୩/୩୮, ସୌଦି- ୧/୨୭, ବୋଲ୍ଟ- ୧/୪୪)।

# ଚାଇନାର ଅଲିମ୍ପିକ ଫୁଟ୍‌ବଲ କ୍ୱାଲିଫାୟର ସିଡ୍‌ନୀରେ

କୁଆଲାଲମ୍ପୁର, ୨୧।୨ (ଏଏଫପି)

ଅଲିମ୍ପିକ ମହିଳା ଫୁଟ୍‌ବଲ କ୍ୱାଲିଫାୟର ଅନ୍ତର୍ଗତ ଦକ୍ଷିଣ କୋରିଆ ବିପକ୍ଷ ହୋମ୍ ଲେଗ୍ ମ୍ୟାଚ ଚାଇନା ଅଷ୍ଟ୍ରେଲିଆର ସିଡ୍‌ନୀରେ ଖେଳିବ। ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଘାତକ କରୋନା ଭାଇରସ ଯୋଗୁ ଏହି ମ୍ୟାଚ ଚାଇନାରେ ଖେଳାଯିବା ସମ୍ଭବ ନ ଥିଲା। ବର୍ତ୍ତମାନ ଏହି ମ୍ୟାଚ ମାର୍ଚ୍ଚ ୧୧ରେ କ୍ୟାମ୍ପବେଲ ଟାଉନ୍ ଷ୍ଟାଡିୟମରେ ଖେଳାଯିବ। ମାର୍ଚ୍ଚ ୬ରେ ଦକ୍ଷିଣ କୋରିଆରେ ଦୁଇ ଦଳ ମଧ୍ୟରେ ପ୍ରଥମ ଲେଗ୍ ମ୍ୟାଚ ଖେଳାଯିବ। ଦୁଇ ଲେଗ୍ ବିଶିଷ୍ଟ ପ୍ଲେ-ଅଫ୍‌ରେ ଯେଉଁ ଦଳ ବିଜୟ ଲାଭ କରିବ ସେ ଟୋକିଓ ଅଲିମ୍ପିକ ଯୋଗ୍ୟତା ହାସଲ କରିବ। ଜାପାନ ଅଲିମ୍ପିକ୍ସର ଆୟୋଜକ ହିସାବରେ ଯୋଗ୍ୟତା ହାସଲ କରିସାରିଛି। ସମାନ ଦିବସରେ ଅନ୍ୟ ଏକ ପ୍ଲେ-ଅଫ୍ ମ୍ୟାଚ ଅଷ୍ଟ୍ରେଲିଆ ଓ ଭିଏତ୍‌ନାମ ମଧ୍ୟରେ ହେବ। ଏହି ମ୍ୟାଚର ବିଜେତା ମଧ୍ୟ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିବ। କରୋନା ଭାଇରସ ଯୋଗୁ ଚାଇନାରେ ହେବାକୁ ଥିବା ବଡ଼ ବଡ଼ ଇଭେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ଅବା ସ୍ଥାନାନ୍ତରିତ କରାଯାଇଛି। ଚାଇନାର କେନ୍ଦ୍ରାଞ୍ଚଳ ସହ ଉହାନରେ ଗତ ଡିସେମ୍ବରରେ କରୋନା ଭାଇରସର ଆବିର୍ଭାବ ଘଟିଥିଲା। ଏଥିରେ ପ୍ରାୟ ୨,୨୦୦ ଲୋକ ମୃତ୍ୟୁବରଣ କରିସାରିଲେଣି।

# ଭିନେଶ, ଅଂଶୁଙ୍କୁ ବ୍ରୋଞ୍ଜ ପଦକ

ନୂଆଦିଲ୍ଲୀ, ୨୧।୨(ପି.ଟି.)

ଏଠାରେ ଚାଲିଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗତ ଏବଂ ଅଂଶୁ ମାଲିକ ସେମାନଙ୍କ କାଟେଗୋରିରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୩ କେଜି କାଟେଗୋରି ବ୍ରୋଞ୍ଜ ପଦକ ବାଉଟରେ ଭିନେଶ ୧୦-୦ରେ ଭିଏତ୍‌ନାମର ଲାଇ କ୍ୟୁଙ୍କୁ ହରାଇ ଦେଇଥିବାବେଳେ ଉଜ୍‌ବେକିସ୍ତାନର ସେଭୋରା ଏସମୁରାଟୋଭାଙ୍କ ବିପକ୍ଷରେ ବିଜୟ ହାସଲ କରି ଅଂଶୁ ପୋଡିୟମ ଫିନିଶ କରିଥିଲେ। ପୂର୍ବରୁ ଭିନେଶ ଜାପାନର ମେୟୁ ମୁଆକିଡାଙ୍କଠାରୁ ପରାଜିତ ହୋଇ ସ୍ୱର୍ଣ୍ଣ ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ।

# ପ୍ରଜ୍ଞାନ ଓଝାଙ୍କ ଅବସର



ହାଇଦ୍ରାବାଦ,୨୧।୨(ପି.ଟି.)

ରାଜ୍ୟ ତଥା ଦେଶ ପାଇଁ ବହୁ ସଫଳତା ଆଣିଥିବା ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ଶୁକ୍ରବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ବାମହାତୀ ସ୍ପିନର ହାଇଦ୍ରାବାଦ୍ ପାଇଁ ଖେଳି ସୁନାମ ଅର୍ଜନ କରିବା ପରେ ଜାତୀୟ ଦଳରେ ସ୍ଥାନ ପାଇଥିଲେ। ସେ ୨୦୦୫ରେ ରେଲ୍‌ୱେ ବିପକ୍ଷରେ ରଣଜୀ ପଦାର୍ପଣ କରିଥିଲେ। ପରେ ସେ ହାଇଦ୍ରାବାଦ ଛାଡ଼ି ବେଙ୍ଗଲ ଓ ବିହାର ପକ୍ଷରୁ ମଧ୍ୟ ଖେଳିଥିଲେ। ସେ ୧୦୮ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୨୪ ଉଇକେଟ ନେଇଛନ୍ତି। ଭୁବନେଶ୍ୱରରେ ଜନ୍ମିତ ଓଝା ୨୦୦୯ରେ ଶ୍ରୀଲଙ୍କା ବିପକ୍ଷରେ ଅନ୍ତର୍ଜାତୀୟ ଟେଷ୍ଟ ପଦାର୍ପଣ ମ୍ୟାଚ୍ ଖେଳିଥିଲେ। ମୋଟ ୨୪ ଟେଷ୍ଟ ଖେଳିଥିବା ଓଝା ୧୧୩ ଉଇକେଟ ନେଇଥିଲେ। ୭ ଥର ଇନିଂସରେ ୫ ଉଇକେଟ ସଫଳତା ପାଇଥିଲେ। ଟେଷ୍ଟ ବ୍ୟତୀତ ଭାରତ ପାଇଁ ୧୮ ଦିନିକିଆ ଓ ୬ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଏକଦା ପଞ୍ଚମ ସ୍ଥାନ ଅକ୍ତିଆର କରିଥିଲେ। ଆଉ ଆଇପିଏଲରେ ପର୍ପଲ କ୍ୟାପ ଜିତିବାରେ ସେ ପ୍ରଥମ ବୋଲର। ଏହା ଥିଲା ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ଘଟଣା। ମୁଁ ଏବେ କମେଣ୍ଟ୍ରି କରିବାକୁ ଚାହୁଁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ମୋ ପୁଅ ଯୋହାନ ସହ ସମୟ ବିତାଇବି ବୋଲି ଓଝା କହିଛନ୍ତି। ସମୟ ଆସିଯାଇଛି ଜୀବନର ଏକ ପର୍ଯ୍ୟାୟ ଶେଷ କରିବାର। ଯେଉଁ ଭଲପାଇବା ଓ ସମର୍ଥନ ପାଇଛି, ତାହା ମନେ ରହିବ ଓ ମୋତେ ଅନୁପ୍ରାଣିତ କରିବ ବୋଲି ଓଝା ଟୁଇଟ୍ କରି ଲେଖିଛନ୍ତି। ଦେଶ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ମୋ ସ୍ୱପ୍ନ ଥିଲା। ମୁଁ କେତେ ଭାଗ୍ୟବାନ୍ ତାହା ବ୍ୟାଖ୍ୟା କରିବା ଲାଗି ମୋ ପାଖରେ ଶବ୍ଦ ନାହିଁ। ମୋ ସ୍ୱପ୍ନ ପୂରା କରିଛି। ଦେଶବାସୀଙ୍କଠାରୁ ଭଲ ପାଇବା ଓ ସମ୍ମାନ ପାଇଛି। ଜଣେ କ୍ରୀଡ଼ାବିତ ପାଇଁ ଏହାଠାରୁ ଆଉ କ'ଣ ବଡ଼ ସଫଳତା। କ୍ୟାରିୟରରେ ବହୁ ଉତ୍‌ଥାନ ଓ ପତନ ଦେଇ ଗତି କରିଛି। ଜଣେ କ୍ରୀଡ଼ାବିତ ପାଇଁ କଠିନ ପରିଶ୍ରମ ଓ ନିଷ୍ଠାର ଫଳାଫଳ ହିଁ ସବୁକିଛି ନୁହେଁ। ଟିମ୍ ମ୍ୟାନେଜମେଣ୍ଟ, ଦଳୀୟ ସଦସ୍ୟ, କୋଚ୍, ଟ୍ରେନର ଓ ପ୍ରଶଂସକଙ୍କ ବିଶ୍ୱାସ ମଧ୍ୟ ଦରକାର। ପ୍ରଜ୍ଞାନ ବିସିସିଆଇ, ଏଚ୍‌ସିଏ, ସିଏବି, ବିହାର ସିଏ ଓ ଆଇପିଏଲ ଦଳ ଡେକାନ ଚାର୍ଜର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ରତି ଧନ୍ୟବାଦ୍ ଦେଇଛନ୍ତି। ଏହା ବ୍ୟତୀତ ଓଝା ସିନିୟର ଓ ସାଥି ଖେଳାଳିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭିଭିଏସ୍ ଲକ୍ଷ୍ମଣ ମୋତେ ସାନ ଭାଇ ଭଳି ଭଲ କ୍ରୀଡ଼ାବିତ ହେବାରେ ସାହାଯ୍ୟ କରିଥିଲେ। ହରଭଜନ ସିଂ ମୋତେ ସର୍ବଦା ପରାମର୍ଶ ଦିଅନ୍ତି ଓ ମହେନ୍ଦ୍ର ସିଂ ଧୋନୀ ମୋତେ ଟିମ୍ ଇଣ୍ଡିଆର କ୍ୟାପ ପିନ୍ଧିବାକୁ ସୁଯୋଗ ଦେଇଥିଲେ। ରୋହିତ ଶର୍ମା ଓ ମନୋଜ ତିୱାରୀଙ୍କ ସହ ମୋର ବହୁ ସ୍ମୃତି ରହିଛି, ଯାହା ଆଜୀବନ ମନେ ରହିବ। ଶେଷରେ ସଚିନ ତେନ୍ଦୁଲକରଙ୍କଠାରୁ ଟେଷ୍ଟ କ୍ୟାପ ପାଇବା ଓ ୧୦୦ ଉଇକେଟ ଅଧିକାରୀ ହେବା ମୋ ପାଇଁ ସବୁଠୁ ବଡ଼ ସଫଳତା। ଦେଶରେ କ୍ରିକେଟର ଉନ୍ନତି ଲାଗି ନିଜ ଦକ୍ଷତା ଅନୁଯାୟୀ କାର୍ଯ୍ୟ କରିବି ବୋଲି ବିସିସିଆଇକୁ ପଠାଇଥିବା ଇସ୍ତଫା ପତ୍ରରେ ଓଝା ଲେଖିଛନ୍ତି।

# ସେମିରେ ସ୍ଥାନ ପାଇଁ ଓଡ଼ିଶାର ସଂଘର୍ଷ



ଓଡ଼ିଶାର ଦୁଇ ଅର୍ଦ୍ଧଶତକ ହାସଲକାରୀ ଦେବାଶିଷ ସାମନ୍ତରାୟ ଓ ଶାନ୍ତନୁ ମିଶ୍ର।

## ଡ୍ରିମ୍ସ ରଣଜୀ

କଟକ ଅଫିସ,୨୧।୨

ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ସିଜନର ଓଡ଼ିଶା-ବେଙ୍ଗଲ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତି ଦେଇ ଗତି କରୁଛି। ଦୁଇ ଦିବସର ଖେଳ ଶୁକ୍ରବାର ଶେଷ ହୋଇଥିବା ବେଳେ ଉଭୟ ଦଳ ମଧ୍ୟରେ ସେମିଫାଇନାଲରେ ସ୍ଥାନ ନେଇ କଡା ଟକ୍କର ଦେଖିବାକୁ ମିଳୁଛି। ବେଙ୍ଗଲର ପ୍ରଥମ ଇନିଂସ ୩୩୨ ରନରେ ସୀମିତ ରହିବା ପରେ ଓଡ଼ିଶା ୬୭.୧ ଓଭର ଖେଳି ୪ ଉଇକେଟ ବିନିମୟରେ ୧୫୧ ରନ କରିଛି। ଦେବାଶିଷ ସାମନ୍ତରାୟ ଓ ଶାନ୍ତନୁ ମିଶ୍ରଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ଦ୍ୱିତୀୟ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ଘରୋଇ ଓଡ଼ିଶା ୧୮୧ ରନ ପଛରେ ଥିବା ବେଳେ ହାତରେ ୬ ଉଇକେଟ ବାକି ଅଛି। ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିବା ପାଇଁ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ଏବେ ଉଭୟ ଦଳର ମୂଳଲକ୍ଷ୍ୟ।

ଅସମାପ୍ତ ଇନିଂସ ୩୦୮/୬ରୁ ବେଙ୍ଗଲ ଶୁକ୍ରବାରର ଖେଳ ଆରମ୍ଭ କରିଥିଲା। ଅନୁଷ୍ଟୁପ ମଜୁମଦାର ୧୩୬ ଓ ଶାହବାଜ ଅହମ୍ମଦ ୮୨ ରନରେ ଅପରାଜିତ ଥିଲେ। ଖେଳ ଆରମ୍ଭର ୩ୟ ଓଭରର ପ୍ରଥମ ବଲରେ ଶାହବାଜ କୌଣସି ରନ ଯୋଡ଼ିବା ପୂର୍ବରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ମୁକେଶ କୁମାର (୧ ରନ), ଈଶାନ ପୋରେଲ (୦) ବସନ୍ତ ମହାନ୍ତିଙ୍କ ଶିକାର ହୋଇଥିଲେ। ଦଳ ୯ଟି ଉଇକେଟ ହରାଇ ସାରିଥିବା ବେଳେ ଅନୁଷ୍ଟୁପ ଅଧିକରୁ ଅଧିକ ବଲ ନିଜେ ସମ୍ମୁଖୀନ ହୋଇ ଦଳୀୟ ସ୍କୋରକୁ ବୃଦ୍ଧି କରିବାକୁ ଚେଷ୍ଟା କରିଥିଲେ। ୨୨୨ ବଲରୁ ୧୫୦ ରନ ପୂରଣ କରିଥିବା ଅନୁଷ୍ଟୁପ ୧୫୭ ରନରେ ବସନ୍ତଙ୍କ ବଲରେ ଉଇକେଟ କିପର ରାଜେଶ ଧୂପରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଏଥିସହିତ ୩୩୨ ରନରେ ବେଙ୍ଗଲର ପ୍ରଥମ ଇନିଂସ ସୀମିତ ରହିଥିଲା। ଘରୋଇ ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଛନ୍ତି। ସୂର୍ଯ୍ୟକାନ୍ତ ୩, ପ୍ରୀତ କନୱର ସିଂ ଚୌହ୍ୱାନ ୨ ଓ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ପାଇଥିଲେ।

ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଖୁବ୍‌ଶୀଘ୍ର ପ୍ରଥମ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୦ ହୋଇଥିବା ବେଳେ ଓପନର ଅନୁରାଗ ଷଡ଼ଙ୍ଗୀ (୫ ରନ) ନୀଳକଣ୍ଠ ଦାସଙ୍କ ବଲରେ କ୍ୟାଚ୍‌ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଶାନ୍ତନୁ ଓ ଦେବାଶିଷ ୧୨୫ ରନ ସଂଗ୍ରହ କରି ପ୍ରାରମ୍ଭିକ ଚାପରୁ ମୁକୁଳାଇଥିଲେ। ଧିମା ବ୍ୟାଟିଂ କରିଥିବା ଓଡ଼ିଶା ୩୧ତମ ଓଭରରେ ୫୦ ରନ ଅତିକ୍ରମ କରିଥିଲା। ଶାନ୍ତନୁ ୧୪୭ ବଲରୁ ଓ ଦେବାଶିଷ ୧୨୧ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଓଡ଼ିଶାର ସ୍ଥିତି ସୁଦୃଢ଼ ହେବାକୁ ଯାଉଥିବା ବେଳେ ବେଙ୍ଗଲ ବୋଲରଙ୍କ ପ୍ରତ୍ୟାବର୍ତ୍ତନ ଓଡ଼ିଶାକୁ ପୁନର୍ବାର ଚିନ୍ତାରେ ପକାଇଛି। ଦେବାଶିଷ ୬୮, ଶାନ୍ତନୁ ୬୨ ରନରେ ଆଉଟ ହେବା ପରେ ଗୋବିନ୍ଦ ପୋଦ୍ଦାର ଦିବସର ଅନ୍ତିମ ବଲରେ ୧୧ ରନରେ ପ୍ୟାଭିଲିୟନ ଫେରିଥିଲେ। ନାଇଟ ୱାଚମ୍ୟାନ ଭାବେ କ୍ରିଜକୁ ଆସିଥିବା ଦେବବ୍ରତ ପ୍ରଧାନ କୌଣସି ରନ୍ ନ କରି ଅପରାଜିତ ଅଛନ୍ତି।

**ଅନ୍ତିମ ସେସନ୍‌ରେ ତ୍ରୁଟି**

ଶୁକ୍ରବାର ଖେଳର ପ୍ରଥମ ସେସନରେ ଓଡ଼ିଶା ଦଳ ଓପନର ଅନୁରାଗଙ୍କ ଉଇକେଟ ହରାଇଥିଲା। ମଧ୍ୟବର୍ତ୍ତୀ ସେସନ୍ ସମ୍ପୂର୍ଣ୍ଣ ଭାବେ ଦେବାଶିଷ ଓ ଶାନ୍ତନୁଙ୍କ ଅକ୍ତିଆରରେ ରହିଥିଲା। ହେଲେ ଅନ୍ତିମ ସେସନ୍‌ରେ ଚାପର ବଶବର୍ତ୍ତୀ ହୋଇ ଓଡ଼ିଶା ବ୍ୟାଟ୍ସମ୍ୟାନଙ୍କ ସାମାନ୍ୟ ତ୍ରୁଟିପୂର୍ଣ୍ଣ ବ୍ୟାଟିଂ ଯୋଗୁ ୩ଟି ଉଇକେଟର ପତନ ଘଟିଛି। ୬୮ ରନ କରିଥିବା ବେଳେ ଦେବାଶିଷ ବେଙ୍ଗଲର ମିଡ଼ିୟମ ପେସ ବୋଲର ନୀଳକଣ୍ଠଙ୍କ ଦ୍ୱାରା ଆଉଟ ହୋଇଥିଲେ। ୱାଇଡ ଲେନ୍ଥରେ ପଡ଼ିଥିବା ଏକ ସ୍ଲୋ ବଲକୁ କଭର ଡ୍ରାଇଭ ମାରିବାକୁ ଚେଷ୍ଟା କରି ଦେବାଶିଷ ଉଇକେଟ କିପର ହାତରେ ଧରାପଡ଼ିଥିଲେ। ଏହାପରେ ସ୍ପିନର ଶାହବାଜ ଅହମ୍ମଦ ଏକ ଯାଦୁକରୀ ସ୍ପିନ ବଲରେ ଶାନ୍ତନୁଙ୍କୁ ବୋଲ୍ଡ କରିଥିଲେ। ଅମ୍ପାୟର ଗୋଟିଏ ଓଭର ଖେଳ ବାକି ରହିଛି ବୋଲି ଘୋଷଣା କରିବାର ପ୍ରଥମ ବଲରେ ଆଉଟ ହୋଇଥିଲେ ଗୋବିନ୍ଦ। ଈଶାନ ପୋରେଲଙ୍କ ଏକ ବାଉନ୍ସରଙ୍କୁ ରୋକିବାକୁ ଯାଇ ସ୍ଲିପ ଅଞ୍ଚଳରେ ଗୋବିନ୍ଦ କ୍ୟାଚ ଆଉଟ ହୋଇଛନ୍ତି।

**ବେଙ୍ଗଲ ଶିବିରରେ ରାଜୀବ ସେଠ୍**

ପୂର୍ବତନ ରଣଜୀ ଖେଳାଳି ରାଜୀବ ସେଠ୍‌ଙ୍କୁ ବେଙ୍ଗଲ ଶିବିରରେ ଦେଖିବାକୁ ମିଳିଥିଲା। କୋଚ୍ ଅରୁଣ ଲାଲ ଓ ଖେଳାଳିମାନଙ୍କ ସହ ସେ ଦୀର୍ଘ ସମୟ ଧରି ଆଲୋଚନା କରୁଥିଲେ। ଦିଲ୍ଲୀରେ ଜନ୍ମିତ ରାଜୀବ ଓଡ଼ିଶା ଓ ବେଙ୍ଗଲ ପକ୍ଷରୁ ପ୍ରଥମ ଶ୍ରେଣୀ ଓ ଲିଷ୍ଟ-ଏ ଫର୍ମାଟ ମ୍ୟାଚ୍ ଖେଳିଛନ୍ତି। ୯୦ ଦଶକରେ ରାଜୀବ ଓଡ଼ିଶା ପକ୍ଷରୁ ରଣଜୀ ଖେଳିଥିଲେ।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲୋକନାଥ ଦାଶ
ରବି ଟକିଜ ଛକ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୧୩।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ବାସନ୍ତୀ ଦାଶ, ପୁତ୍ର: ତ୍ରିଲୋଚନ, ବିଶ୍ୱଜିତ, କନ୍ୟା: କଳ୍ପନା, ତପସ୍ୱିନୀ, ଜାମାତା: ଅରିଜିତ ଏବଂ ରୋନକ, ମାନା, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୯୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଙ୍କୁର ଚରଣ ସାହୁ
ଗ୍ରାମ: ଭୁଜବଳ, ବେଲାରପୁର, ଡେରାବିଶ୍, କେନ୍ଦ୍ରାପଡ଼ା
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୮୨୩




# ବସ୍‌ରୁ ଖସି ଯାତ୍ରୀ ଗୁରୁତର

**ପରଜଙ୍ଗ, ୨୧।୨(ଡି.ଏନ.ଏ.)**

ପରଜଙ୍ଗ ଥାନା ଡିହଡୋଳ–ମହାବିରୋଡ଼ ରାସ୍ତାର ଆମ୍ବପଳାସ ଗ୍ରାମ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଘରୋଇ ବସ୍ ବିକାଶ (ନଂ. ଓଆର୍ ୧୯ସି ୬୯୮୧)ରୁ ଖସିପଡ଼ି ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ତେଲକୋଇ ଥାନା କାଳିମା ଗ୍ରାମର କାଳିଆ ପେଣ୍ଟଇ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଉକ୍ତ ବସ୍ ତାଳଚେରରୁ ମହାବିରୋଡ ଆଡକୁ ଯାଉଥିଲା। ପରଜଙ୍ଗ ବଜାରରେ କାଳିଆ ଉକ୍ତ ବସ୍‌ରେ ଚଢ଼ିଥିଲେ। ବସ୍‌ରେ ମାତ୍ରାଧିକ ଯାତ୍ରୀ ଥିବାବେଳେ କାଳିଆ ଝୁଲନ୍ତା ଅବସ୍ଥାରେ ବସ୍ ଯାତ୍ରା କରୁଥିଲେ। ଏହି ସମୟରେ ହାତ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ, ପିଠିରେ ଗଭୀର ଆଘାତ ଲାଗିଛି। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ବସ୍ ଜବତ କରି ତଦନ୍ତ ଆରମ୍ଭ କରିଛି।




# ମିଡିଆ ମ୍ୟୁଜିୟମ ବୁଲିଲେ ଛାତ୍ରୀଛାତ୍ର



**ଢେଙ୍କାନାଳ ଅଫିସ, ୨୧।୨**

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ଥିବା ମିଡିଆ ମ୍ୟୁଜିୟମକୁ ଶୁକ୍ରବାର କାମାକ୍ଷାନଗର ପଞ୍ଚାୟତିରାଜ ହାଇସ୍କୁଲର ଛାତ୍ରୀଛାତ୍ର ବୁଲି ଦେଖିଥିଲେ। ଶିକ୍ଷାର୍ଥୀମାନେ ମ୍ୟୁଜିୟମରେ ପ୍ରଦର୍ଶିତ ବିଭିନ୍ନ ଉପକରଣ, ଐତିହାସିକ ଘଟଣାବଳୀ ସମ୍ବଳିତ ପ୍ରଥମ ପୃଷ୍ଠାର ଖବରକାଗଜ ଦେଖି ନୂଆ ଅନୁଭୂତି ସାଉଁଟିଥିଲେ। ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଅବଗତ କରାଇଥିଲେ। ଏହି ଉପଲକ୍ଷେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଧୀନ ସାହୁ, ଶୁଭସ୍ମିତା ପ୍ରଧାନ ବିଜୟୀ ହୋଇଥିଲେ। ଏହାପରେ ସ୍ୱତନ୍ତ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। କାନପୁରା ହାଇସ୍କୁଲର ଛାତ୍ରୀଛାତ୍ରମାନେ କ୍ରମାଗତ ତୃତୀୟ ଥର ଜାତୀୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏପରି ସଫଳତା ପାଇଁ ଆଇଆଇଏମ୍‌ସି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

# ମନ୍ଦିରକୁ ଯିବାବେଳେ ବାଇକ୍‌ରୁ ଖସି ବୃଦ୍ଧା ମୃତ

ତିହିଡ଼ି,୨୧।୨(ଡି.ଏନ.ଏ.)–ଭଦ୍ରକ ଜିଲା ତିହିଡ଼ି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଉପରଦୁମୁକା ଗ୍ରାମର ଜଣେ ବୃଦ୍ଧା ଶୁକ୍ରବାର ସକାଳେ ବାଇକ୍‌ରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ ବାସନ୍ତୀ ନାୟକ। ବାସନ୍ତୀ ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ବସି ଆରଡ଼ିସ୍ଥିତ ଆଖଣ୍ଡଳମଣି ପୀଠକୁ ଯାଉଥିଲେ। ତଳଦୁମୁକା ଗ୍ରାମଠାରୁ କିଛି ଦୂରରେ ଥିବା ଏକ ପୋଲ ନିକଟରେ ସେ ବାଇକ୍‌ରୁ ଖସି ପଡ଼ିଥିଲେ। ଭଦ୍ରକ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ